R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୧୨
ତିଥି : ଦ୍ୱାଦଶୀ
୨୬ ଜାନୁଆରୀ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍ଲଏଡ୍ ସହ)

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

### ଶୁଭେଚ୍ଛା

୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ 'ସମୟ' ପରିବାର ପକ୍ଷରୁ ଆମର ଅଗଣିତ ପାଠକ, ପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ବିତରକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

**ନିର୍ଦ୍ଦେଶିକା**

### 'ସମୟ'ର ଛୁଟି

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜାନୁଆରୀ ୨୬ ତାରିଖ 'ରବିବାର' 'ସମୟ' କାର୍ଯ୍ୟାଳୟ ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ ସକାଳେ ପ୍ରକାଶ ପାଇବ ।

**ନିର୍ଦ୍ଦେଶିକା**

### ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ସପକ୍ଷରେ ରାଷ୍ଟ୍ରପତି

## ନୀତିଗତ ସ୍ଥାଣୁତାକୁ ପ୍ରତିରୋଧ କରିବ



ନୂଆଦିଲ୍ଲୀ, ୨୫।୧ : ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ସପକ୍ଷରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହା ପ୍ରଶାସନର ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ସହ ସ୍ଥାଣୁ ହୋଇପଡୁଥିବା ନୀତି ପ୍ରତିରୋଧ କରିବ ଏବଂ ଆର୍ଥିକ ବୋଧ ହ୍ରାସ କରିବ । ଗୋଟିଏ ରାଷ୍ଟ୍ର ଓ ଗୋଟିଏ ନିର୍ବାଚନ ଅର୍ଥାତ୍ (୯ ପୃଷ୍ଠାରେ)

### ପଦ୍ମ ପୁରସ୍କାର ଘୋଷଣା

## ଓଡ଼ିଶାରୁ ୪ ଜଣଙ୍କୁ ପଦ୍ମଶ୍ରୀ



**୭ ଜଣ ପାଇଲେ ପଦ୍ମ ବିଭୂଷଣ**
**୧୯ ଜଣଙ୍କୁ ପଦ୍ମଭୂଷଣ**
**୧୧୩ଙ୍କୁ ପଦ୍ମଶ୍ରୀ ପୁରସ୍କାର**

ନୂଆଦିଲ୍ଲୀ,୨୫।୧: ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି । ବିଶେଷକରି ବିଭିନ୍ନ କ୍ଷେତ୍ର ଯଥା କଳା, ସମାଜସେବା, ବିଜ୍ଞାନ, କାରିଗରୀ, ଔଷଧ, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ବେସାମରିକ ସେବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ୧୩୯ ଜଣ ପଦ୍ମ ପୁରସ୍କାର ପାଇବେ ବୋଲି ଘୋଷଣା ହୋଇଛି । ସେଥିମଧ୍ୟରୁ ୭ ଜଣଙ୍କୁ ପଦ୍ମ ବିଭୂଷଣ, ୧୯ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପରୁସ୍କାର ଦିଆଯିବ । ପୁରସ୍କାର ପାଉଥିବା ତାଲିକାରେ ୨୩ ମହିଳା ଅଛନ୍ତି ଓ ୧୦ ଜଣ ବିଦେଶୀ, ଏନ୍ଆର୍ଆଇ ଆଦି ବର୍ଗରେ (୯ ପୃଷ୍ଠାରେ)

## ଉତ୍କର୍ଷ ଓଡ଼ିଶାରେ ୫ ଲକ୍ଷ କୋଟି ପୁଞ୍ଜି ନିବେଶ ଲକ୍ଷ୍ୟ




ଭୁବନେଶ୍ୱର,୨୫।୧ (ସବ୍ୟୁ): ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା।୨୦୨୫ କାର୍ଯ୍ୟକ୍ରମ ଭୁବନେଶ୍ୱର ଜନତା ମୈଦାନରେ ଆଉ ଦୁଇ ଦିନ ପରେ ଆରମ୍ଭ ହେବ । ଏହି ଦୁଇ ଦିନିଆ ମେଗା କାର୍ଯ୍ୟକ୍ରମରେ ଶିଳ୍ପ ଜଗତର ଜଣାଶୁଣା ବ୍ୟକ୍ତିବିଶେଷ ଉପସ୍ଥିତ ରହିବେ । ରାଜ୍ୟର ସ୍ଥାୟୀ ଅଭିବୃଦ୍ଧିକୁ ଅଗ୍ରଗତି କରିବାର ଲକ୍ଷ୍ୟ ନେଇ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବିକଶିତ ହୋଇଛି ଏବଂ ବିକଶିତ ଓଡ଼ିଶା ଦିଗରେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ।

ଭୁବନେଶ୍ୱର ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜାନୁଆରୀ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମ ଯୋଗଦେବେ । କାର୍ଯ୍ୟକ୍ରମ ଜରିଆରେ ଷ୍ଟେଟ ଅଫ୍ ଓଡ଼ିଶା, ସ୍କିଲ (୯ ପୃଷ୍ଠାରେ)

## 'ଆପ୍' ପୋଷ୍ଟରକୁ ନେଇ ବିବାଦ ତୀବ୍ର

ନୂଆଦିଲ୍ଲୀ, ୨୫।୧ : ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେପି, କଂଗ୍ରେସ, ଆପ୍ ମଧ୍ୟରେ ରାଜନୈତିକ ଲଢ଼େଇ ବେଶ୍ ବିବାଦୀୟ ହେବାରେ ଲାଗିଛି । ତେବେ ଆପ୍ ପକ୍ଷରୁ ଯେଉଁ ପୋଷ୍ଟର ୱାର କରାଯାଉଛି ତାହା ବିବାଦକୁ ଜନ୍ମ ଦେଉଛି । ଆଜି ଆପ୍ ପକ୍ଷରୁ ଅସାଧୁ ଲୋକଙ୍କର ଏକ ପୋଷ୍ଟର ଜାରି କରାଯାଇଛି । ଏଥିରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଦିଲ୍ଲୀ ବିଜେପି ନେତାଙ୍କ ସମେତ କଂଗ୍ରେସର ଅଜୟ ମାକେନ ଓ ସନ୍ଦୀପ ଦିକ୍ଷୀତଙ୍କ ଫଟୋ ରହିଛି । ସନ୍ଦୀପ ଦିକ୍ଷୀତି ଯେକରି ଦିଲ୍ଲୀ ପୂର୍ବ ମୁଖ୍ୟମନ୍ତ୍ରୀ ସିଲା ଦିକ୍ଷୀତିଙ୍କ ପୁଅ । ସେ ନୂଆଦିଲ୍ଲୀ ନିର୍ବାଚନମଣ୍ଡଳୀରେ ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ଲଢ଼େଇ କରୁଛନ୍ତି ।

ତେବେ ପୋଷ୍ଟରର ରୋଚକ ଫଟୋ ହେଉଛି ଯେ ଅରବିନ୍ଦ କେଜରିୱାଲଙ୍କୁ ଇମାନ୍ଦାରୀ ବୋଲି ଦର୍ଶାଯାଇଛି । ଏହି ପୋଷ୍ଟରକୁ ନେଇ ଏବେ ବିବାଦ ତେଜିଛି । କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଆପ୍‌କୁ ସମାଲୋଚନା କରି କହିଛନ୍ତି ଯେ ପୋଷ୍ଟରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶ ନାହାନ୍ତି । ତାହେଲେ ସେ କ'ଣ ଅସାଧୁ? କେଜରିୱାଲ ହେଉଛନ୍ତି ମହିଳା ବିରୋଧୀ ବୋଲି ଏଥିରୁ ସ୍ପଷ୍ଟ ହୋଇଛି । କେଜରିୱାଲ ନିଜକୁ ଦିଲ୍ଲୀର ସାହେନ୍ସା ଭାବୁଛନ୍ତି ବୋଲି ଶ୍ରୀ ଠାକୁର କହିଛନ୍ତି । ସେ କହିଛନ୍ତି ଯେ ମଦ ଦୁର୍ନୀତିରେ କେଜରିୱାଲଙ୍କ ସମେତ ତାଙ୍କ ମନ୍ତ୍ରୀ, (୯ ପୃଷ୍ଠାରେ)

T-

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

*****

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ସୋମବାର ଇଂରାଜୀ **ତା. 27/01/2025** ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR : 09014/11/0055/2425








# ଗଣତନ୍ତ୍ର ଦିବସର ଇତିହାସ





ପ୍ରତିବର୍ଷ ୨୬ ଜାନୁଆରୀରେ ସାରା ଭାରତରେ ଉତ୍ସାହର ସହ ପାଳନ ହୁଏ ଗଣତନ୍ତ୍ର ଦିବସ । ୧୯୫୦ ଜାନୁଆରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ସହ ଏଠାରେ ଏକ ଲିଖିତ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତି ରାଜଧାନୀ ଦିଲ୍ଲୀର ଲାଲକିଲ୍ଲା ଦୁର୍ଗଠାରେ ଜାତୀୟ ପତାକା ଉତ୍ତୋଳନ କରି ଭାରତୀୟ ସାମରିକ ବାହିନୀ, ଅର୍ଦ୍ଧ ସାମରିକ ବାହିନୀ, ପୁଲିସ ବାହିନୀ ଓ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା କ୍ୟାଡେଟମାନଙ୍କଠାରୁ ପ୍ୟାରେଡ଼ ଅଭିବାଦନ ଗ୍ରହଣ କରନ୍ତି । ଭାରତୀୟ ସେନା (ନୌସେନା, ସ୍ଥଳସେନା, ବାୟୁସେନା) ଓ ଅଶ୍ୱାରୋହୀ, ପଦାତିକ ଆଦି ବାହିନୀ ସେମାନଙ୍କର ଶୋଭାଯାତ୍ରାରେ ବାହାରିଥାଆନ୍ତି । ଏଥିସହିତ ଭାରତର ବିଭିନ୍ନ ସାଂସ୍କୃତିକ ଝଲକ ବିଭିନ୍ନ ରାଜ୍ୟରୁ ଆସିଥିବା ଦଳମାନେ ପ୍ରସ୍ତୁତ କରିଥାନ୍ତି । ୧୫ ଅଗଷ୍ଟ ୧୯୪୭ ଦିନଠାରୁ ମାଉଣ୍ଟ ବ୍ୟାଟେନ ପ୍ରଥମ ଗଭର୍ନର ଜେନେରାଲ ହେଲେ, ଯାହାକୁ କନଷ୍ଟିଚ୍ୟୁସନାଲ ମୋନାର୍କି କୁହାଯାଉଥିଲା । ସେତେବେଳେ ପରିବର୍ତ୍ତିତ କଲୋନିଆଲ ଗଭର୍ନମେଣ୍ଟ ଇଣ୍ଡିଆ ଆକ୍ଟ ୧୯୩୫ ଦ୍ୱାରା ଭାରତର ଶାସନ ପରିଚାଳିତ ହେଉଥିଲା । ପରେ ଭାରତର ସମ୍ବିଧାନ ତିଆରି କରିବା ନିମନ୍ତେ ୨୮ ଅଗଷ୍ଟ ୧୯୪୭ରେ ଗୋଟିଏ ଚିଠା କମିଟି ତିଆରି କରାଗଲା । ଶେଷରେ ୨୪ ଜାନୁଆରୀ ୧୯୫୦ ମସିହାରେ ଚିଠା ପ୍ରସ୍ତାବର ଇଂରାଜୀ ଓ ହିନ୍ଦିରେ ଲିଖିତ ଦୁଇ କପି ଉପରେ ୩୦୮ ସଦସ୍ୟ ଦସ୍ତଖତ କଲେ । ପରେ ଏହି ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ରେ ଏହା ବଳବତ୍ତର ହେଲା, ଯାହାକୁ ଆମେ ସାଧାରଣତନ୍ତ୍ର ଦିବସ ଭାବରେ ପାଳନ କରୁ । ବ୍ରିଟିଶ ଶାସନରୁ ସ୍ୱାଧୀନତା ହାସଲ କରିବା ପରେ ଡକ୍ଟର ବି.ଆର ଆମ୍ବେଦକରଙ୍କ ଅଧୀନରେ ଡ୍ରାଫ୍ଟ କମିଟି ଦ୍ୱାରା ନୂତନ ସମ୍ବିଧାନ ଲେଖା ହୋଇଥିଲା । ପ୍ରତିବର୍ଷ ଅନ୍ୟ ଏକ ଦେଶର ରାଷ୍ଟ୍ର ମୁଖ୍ୟ ବା ରାଷ୍ଟ୍ର ପ୍ରତିନିଧିଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯାଏ । ୧୯୫୦ ମସିହାରୁ ଏହି ପରମ୍ପରା ଚଳି ଆସୁଛି । ଏହି ପର୍ବ ପ୍ରତ୍ୟେକ ରାଜ୍ୟରେ ମଧ୍ୟ ଆୟୋଜିତ ହୋଇଥାଏ ଓ ସେଠାକାର ରାଜ୍ୟପାଳ ପ୍ୟାରେଡ଼ ଅଭିବାଦନ ଗ୍ରହଣ କରିଥାନ୍ତି ।

ରବିନାରାୟଣ ପଟ୍ଟନାୟକ
ମୋ:୯୯୩୮୧୧୩୨୨୬

# ଟ୍ରାଇକଲର୍ ଫ୍ୟାଶନ







**ଗଣତନ୍ତ୍ର ଦିବସରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ଯେଉଁଥିରେ ସମସ୍ତେ ଟ୍ରାଇକଲର ଫ୍ୟାଶନରେ ଦେଖିବାକୁ ମିଳନ୍ତି । ତେବେ ଆପଣ ଏଥିରେ ବିଭିନ୍ନ ପ୍ରକାରର ପୋଷାକକୁ ଷ୍ଟାଇଲ କରିପାରିବେ । ଆସନ୍ତୁ ଜାଣିବା ସେହିଭଳି କିଛି ଟ୍ରାଇକଲର ଫ୍ୟାଶନ ସମ୍ପର୍କରେ ।**

**କୁର୍ତ୍ତି–** ଯଦି ଆପଣଙ୍କର କୁର୍ତ୍ତୀ ପସନ୍ଦ ତେବେ ଏହି ଦିନ ଟ୍ରାଇକଲରର କୁର୍ତ୍ତି ଟ୍ରାଏ କରନ୍ତୁ । ଏହା ଏକ ଡିଫରେଣ୍ଟ୍ ଲୁକ୍ ଦେବ । ଏହାସହିତ ଦୁପଟ୍ଟା ଓ ପ୍ୟାଣ୍ଟ ନିଜ ପସନ୍ଦ ଅନୁଯାୟୀ ମ୍ୟାଚ କରାଇବେ । ସେହିଭଳି ଜୁଏଲାରୀ ଟିକେ ହେଭି ପିନ୍ଧିବେ ଯାହା ଫଳରେ ଆପଣ ଏକ ସୁନ୍ଦର ଫେଷ୍ଟିଭ୍ ଲୁକ୍ ପାଇପାରିବେ । ଏହା ବିଭିନ୍ନ ଫାବ୍ରିକ୍ ଓ ଡିଜାଇନ୍ର ମିଳିଥାଏ । ସେହିଭଳି ଏଥିରେ ଟ୍ରାଇକଲରର ଷ୍ଟୋଲ ମଧ୍ୟ ବ୍ୟବହାର କରିପାରିବେ ।

**ଶାଢି–** ଭାରତୀୟ ପରମ୍ପରା ଶାଢିରେ ଝଲକି ଥାଏ । ଏହି ଦିନ ଏକ ଟ୍ରାଇ କଲର ହେଉ କିମ୍ବା ତ୍ରିରଙ୍ଗାରେ ଥିବା ଯେ କୌଣସି ରଙ୍ଗ ହେଉ କାହାର ବି ପିନ୍ଧିପାରିବେ । ତେବେ ଟ୍ରାଇ କଲର ଶାଢି ବେଶି ଭଲ ଲାଗିବ । ତେବେ ଶାଢିରେ ମିନିମାଲ ଜୁଏଲାରୀ ପିନ୍ଧନ୍ତୁ । ହେୟାର ଷ୍ଟାଇଲ୍ ଖୋଲା ରଖିପାରିବେ ଏହା ବେଶି ମାନିଥାଏ । ଆଜିକାଲି ବଜାରରେ ସ୍ୱାଧୀନତା ଦିବସକୁ ଆଖିରେ ରଖି ବିଭିନ୍ନ ଡିଜାଇନ ତଥା ବିଭିନ୍ନ ଫାବ୍ରିକର ଟ୍ରାଇକଲର ଶାଢି ମିଳୁଛି ।

**ଧଳା କୁର୍ତ୍ତା ସହିତ ଷ୍ଟୋଲ–** ପୁଅ ପିଲାଙ୍କ ପାଇଁ ମଧ୍ୟ ଏଥିରେ ପୋଷାକ ରହିଛି । ଆପଣ ପ୍ଲେନ୍ ଧଳା ରଙ୍ଗର କୁର୍ତ୍ତା ସହିତ ଟ୍ରାଇକଲରର ଷ୍ଟୋଲ ପକାଇ ପାରିବେ । ଏହା ଆପଣଙ୍କୁ ଏକ ଏଲିଗାଣ୍ଟ ୟୁନିକ ଲୁକ୍ ଦେବ । ଏଥି ସହିତ ହାତରେ ଟ୍ରାଇକଲରର ବ୍ୟାଣ୍ଡ ପିନ୍ଧନ୍ତୁ ଭଲ ଲାଗିବ ।



**ଫ୍ରକ–** ଛୋଟ ପିଲାଙ୍କ ପାଇଁ ଟ୍ରାଇକଲର ଫ୍ୟାଶନରେ ରହିଛି ଫ୍ରକ । ଏହିଦିନ ଛୋଟଛୋଟ ପିଲାଙ୍କୁ ଟ୍ରାଇକଲରର ଫ୍ରକ ପିନ୍ଧାନ୍ତୁ ଏହା ବେଶ୍ ଫ୍ୟାଶନେବଲ ହୋଇଥାଏ । ସେମାନଙ୍କୁ କିଛି ଜୁଏଲାରୀ ନୁହେଁ କେବଳ ହାତରେ ବ୍ୟାଣ୍ଡ ପିନ୍ଧାଇପାରିବେ ଏହା ବେଶ୍ ସୁନ୍ଦର ଦିଶିଥାଏ । ଏହା ସହିତ ଧଳା ରଙ୍ଗର ଜୋତା ପିନ୍ଧାନ୍ତୁ ବେଶ୍ ୟୁନିକ୍ ଷ୍ଟାଇଲ ଲାଗିବ ।

# ତ୍ରିରଙ୍ଗା ଢୋକଲା

**ସାମଗ୍ରୀ–** ସୁଜି, ଦହି, ଗାଜର, ପାଳଙ୍ଗ, ଲୁଣ, ହେଙ୍ଗୁ, ସୋରିଷ, କଞ୍ଚା ଲଙ୍କା, ଚିନି ।

**ପ୍ରଣାଳୀ–** ପ୍ରଥମେ ସୁଜିରେ ଦହି ମିଶାଇ ଗୋଳାନ୍ତୁ । ଏହି ମିଶ୍ରଣକୁ କିଛି ସମୟ ପାଇଁ ଅଲଗା ରଖିଦିଅନ୍ତୁ । କିଛି ସମୟ ରଖିବା ପରେ ଏହି ମିଶ୍ରଣକୁ ତିନି ଭାଗରେ ବିଭକ୍ତ କରନ୍ତୁ । ଏହାପରେ ଗୋଟିଏ ଭାଗରେ ଗାଜର, ଆଉ ଏକ ଭାଗରେ ପାଳଙ୍ଗ ମିଶାନ୍ତୁ । ବର୍ତ୍ତମାନ ତ୍ରିରଙ୍ଗା ଢୋକଲା କରିବା ପାଇଁ ପ୍ରଥମେ ଗ୍ରୀନ କଲର ମିଶ୍ରଣ ଦେଇ ୫ ମିନିଟ୍ ସିଝାଇ ନିଅନ୍ତୁ । ଏହାପରେ ଏହା ଉପରେ ଧଳା ରଙ୍ଗର ମିଶ୍ରଣ ଦେଇ ଆଉ ୫ମିନିଟ ସିଝାନ୍ତୁ । ଶେଷରେ କମଳା ରଙ୍ଗର ମିଶ୍ରଣ ଦେଇ ସିଝାଇ ପ୍ରସ୍ତୁତ କରନ୍ତୁ ତ୍ରିରଙ୍ଗା ଢୋକଲା । ଏହାକୁ ଚଟଣି ସହିତ ପରଷନ୍ତୁ, ବେଶ୍ ସ୍ୱାଦିଷ୍ଟ ହୋଇଥାଏ ।



# କାର୍‌କୁ ନେଇ ଚର୍ଚ୍ଚାରେ



ବଲିଉଡ ଅଭିନେତ୍ରୀ ମାଧୁରୀ ବିଭିନ୍ନ ସମୟରେ ଭିନ୍ନଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ନିକଟରେ ମାଧୁରୀଙ୍କୁ ତାଙ୍କ ସ୍ୱାମୀଙ୍କ ସହିତ ୬କୋଟିର ଏକ ସୁପର କାରରେ ଦେଖିବାକୁ ମିଳିଛି, ଯାହା ପରେ ମାଧୁରୀ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଏହି ସୁପର କାର୍‌ରେ ଉଭୟ ଉଦୟପୁର ସହର ବୁଲୁଥିବାର ଦେଖିବାକୁ ମିଳିଥିଲା । ତେବେ ଏହି ସୁପରକାର ବିକୁଥିବା କମ୍ପାନୀ ଭାରତରେ ଏହାରି ଭିତରେ ୫୦ଟି କାର ବିକିସାରିଛି, ଯେଉଁଥିପାଇଁ ସେ ଏହାର ଉତ୍ସବ ପାଳନ କରୁଥିଲା । ଯେଉଁ କାରଣ ପାଇଁ ମାଧୁରୀ ଏହି ସୁପରକାରରେ ଉଦୟପୁର ଆସିଥିଲେ । ଏହି ଉତ୍ସବରେ ପାଖାପାଖି ୧୧ଟି କାର ଓ ଏମାନଙ୍କର ମାଲିକ ସାମିଲ ଥିଲେ । ଏହି କାର ଗୁଡିକର ଦାମ ୫କୋଟିରୁ ଆରମ୍ଭ ହୋଇ ୧୨ କୋଟି ହୋଇଥାଏ । ସେହିଭଳି ଉଦୟପୁର ସହର ତାଙ୍କୁ ଖୁବ ଭଲ ଲାଗିଥିଲା ବୋଲି ମାଧୁରୀ ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି ।

# ତ୍ରିରଙ୍ଗା



- ଭାରତର ତ୍ରିରଙ୍ଗାର ଲମ୍ବ ଓ ଚଉଡାର ଅନୁପାତ ୨ : ୩ ।
- ୧୯୪୭ ଜୁଲାଇ ୨୨ରେ ତ୍ରିରଙ୍ଗାର ରଙ୍ଗକୁ ଆସେମ୍ବଲି ମିଟିଂରେ ନିର୍ଦ୍ଧାରଣ କରାଯାଇଥିଲା ।
- ଏଥିରେ ଥିବା ନାରଙ୍ଗୀ ରଙ୍ଗର ଅର୍ଥ ସାହସ, ଧଳାର ଅର୍ଥ ସତ୍ୟ ଏବଂ ସବୁଜ ଜୀବନ ଓ ପ୍ରଗତିକୁ ସୂଚାଇଥାଏ ।
- ଏଥିରେ ଥିବା ଚକ୍ରରେ ୨୪ଟି ଅଖ ରହିଛି, ଯାହା ତ୍ରିରଙ୍ଗାର ମଝିରେ ରହିଥାଏ । ଏହା ଆମର ପ୍ରଗତିକୁ ସୂଚାଇଥାଏ ।
- ଏହି ପତାକାକୁ ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଲି ଭେଙ୍କୟା ଡିଜାଇନ କରିଥିଲେ ।
- ତ୍ରିରଙ୍ଗାକୁ ନେଇ ହେଉଥିବା ବିଭିନ୍ନ ନିଷ୍ପତ୍ତିକୁ ଏକ କମିଟି କରୁଥିଲା ଯାହାକୁ ଡ. ରାଜେନ୍ଦ୍ର ପ୍ରସାଦ ନେତୃତ୍ୱ ନେଉଥିଲେ ।
- ଜାତୀୟ ପତାକାର ପ୍ରସ୍ତୁତି କରିବା ଅଧିକାର ଆମର ଖଦି ବିକାଶ ଏବଂ ଗ୍ରାମ ଶିଳ୍ପ ଆୟୋଗ କମିଶନ ପାଖରେ ରହିଛି ।

# ଖେଳାଳିଙ୍କ ବାବା ଅବତାର

କୁମ୍ଭମେଳାକୁ ନେଇ ଅନେକ ସମୟରେ ଭିନ୍ନଭିନ୍ନ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ବିଭିନ୍ନ ବାବାଙ୍କ ପରେ ବର୍ତ୍ତମାନ ଭାରତୀୟ କ୍ରିକେଟ ଖେଳାଳିଙ୍କର ବାବା ଅବତାରରେ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଫଟୋ ଗୁଡିକ ଏଆଇକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି । ଏହି ଫଟୋରେ ଧୋନି, କୋହଲି, ରୋହିତ୍, ପାଣ୍ଡ୍ୟା, ରିଷଭ, କେଏଲ୍ ରାହୁଲ, ବୁମରା ଆଦି ସ୍ଥାନ ପାଇଛନ୍ତି । ସମସ୍ତଙ୍କୁ ଗେରୁଆ ବସ୍ତ୍ରରେ ତିଳକ ଓ ରୁଦ୍ରାକ୍ଷ ପକାଇଥିବାର ଦେଖିବାକୁ ମିଳିଛି । ସୋସିଆଲ ମିଡିଆରେ ଏହି ଫଟୋକୁ ଦର୍ଶକ ଖୁବ ଭଲ ପାଇବା ଦେବାରେ ଲାଗିଛନ୍ତି । ସୂଚନା ଅନୁସାରେ ପ୍ରୟାଗରାଜରେ ଆୟୋଜିତ ହୋଇଥିବା କୁମ୍ଭ ମେଳା ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଜାରି ରହିବ । ଏଥିରେ ପାଖାପାଖି ୪୦ କୋଟି ଲୋକ ସାମିଲ ହେବେ ବୋଲି ଆକଳନ କରାଯାଇଛି ।





### ପଦ୍ମ ସମ୍ମାନ- ୨୦୨୫' ପାଇଁ ମନୋନୀତ ଓଡ଼ିଆଙ୍କୁ ଶୁଭେଚ୍ଛା

## ଜାତୀୟ ସ୍ତରରେ ଓଡ଼ିଶାର ସୁନେଲି ପ୍ରତିଭାଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ : ଧର୍ମେନ୍ଦ୍ର



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅନେକ ସୁନେଲି ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ 'ପଦ୍ମ ପୁରସ୍କାର' ପାଇଁ ଚୟନ କରି ମୋଦୀ ସରକାର ଜାତୀୟ ସ୍ତରରେ ସେମାନଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦାନ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିପାଇଁ ଶ୍ରୀ ପ୍ରଧାନ ଦେଶର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ଯେ ମୋଦୀ ସରକାରରେ ସର୍ବଦା ଓଡ଼ିଆ ଲୋକମାନେ ଯଥୋଚିତ ସମ୍ମାନ ସମ୍ମାନ ପାଇ ଆସୁଛନ୍ତି । ଓଡ଼ିଶାର ଅସାଧାରଣ ଲୋକପ୍ରତିଭାକୁ ପରିଚୟ ଦେବା ସହ ସମ୍ମାନିତ କରିବା ମୋଦୀ ସରକାରଙ୍କ ଉଚ୍ଚ ପରମ୍ପରା ହୋଇଛି । ପଦ୍ମ ପୁରସ୍କାର ମାଧ୍ୟମରେ ବଣମଲ୍ଲିକୁ ଲୋକଲୋଚନକୁ ଆଣିବା ପାଇଁ ଆମ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ପଦ୍ମ ପୁରସ୍କାର ତୃଣମୂଳ ସ୍ତରରେ ଅସାଧାରଣ କାର୍ଯ୍ୟ କରିଥିବା ଯୋଗ୍ୟ ବ୍ୟକ୍ତିଙ୍କ ଅବଦାନକୁ ସ୍ୱୀକୃତି ଦେଉଛି । କଳା କ୍ଷେତ୍ରରେ ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଅଦ୍ୱିତ ଚରଣ ଗଡନାୟକ ଓ ଦୁର୍ଗା ଚରଣ ରଣବୀରଙ୍କ ଓଡ଼ିଶାର କଳା ଜଗତକୁ ଅନେକ ଅବଦାନ ରହିଛି । ସେହିପରି ପଦ୍ମ ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ମେଡିସିନ କ୍ଷେତ୍ରରେ ଅଶୋକ ମହାପାତ୍ର ପେଡିଆଟ୍ରିକ୍ ନ୍ୟୁରୋ ସର୍ଜରି କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ସାହିତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ କବି ଡ. ପ୍ରତିଭା ଶତପଥି ବହୁମୁଖି ପ୍ରତିଭାର ଅଧିକାରୀ । ଜାତୀୟ ସ୍ତରରେ ଏହି ଉଚ୍ଚ ସମ୍ମାନ ପାଇଁ ରାଜ୍ୟବାସୀ ଗର୍ବିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦେଶକୁ ସମୃଦ୍ଧ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଧାରଣ ନାଗରିକଙ୍କୁ ପଦ୍ମ ପୁରସ୍କାର ସେମାନଙ୍କୁ ବଡ ସମ୍ମାନ ଦେଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## କଲେଜଛକ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଟକ, (ସବ୍ୟୁ) : କଲେଜ ଛକ ଯୋବ୍ରା ସ୍ଥିତ ସେଣ୍ଟ ଜାଭିୟର୍ସ ଇଂରାଜୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ କର୍ମା ବିଦ୍ୟାଳୟର ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତିଙ୍କ ପୌରୋହିତ୍ୟରେ ପୋତାପୋଖରୀ ସ୍ଥିତ ନେତାଜୀ ଖେଳ ପଡ଼ିଆରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଉଦଘାଟକ ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବରେ ପ୍ରଖ୍ୟାତ ସିନେମା କଳାକାର ତଥା ସମାଲୋଚକ କୁନା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଓ ଉପସ୍ଥିତ ଅଭିଭାବକମାନଙ୍କୁ ଉଦ୍ବୋଧନ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ପ୍ରଖ୍ୟାତ କୁଇଜ୍ ମାଷ୍ଟର ତଥା ପ୍ରେରଣାଦାୟକ ବକ୍ତା ସତ୍ୟବ୍ରତ ସାହୁ, ପ୍ରଖ୍ୟାତ ଗଣିତଜ୍ଞ ପଣ୍ଡିତ ଡଃ ଶୁଭେନ୍ଦୁ ଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଉତ୍ସବରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷଣ କରାଯାଇଥିଲା ଛ ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା ଚକ୍ ବୋର୍ଡ ଟ୍ରେଣ୍ଡସ୍ ଉନ୍ମୋଚିତ ହୋଇଥିଲା । ଆୟୋଜିତ ଉତ୍ସବରେ ସେଣ୍ଟ ଜାଭୟର୍ସ ଗ୍ରୁପ୍ ଅଫ୍ ସ୍କୁଲର ଟ୍ରଷ୍ଟି ସ୍ନିଗ୍ଧା ମହାନ୍ତି, ସହ ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି ଓ ଡମ୍ବରୁ କୋ ଫାଉଣ୍ଡର ସମର୍ଥ ମହାନ୍ତି ଓ ଆୟାଶା ମହାନ୍ତି ପ୍ରମୁଖ ଯୋଗଦାନ କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷା ଡଃ ନିକୋଲା ହ୍ୟାରିଙ୍କ ତତ୍ତ୍ୱାବଧାନରେ ଉତ୍ସବଟି ସାଫଲ୍ୟ ମଣ୍ଡିତ ହୋଇଥିଲା ।

### ଏଚଆଇଟିଏସ୍ ୨୦୨୫-୨୬ ପାଇଁ ନାମଲେଖା ଆରମ୍ଭ

## ୫ କୋଟି ଟଙ୍କାର ସ୍ୱତନ୍ତ୍ର ସ୍କଲାରସିପ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ହିନ୍ଦୁସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ଏଚଆଇଟିଏସ୍) ପକ୍ଷରୁ ୨୦୨୫-୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ଆରମ୍ଭ ହୋଇଛି । ବର୍ଷ ବର୍ଷ ଧରି ହିଟ୍ସ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି ଏବଂ ଏହା ବିଭିନ୍ନ ବର୍ଗରେ ୫ କୋଟି ଟଙ୍କାର ଏକ ବ୍ୟାପକ ମେଧା ଭିତିକ ସ୍କଲାରସିପ୍ କାର୍ଯ୍ୟକ୍ରମ ଘୋଷଣା କରିଛି, ଯାହା କି ସମନ୍ୱିତ ଶିକ୍ଷା, କ୍ରୀଡ଼ା ଏବଂ ଶୈକ୍ଷିକ ଉତ୍କର୍ଷତା ପ୍ରତି ଏହାର ସମର୍ପଣକୁ ସୁଦୃଢ଼ କରିଛି। କେ.ସି.ଜି ଭର୍ଗିସ୍ ସ୍କଲାରସିପ୍ କାର୍ଯ୍ୟକ୍ରମରେ ଯୁକ୍ତ ୨/ସମକକ୍ଷ ପରୀକ୍ଷାର ଶ୍ରେଷ୍ଠ ରାଙ୍କଧାରୀମାନଙ୍କ ପାଇଁ ୧୦୦% ଟ୍ୟୁସନ୍ ଫି ଛାଡ଼ ଅନ୍ତର୍ଭୁକ୍ତ । ଏହାବ୍ୟତୀତ, ଶିକ୍ଷାଗତ ଅଭିବୃଦ୍ଧି ସହିତ ଆଥଲେଟିକ୍ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଏକ କ୍ରୀଡ଼ା ଉତ୍କର୍ଷ ବୃତି ଉପଲବ୍ଧ, ଯେଉଁଥିରେ ଉଚ୍ଚ ସଫଳତା ହାସଲ କରିଥିବା ଆଥଲେଟମାନଙ୍କୁ ୧୦୦% ଟ୍ୟୁସନ୍ ଫି ଛାଡ଼, ମାଗଣା ଆବାସ, ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ପ୍ରତିରକ୍ଷା କର୍ମଚାରୀ ଏବଂ ସହିଦଙ୍କ ପିଲା, ଭିନ୍ନକ୍ଷମ ବ୍ୟକ୍ତି ଏବଂ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଏଚଆଇଟିଏସଇଇଇ ଏବଂ ଏଚଆଇଟିଏସସିଏଟି)ରେ ଶ୍ରେଷ୍ଠ ସଫଳତା ହାସଲ କରିଥିବା ବ୍ୟକ୍ତିମାନଙ୍କ ପାଇଁ ଉତ୍ସର୍ଗୀକୃତ ସ୍କଲାରସିପ୍ ପ୍ରଦାନ କରାଯାଇଥାଏ, ଯେଉଁମାନେ ବ୍ୟାପକ ସହାୟତା ଏବଂ ଫି ରିହାତି ଦ୍ୱାରା ଉପକୃତ ହେବେ ।

DSPL-350
NACO
National AIDS Control Organisation
India's response to HIV & Sexually Transmitted Infections
Ministry of Health & Family Welfare, Government of India
www.naco.gov.in
ଓଡ଼ିଶା ଶାସନ
OSACS

ଆସନ୍ତୁ ଆମେ ଏଚ.ଆଇ.ଭି./ଏଡସ୍ ସଂକ୍ରମଣକୁ ରୋକିବା

ଏଚ.ଆଇ.ଭି. କିପରି ବ୍ୟାପେ
ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା
ଏଚ.ଆଇ.ଭି. ସଂକ୍ରମିତ ରକ୍ତ କିମ୍ବା ରକ୍ତଜାତ ପଦାର୍ଥ ବ୍ୟବହାର ଦ୍ୱାରା
ବିଶୋଧିତ ହୋଇ ନ ଥିବା ଛୁଞ୍ଚି ବା ପୂର୍ବରୁ ବ୍ୟବହୃତ ଛୁଞ୍ଚି ଦ୍ୱାରା
ଏଚ.ଆଇ.ଭି. ସଂକ୍ରମିତ ମା' ଠାରୁ ତା'ର ଗର୍ଭସ୍ଥ ଶିଶୁକୁ ବ୍ୟାପିଥାଏ
odishasacs

ଏଚ.ଆଇ.ଭି. କିପରି ବ୍ୟାପେ ନାହିଁ
ହାତ ମିଳାଇବା ଦ୍ୱାରା
ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ସରଞ୍ଜାମ ବ୍ୟବହାର କରିବା ଦ୍ୱାରା
ସଂକ୍ରମିତ ବ୍ୟକ୍ତିଙ୍କର ବାସନ ବା କପଡା ବ୍ୟବହାର କଲେ
ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ପାଇଖାନା ବ୍ୟବହାର ଦ୍ୱାରା
ମଶା କାମୁଡିବା ଦ୍ୱାରା

ୱେବ୍‌ସାଇଟ- https://osacs.odisha.gov.in/ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରିତ ସମିତି
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର)

ସରକାରୀ ଡାକ୍ତରଖାନାରେ ଥିବା ଆଇସିଟିସି କେନ୍ଦ୍ରରେ ରକ୍ତ ପରୀକ୍ଷା କରିବା, ଏଚ.ଆଇ.ଭି./ଏଡସ୍ ସଂକ୍ରମଣରୁ ନିଜକୁ ସୁରକ୍ଷା ଦେବା ।
ଅଧିକ ଜାଣିବା ପାଇଁ ୧୦୯୭ କୁ କଲ କରନ୍ତୁ ।
OIPR: 10009/13/0028/2425

### ବ୍ୟାଙ୍କ ଅଫ୍ ବରୋଦା, ସମ୍ବଲପୁର

## କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଜୟପୁର ଠାରେ ଏକ କ୍ରେଡିଟ୍ ଆଉଟ୍‌ରିଚ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ୱାହିଦ୍, ଅଞ୍ଚଳ ପ୍ରମୁଖ ତଥା ମହାପ୍ରବନ୍ଧକ ସ୍ୱପ୍ନା ବନ୍ଦୋପାଧ୍ୟାୟ, ସହାୟକ ମହାପ୍ରବନ୍ଧକ ଏବଂ ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତି, ଉପ-କ୍ଷେତ୍ରୀୟ ପ୍ରବନ୍ଧକ କେଦାରନାଥ ବେହେରାଙ୍କ ସହିତ କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାର ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ ଏବଂ ଏମଏସ୍‌ଏମଇ ସଦସ୍ୟମାନଙ୍କ ସମେତ ୨୫୦ ରୁ ଅଧିକ ହିତାଧିକାରୀ ଯୋଗ ଦେଇଥିଲେ । ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେଶର ଅର୍ଥନୀତିରେ କୃଷକମାନଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକାର ଏବଂ ପ୍ରଶଂସା କରିଥିଲେ । ସେ ଏହିପରି ପଦକ୍ଷେପ ମାଧ୍ୟମରେ କୃଷକମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ଏବଂ ଓଡ଼ିଶାରେ କୃଷି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।




ଅଞ୍ଚଳ ପ୍ରମୁଖ ଏବଂ ମହାପ୍ରବନ୍ଧକ ଶ୍ରୀମତୀ ବନ୍ଦୋପାଧ୍ୟାୟ ପ୍ରତ୍ୟେକ ଚାଷୀଙ୍କ ନିକଟରେ ପହଞ୍ଚିବା ଏବଂ ବିଭିନ୍ନ କୃଷିଭିତ୍ତିକ ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ । ସେ କୃଷିଭିତ୍ତିଭୂମି ପାଣ୍ଠି, ଆତ୍ମ ନିର୍ଭର ଭାରତ ଅଭିଯାନ ଅଧିନରେ ମାଇକ୍ରୋ ଫୁଡ୍ ଏରପ୍ରାଇଜେସ୍‌ର ପିଏମ୍ ଫର୍ମାଲାଇଜେସନ୍ ଏବଂ ଅନ୍ୟାନ୍ୟ ସରକାରୀ ପ୍ରାୟୋଜିତ ଯୋଜନା ଭଳି ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ ଏବଂ ଲାଭ ବିଷୟରେ ବିସ୍ତାରିତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ସମୟରେ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ କୃଷି, ଏମଏସଏମଇ ଏବଂ ଖୁଚୁରା କ୍ଷେତ୍ରରେ ମୋଟ ୩୦.୦୮ କୋଟି ଟଙ୍କାର ଋଣ ମଞ୍ଜୁର କରିଛି । ଏଥିରେ କୃଷି ଯୋଜନା ପାଇଁ ୧୨.୪୬ କୋଟି ଟଙ୍କା, ଏମଏସ୍‌ଏମ୍‌ଇ ଯୋଜନା ପାଇଁ ୧୨.୫୮ କୋଟି ଟଙ୍କା ଅନ୍ତର୍ଭୁକ୍ତ । କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମରେ ୯.୮୦ କୋଟି ଟଙ୍କା ଏବଂ ସୂର୍ଯ୍ୟଘର ଯୋଜନା ଅଧିନରେ ୫ଟି ଆକାଉଣ୍ଟରେ ଋଣ ମଞ୍ଜୁର କରାଯାଇଥିଲା ।

Government of India

ଆମ ସମ୍ବିଧାନ ଲାଗୁ ହେବାର ୭୫ ବର୍ଷ ପୂର୍ତ୍ତି ଏବଂ
୭୬ତମ ଗଣତନ୍ତ୍ର ଦିବସରେ
ସବୁ ଦେଶବାସୀଙ୍କୁ
ହାର୍ଦ୍ଦିକ ଶୁଭକାମନା



"ଆମ ଦେଶର ସବୁ ପରିବାରଜନଙ୍କୁ ଗଣତନ୍ତ୍ର ଦିବସର ଅନେକ ଅନେକ ଶୁଭକାମନା । ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଆମ ଦେଶର ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନେକ ବାଧାବିଘ୍ନ ଓ ଆହ୍ୱାନକୁ ପରାସ୍ତ କରି ଏକ ଦୃଢ଼ ସଂକଳ୍ପ ସହିତ ଏ ଦେଶ ଆଗକୁ ବଢ଼ିବା ଲାଗି ପ୍ରତିବଦ୍ଧ ରହିଛି ।"
ଜୟ ହିନ୍ଦ !
- ନରେନ୍ଦ୍ର ମୋଦୀ

କର୍ତ୍ତବ୍ୟ ପଥରୁ
ଗଣତନ୍ତ୍ର ଦିବସ ସମାରୋହର ସିଧାପ୍ରସାରଣ
ସକାଳ ୯.୦୦ ଟାରୁ ଦେଖନ୍ତୁ ଦୂରଦର୍ଶନ ନେଟୱର୍କରେ
CBC 01101/13/0002/2425

## କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ

# ପାଟାଥନରେ ଶାନ୍ତି ପିନ୍ଧି ଦୌଡ଼ିଲେ ୬ ହଜାର ମହିଳା



ଭୁବନେଶ୍ୱର, (ସବ୍ୟୁ): କିଟ୍ ଓ କିସ୍ ପକ୍ଷରୁ ପ୍ରତିବର୍ଷ ଓଡ଼ିଶାର ସମସ୍ତ ଜିଲ୍ଲା ତଥା ଭାରତର ବିଭିନ୍ନ ସହରରେ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ମିନି ମାରାଥନ ଆୟୋଜନ କରାଯାଇଥାଏ । ଚଳିତ ବର୍ଷ ଓଡ଼ିଶାର ୩୭ଟି ସ୍ଥାନ ଓ ଭାରତର ୬୫ରୁ ଅଧିକ ସ୍ଥାନରେ ଏହି ମିନି ମାରାଥନ ଆୟୋଜନ କରାଯାଇଥିଲା । ଏହାର ଏକ ଅଂଶ ବିଶେଷ ଭୁବନେଶ୍ୱରରେ ନିଆରା ଢଙ୍ଗରେ 'ପାଟାଥନ' ଆୟୋଜନ କରାଯାଇଥିଲା । ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପାଟାଥନର ଦ୍ୱିତୀୟ ସଂସ୍କରଣରେ ୬ ହଜାର ମହିଳା ପାଟ ଶାଢ଼ି ପିନ୍ଧି ଦୌଡ଼ିଥିଲେ । 'ମହିଳା ସଶକ୍ତିକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଟାଥନ ଆୟୋଜନ କରାଯାଉଛି । କିଟ୍, କିସ୍ ଓ କିମ୍ସର ୫ହଜାର ମହିଳା କର୍ମଚାରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ଶିଖରଚଣ୍ଡୀ ମନ୍ଦିର ଛକରୁ କିସ୍ ଆଥଲେଟିକ୍ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡ଼ିଥିଲେ ।

ଏହି ଗଣଦୌଡ଼ରେ ରାଉରକେଲାର କିରଣ ମାହାତୋ ପ୍ରଥମ ପୁରସ୍କାର ୫୦ ହଜାର ଟଙ୍କା ଜିଣିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଯଥାକ୍ରମେ କଟକର ତେଜସ୍ୱିନୀ କିସପଟ୍ଟା ଓ ସସ୍ମିତା ବେହେରା ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ । ସେହିପରି ୭ଜଣ ରନର୍ସଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ବିଜୟୀଙ୍କୁ ପାଟଶାଢ଼ୀ ପ୍ରଦାନ କରାଯାଇଥିଲା । କିଟ କେ- ୩ ମହିଳା କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟର ପ୍ରିତିନନ୍ଦା ରାଉତରାୟ, ଅଲିମ୍ପିଆନ୍ ଦୂତି ଚାନ୍ଦ ଓ ଅନୁରାଧା ବିଶ୍ୱାଳ, ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ମାରାଥନରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ଉତ୍ସାହିତ ଓ ପୁରସ୍କାର ପ୍ରଦାନ କରିଥିଲେ । 'ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରୋତ୍ସାହନରେ ୨୦୧୬ ମସିହାରୁ ଏହା ଆୟୋଜିତ ହୋଇଆସୁଛି ।

## ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘ ବୈଠକ

ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡ଼ା ବ୍ଲକ୍‌ର ବନମାଳୀପୁର ପଞ୍ଚାୟତ ଅଧିନ ଚଣ୍ଡି ଛକରେ ଆଂଚଳିକ ବରିଷ୍ଠ ନାଗରୀକ ସଂଘର ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରୀକ ଫୋରମ୍‌ର ସଭାପତି ଅଖିଳ କୁମାର ମହାରଣାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମ' କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଖଣ୍ଡପଡ଼ା ଏସ୍‌ଡ଼ିପିଓ ବିମଳ କୁମାର ବାରିକ, ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ, ଫତେଗଡ଼ ଥାନାଧିକାରୀ ପଂଚାନନ ପରିଡ଼ା, ଖଣ୍ଡପଡ଼ା ବ୍ଲକ୍ ଅଧକ୍ଷା ଉପମା ବେହେରା, ବନମାଳୀପୁର ସରପଂଚ ବାସ'ୀ ବେହେରା, ଭାପୁର ବ୍ଲକ୍ ବରିଷ୍ଠ ନାଗରୀକ ସଂଘ ସମ୍ପାଦକ ପ୍ରଭାକର ସାହୁ, ଆଂଚଳିକ ବରିଷ୍ଠ ନାଗରୀକ ସଂଘର ସଭାପତି କାଶିନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ବରିଷ୍ଠ ନାଗରୀକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥଲା।

## ବୀର ଗାଥା ୪.୦ର ସୁପର-୧୦୦ ବିଜେତା ସମ୍ବର୍ଦ୍ଧିତ

# ଦେଶଭକ୍ତି, ସାହସ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରୁଛି : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): 'ବୀର ଗାଥା' ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶଭକ୍ତି, ସାହସ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରୁଛି । ଦେଶର ପ୍ରଗତିରେ ଯୋଗଦାନ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିବାରେ ଏହା ଏକ ମହତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହୋଇଛି ବୋଲି ଶନିବାର ନୂଆଦିଲ୍ଲୀ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ବୀର ଗାଥା ୪.୦ର ସୁପର ୧୦୦ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ୧୦୦ ବିଜେତାଙ୍କ ମଧ୍ୟରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କେବଳ ୬୬ ଜଣ ଛାତ୍ରୀ ଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ବୀର ଗାଥା ଆମ ଦେଶର ନୂଆ ପିଢ଼ିକୁ ଭାରତର ସାମରିକ ପରମ୍ପରା, ଅଜଣା ବୀର ଏବଂ ଆମ ସେନାମାନଙ୍କର ଶୌର୍ଯ୍ୟ ଏବଂ ବଳିଦାନକୁ ପରିଚିତ କରାଇବା ପାଇଁ ଏକ ମହତ୍ୱପୂର୍ଣ୍ଣ ମଞ୍ଚ ହୋଇଛି । ନୂଆ ଜାତୀୟ ଶିକ୍ଷା ନୀତି ଆମକୁ ମାତୃଭୂମି ପାଇଁ ନିଜର ସବୁକିଛି ବଳିଦାନ ଦେଇଥିବା ଭାରତର ଇତିହାସ ପୃଷ୍ଠାରେ ଅନାଲୋଚିତ ବୀରମାନଙ୍କୁ ଜାଣିବା ଏବଂ ମନେ ପକାଇବାକୁ ପ୍ରେରଣା ଦେଉଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବୀର ଗାଥା ପ୍ରତିଯୋଗିତାରେ ୨.୫ ଲକ୍ଷରୁ ଅଧିକ ସ୍କୁଲର ୧.୭୬ କୋଟି ଛାତ୍ରଛାତ୍ରୀ ଚିତ୍ରାଙ୍କନ, ଚିତ୍ରକଳା, ପ୍ରବନ୍ଧ ଲେଖିବା ଭଳି କାର୍ଯ୍ୟରେ ଅଂଶଗ୍ରହଣ କରି ଦେଶ ପ୍ରତି ଅତୁଳନୀୟ ସେବା ଓ ବଳିଦାନ ପାଇଁ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଧୈର୍ଯ୍ୟ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହେବ ଏବଂ ଛାତ୍ରଛାତ୍ରୀମାନଙ୍କୁ ଦେଶର ପ୍ରଗତିରେ ଯୋଗଦାନ କରିବାକୁ ପ୍ରେରଣା ଯୋଗାଇବ । ବୀରତା ପୁରସ୍କାର ବିଜେତାଙ୍କୁ ଉତ୍ସାହ ଓ ସମ୍ମାନ ସହ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେ ସୁପର-୧୦୦ ପୁରସ୍କାର ବିଜେତାଙ୍କୁ ସେମାନଙ୍କ ସଫଳତା ପାଇଁ ପ୍ରଶଂସା କରିଥିଲେ ।

# ନେତାଜୀ ଜୟନ୍ତୀରେ ରକ୍ତଦାନ ଶିବିର, ୧୦୧ ୟୁନିଟ ସଂଗୃହିତ

କଟକ, (ସବ୍ୟୁ): ମହାନ ରାଷ୍ଟ୍ରନାୟକ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ କଟକ ଓଡ଼ିଆ ବଜାର ନେତାଜୀ ସେବା ସଦନ ମେଡିକାଲ ଠାରେ ବିଗତବର୍ଷ ମାନଙ୍କ ଭଳି ଚଳିତ ବର୍ଷ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଟକ ବାରବାଟୀ ବିଧାୟିକା ସୋଫିଆ ଫିରର୍ଦ୍ଦୋସ ଉଦଘାଟନ କରିଥିଲେ। ଏଥିରେ ଲୋକସଭା ସାଂସଦ ଭର୍ତୃହରି ମହତାବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତୀ ସୁରଜ ସୂର୍ଯ୍ୟବଂଶୀ, ସାଂସଦ ଦେବାଶିଷ ସାମନ୍ତରାୟ, ଡ଼କ୍ଟର ରବିରଞ୍ଜନ ସାହୁ, ସିନେ ତାରକା ଶ୍ରୀତମ ଦାସ, ଡ଼କ୍ଟର ମିନା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର କୁମାର ଚୌଧୁରୀ, ସାଧାରଣ ସମ୍ପାଦକ ଡ଼କ୍ଟର ପ୍ରଶାନ୍ତ କୁମାର ଦାଶଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। କେନ୍ଦ୍ରୀୟ



ରେଡ଼କ୍ରସର ସହାୟତାରେ ୧୦୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରରେ ଶାନ୍ତି ମହିଳା ୱାକର୍ସ କ୍ଲବ୍‌ର ସଭାପତି ମମତା ରାଉତରାୟ ରକ୍ତଦାନ କରି ଏକ ବିରଳ ରେକର୍ଡ ସ୍ଥାପନ କରଛନ୍ତି। ସେ ଅଦ୍ୟାବଧି ୩୩ ଥର ରକ୍ତଦାନ କରି ଅନେକ ଜୀବନ ରକ୍ଷା କରିଛନ୍ତି । ତାଙ୍କର ଏପରି ମହନୀୟ କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସା ମିଳିଛି ।

## ବିଜେପି ନୂତନ ଜିଲ୍ଲା ସଭାପତି ଘୋଷଣା

ଭୁବନେଶ୍ୱର (ସବ୍ୟୁ): ବିଜେପି ଜିଲ୍ଲା ସଭାପତିମାନଙ୍କ ନାମ ଘୋଷଣା ହୋଇଛି । ଏହି ଅନୁଯାୟୀ ଗଞ୍ଜାମ- ସରୋଜ ସାବତ, ବଲାଙ୍ଗିର-ଶ୍ରୀବସ୍ସ ବେହେରା, ଢେଙ୍କାନାଳ-ରାସ ବିହାରୀ ବେହେରା, ସୁନ୍ଦରଗଡ-ଗିରିଷ ସାହୁ, କେନ୍ଦ୍ରାପଡ଼ା-ଶଶାଙ୍କ ଶେଖର ସେଠି, ବାଲେଶ୍ୱର - ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ଉତ୍ତର - ପ୍ରଦୀପ କୁମାର ପଣ୍ଡା, କଟକ -ସୁକାନ୍ତ ବିଶ୍ୱାଳ, କଟକ ଗ୍ରାମୀଣ - ରାମ ନାରାୟଣ ମହାନ୍ତି, ପୁରୀ-ଡ.ଦେବେନ୍ଦ୍ର ନାଥ ତରାଇ, କଳାହାଣ୍ଡି-ଯୁଗଲ ପୋଦ୍ଦ, ବରଗଡ଼-ଡ. ଅରୁପାନନ୍ଦ ସାହୁ, ଘୁମୁସର ଆସ୍କା - ବିଜୟ ସ୍ୱାଇଁ, ଘୁମୁସର (ଭଞ୍ଜନଗର)- ନୀଳମାଧବ ପାତ୍ର, ପଶ୍ଚିମ ମୟୂରଭଞ୍ଜ (ରାଇରଙ୍ଗପୁର)- ଜୁରୀଲାଲ ମହନ୍ତ, ପୂର୍ବ ମୟୂରଭଞ୍ଜ- ନିହାର ମୋଦି, ଦେବଗଡ଼-ଅରୁଣ କୁମାର ସାହୁ, ନବରଙ୍ଗପୁର- କୁଞ୍ଜ ବିହାରୀ ଦାସ, ଜଗତସିଂହପୁର-ପ୍ରତାପ ମିଶ୍ର, ବୌଦ୍ଧ- ପ୍ରେମାନନ୍ଦ ମିଶ୍ର, ମାଲକାନଗିରି-ଅଶୋକ କୁମାର ପରିଡ଼ା, କେନ୍ଦୁଝର- ଶୁକଦେବ ମହାନ୍ତ, ନୂଆପଡ଼ା- କମଲେଶ ଦୀକ୍ଷିତ । ଖୁବ ଶୀଘ୍ର ଅନ୍ୟ ଜିଲ୍ଲା ସଭାପତିଙ୍କର ନାମ ଘୋଷଣା କରାଯିବ ।

## ଉତ୍କର୍ଷ ଓଡ଼ିଶା ପାଇଁ ସ୍କିଲ୍ଡ ଇନ୍ ଓଡ଼ିଶା

# ଟାଟା ପାୱାର ପକ୍ଷରୁ ୮୫୦୦ ଯୁବକ ଯୁବତୀଙ୍କୁ ଦକ୍ଷତା ତାଲିମ

ଭୁବନେଶ୍ୱର:(ସବ୍ୟୁ) 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଦକ୍ଷତା ବିକାଶ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଟାଟାପାୱାର ସମଗ୍ର ଓଡ଼ିଶାର ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବା ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରଠାରୁ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦୦ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨୦୦୦ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟରହିଛି।ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ ୨୦ଟି ଆଇଟିଆଇ ଓଡ଼ିଶାର ଯାଜପୁର, କେନ୍ଦୁଝର, ବ୍ରହ୍ମପୁର, ରାଉରକେଲା,କଟକ, ପୁରୀରେ ରହିଛି। ଶ୍ରେଣୀଗୃହ ଶିକ୍ଷା ଏବଂ ବାସ୍ତବ ଶିଳ୍ପ ଦୁନିଆର ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏହି ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଟାଟା ପାୱାରର ଅଭିଜ୍ଞ ପେସାଦାରମାନେ ପ୍ରତ୍ୟକ୍ଷ ଭାବେ ବ୍ୟାବହାରିକ ପ୍ରଶିକ୍ଷଣ ଏବଂ ପରାମର୍ଶ ପ୍ରଦାନ କରୁଛନ୍ତି। ନେଟୱାର୍କ କଂଟ୍ରୋଲ ସେଂଟର, ସ୍ମାର୍ଟ ମିଟର ଲ୍ୟାବ ଏବଂ ୩୩/୧୧ କେଭି ସବଷ୍ଟେସନ ଭଳି ଟାଟା ପାୱାରର ଅତ୍ୟାଧୁନିକ ସୁବିଧା ପରିଦର୍ଶନ କରି ଛାତ୍ରଛାତ୍ରୀମାନେ ଉପକୃତ ହେଉଛନ୍ତି। ସେଠାରେ ସେମାନେ କାର୍ଯ୍ୟକାରୀପ୍ରୋଟୋକଲ ଏବଂ ନିରାପତ୍ତା ମାନକ ସହିତ ପ୍ରାଥମିକ ଅଭିଜ୍ଞତା ପାଉଛନ୍ତି।ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷକରିଥିବା ଛାତ୍ରଛାତ୍ରୀମାନେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକରେ କେବଳ ସାର୍ଟିଫିକେଟ୍ ନୁହେଁ ବରଂ ନିଯୁକ୍ତିସୁଯୋଗ ମଧ ପାଇପାରିବେ ।

## ଓଡିଶା ଟ୍ରକ ମାଲିକ ମହାସଂଘ ବୈଠକ

ଭୁବନେଶ୍ୱର (ସବ୍ୟୁ): ଓଡିଶା ଟ୍ରକ ମାଲିକ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଅବକାରୀ ଓ ଆଇନ୍‌ମନ୍ତ୍ରୀ ପୃଥୀଭିରାଜ ହରିଚନ୍ଦନ ଯୋଗ ଦେଇଥିଲେ । ମହାସଂଘର ରାଜ୍ୟ ସଭାପତି ପୁରଞ୍ଜନ ପାଢ଼ୀ, ରାଜ୍ୟ ସଂପାଦକ ପତିତପାବନ ସାହୁ, ସେଖ୍ ତଞ୍ଜୀମ୍ ଅହମ୍ମଦ ଚିଷ୍ଟି, ସେଖ ଅବଦୁଲ, ତପନ କୁମାର ବେହେରା, ଫିରୋଜ ବାଦ୍‌ସାଙ୍କ ସମେତ ବାରଙ୍ଗ ଟ୍ରକ୍ ଆସୋସିଏସନର ସଭାପତି ବିଜୟ ପଣ୍ଡା ଉପସ୍ଥିତ ଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାର ପ୍ରତିନିଧି ଗଣ ଯୋଗଦାନ କରିଥିଲେ । ପରିବହନ ନୂତନ ମୂଲ୍ୟ ନିର୍ଦ୍ଧାରଣ, ଟ୍ରେନ ପାଇପ ଲାଇନ ଭିଆରଏସ୍ ଟ୍ରକ ଦ୍ୱାରା ପରିବହନ ୪୦:୬୦ ଅନୁପାତରେ ହେବା, ପ୍ରତ୍ୟେକ ଜିଲ୍ଲାରେ ଟ୍ରକ ରହିବା ସ୍ଥାନ ସହ ଡ୍ରାଇଭର ମାନଙ୍କ ବିଶ୍ରାମ ସ୍ଥଳୀ କରିବା, ରାସ୍ତାରେ ପୋଲିସ ଏବଂ ଆରଟିଓ ମାନଙ୍କ ଦ୍ୱାରା ଉପୁଜୁଥିବା ଅସୁବିଧା ଦୂରୀକରଣ ଏବଂ ପାର୍ଶ୍ୱ ରାଜ୍ୟ ସୀମା ଗୁଡିକରେ ଅନାବଶ୍ୟକ ଜୋର ଜବରଦସ୍ତ ଆଦାୟ କରାଯାଉଥିବା ଅର୍ଥ ବ୍ୟବସ୍ଥାକୁ ବନ୍ଦ କରାଇବା ଇତ୍ୟାଦି ଦାବୀ ପ୍ରଦାନ କରାଯାଇଥିଲା । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓଡ଼ିଆ ଟ୍ରକ ବ୍ୟବସାୟୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଏବଂ ସୁରକ୍ଷା ଦିଆଯିବ। ସହ ପରିବହନ ବିଭାଗ ମନ୍ତ୍ରୀ ଏବଂ ଅଧିକାରୀ ମାନଙ୍କ ସହ ଆଲୋଚନା କରି ଯଥାଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶୃତି ପ୍ରଦାନ କରିଥିଲେ ।

## ସେଣ୍ଟ ଜାଭିୟର୍ସର ବାର୍ଷିକୋତ୍ସବ ସ୍ପନ୍ଦନ-୨୦୨୫

# 'ଶୈକ୍ଷିକ ପରିବେଶ ଚାପମୁକ୍ତ ହେଉ'

କଟକ,(ସବ୍ୟୁ): ଭବିଷ୍ୟତ ଗଠନ ଦିଗରେ ଛାତ୍ରଛାତ୍ରୀଙ୍କ ଉପରେ ଚାପ ସୃଷ୍ଟି କରା ନଯାଉ ଛ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏ ଦିଗରେ ଗୁରୁ ଦାୟିତ୍ୱ ଗ୍ରହଣ କରିବା ଆବଶ୍ୟକ । ସାମ୍ପ୍ରତିକ ପରିସ୍ଥିତିରେ ମାନସିକ ଚାପ ଅନେକ ଯୁବପୀଢ଼ୀଙ୍କ ଜୀବନକୁ ନଷ୍ଟ କରୁଛି । ବିଦ୍ୟାର୍ଥୀଙ୍କୁ ସଫଳତାର ଶିକ୍ଷା ଦେବା ବଦଳରେ ବିଫଳତାକୁ କିପରି ମୁକାବିଲା କରିପାରିବେ ସେ ବାବଦରେ ସୂତ୍ର ଦେବା ଉଚିତ୍ ପୂର୍ବରୁ ଶିକ୍ଷାନୁଷ୍ଠାନ ଗୁଡିକ ଦଣ୍ଡମୁକ୍ତ ଘୋଷିତ ହୋଇସାରିଛି । ଏବେ ଚାପମୁକ୍ତ ଶୈକ୍ଷିକ ପରିବେଶ ଗଠନର ସମୟ ବୋଲି ପୋତାପୋଖରୀସ୍ଥିତ ନେତାଜୀ ପଡ଼ିଆରେ ଆୟୋଜିତ ନୂଆବଜାର ସେଣ୍ଟ ଜାଭିୟର୍ସ ସେକେଣ୍ଡାରୀ ହାଇସ୍କୁଲର ବାର୍ଷିକୋତ୍ସବ 'ସ୍ପନ୍ଦନ-୨୦୨୫'ର ଉଦ୍‌ଘାଟନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ତ୍ରିପାଠୀ ଉତ୍ସବରେ ଅଧକ୍ଷତା କରିଥିଲେ । ସିଏମସି ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଟକ ନଗର ଶିକ୍ଷାର ହବ୍ ପରିଣତ ହେବାକୁ ଯାଉଛି । ଶିକ୍ଷା ସମେତ ସ୍ୱାସ୍ଥ୍ୟ ଏବଂ ଆଇନ୍‌କୁ ବିସ୍ତୃତ ଭିତ୍ତିଭୂମି ଏହି ସହରରେ ରହିଛି । ସବୁକ୍ଷେତ୍ରରେ ଆମକୁ ଆଗକୁ ଯିବାକୁ ହେବ । ଶିକ୍ଷାକ୍ଷେତ୍ରରେ ମଧ୍ୟ କଟକର ବିଦ୍ୟାର୍ଥୀମାନେ ହେବେ ରାଜ୍ୟରେ ୧ ନମ୍ବର । ପିଲାଙ୍କ ମାନସିକତାକୁ ସୁଦୃଢ଼ କରିବାକୁ ମେୟର ଶ୍ରୀ ସିଂହ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ । ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଟ୍ଟମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚଳିତ ମହାକୁମ୍ଭ ମେଳାରେ ଭାଇରାଲ ହୋଇଥିବା ଆଇଆଇଟି ବାବା ଅଭୟ ସିଂହ କିଭଳି ପରିବାର ଚାପରେ ନପଡ଼ି ଶେଷରେ ସନ୍ୟାସ ଜୀବନ ଅତିବାହିତ କରୁଛନ୍ତି ତାହାର ଉଦାହରଣ ଦେଇଥିଲେ । ଆଧ୍ୟାତ୍ମିକତା ଦୃଷ୍ଟିରୁ ନୁହେଁ ବରଂ ଅଭୟଙ୍କୁ ସମସ୍ତେ ଅନୁଧ୍ୟାନ କରିବାକୁ ସେ କହିଥିଲେ । ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକୁ ଦଣ୍ଡମୁକ୍ତ




ଘୋଷଣା କରି ସାରିଥିବା ବେଳେ ଏବେ ଚାପମୁକ୍ତ ଘୋଷଣା କରିବାର ସମୟ ବୋଲି ଶ୍ରୀ ଭଟ୍ଟମିଶ୍ର ମତବ୍ୟକ୍ତ କରିଥିଲେ । ସକାଳର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍କୁଲ ଜୀବନ ଅତି ମୂଲ୍ୟବାନ, ଏଣୁ ଏହି ସମୟକୁ ନଷ୍ଟ ନକରିବାକୁ ଛାତ୍ରେଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ଇଂରାଜୀ ଶିକ୍ଷାର ଆବଶ୍ୟକତା ଥିବା ବେଳେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ । ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଡଃ ଜି.ଏସ୍ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ସଫଳତାକୁ ଦୋହରାଇଥିଲେ । ଓଡ଼ିଶା ସମେତ ରାଜ୍ୟ ବାହାରେ ସେଣ୍ଟ ଜାଭିୟର୍ସର ଛାତ୍ରଛାତ୍ରୀମାନଙ୍କ ସଫଳତାକୁ ଉଦାହରଣ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସେ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ବିଦ୍ୟାର୍ଥୀଙ୍କ ନିମନ୍ତେ ଭିନ୍ନଭିନ୍ନ ପରାମର୍ଶ ଦେଇଥିଲେ । ବିଶେଷକରି ଯଦି ଛାତ୍ରଛାତ୍ରୀମାନେ କିଛି ଚୋରି କରିବାକୁ ଚାହାଁନ୍ତି ତାହେଲେ ଶିକ୍ଷକଙ୍କ ଠାରୁ ଜ୍ଞାନ ଚୋରି କରନ୍ତୁ ବୋଲି କହିଥିଲେ । ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡଃ ପ୍ରଭୂଚରଣ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଡଃ ଏ.ପି.ଜେ ଅବଦୁଲ କାଲାମଙ୍କ ଉକ୍ତିକୁ ବର୍ଣ୍ଣନା କରିଥିଲେ । ଜୀବନରେ ଯଦି ସୂର୍ଯ୍ୟ ଭଳି ଚମକିବାକୁ ହେବ, ତାହେଲେ ସୂର୍ଯ୍ୟ ପରି ଜଳିବାକୁ ପଡିବ ବୋଲି କହିଥିଲେ । ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର କର୍ପୋରେଟ ମୁଖ୍ୟ ସମ୍ୟକ ମହାନ୍ତି ନୂତନ ଶିକ୍ଷାନୀତି ବାବଦରେ ଆଲୋକପାତ କରିଥିଲେ । ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ମୁକେଶ ସରାଫ, ଉପାଧ୍ୟକ୍ଷ ଦେବାନନ୍ଦ ପାଢ଼ୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ସ୍ମରଣୀକା 'ଅଙ୍କୁରଣ' ଏବଂ ତ୍ରୈମାସିକ ପତ୍ରିକା 'ଜାଭେରିଆନ ଭଏସ୍'ଉନ୍ମୋଚନ କରାଯାଇଥିଲା । ଶେଷରେ କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥଲା ।

## ସୁନାବେଡାସ୍ଥିତ ଭି.ଏସ. ବିଦ୍ୟାଳୟର ସାମଗ୍ରିକ ବିକାଶ ନିମନ୍ତେ

# ଡିଏଭି ଓ ହାଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର (ସବ୍ୟୁ): ହାଲ, ସୁନାବେଡାସ୍ଥିତ ଭି.ଏସ.ବିଦ୍ୟାଳୟର ସାମଗ୍ରିକ ବିକାଶ ତଥା ସଶକ୍ତିକରଣ ନିମନ୍ତେ ଶନିବାର କୋରାପୁଟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଡିଏଭି କଲେଜ ଟ୍ରଷ୍ଟ ଓ ମ୍ୟାନେଜମେଣ୍ଟ ସୋସାଇଟି ଏବଂ ଅଗ୍ରଣୀ ମହାରତ୍ନ କମ୍ପାନୀ ହିନ୍ଦୁସ୍ଥାନ ଏରୋନଟିକସ ଲିମିଟେଡ (ହାଲ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ.ସି.ଶତପଥୀ ଓ ହାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ହାଲ ଜେନେରାଲ ମ୍ୟାନେଜମେଣ୍ଟ କଲ୍ଲୋଳ ଭଟ୍ଟାଚାର୍ଯ୍ୟ, ଏଜିଏମ ସରୋଜ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀଗଣ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ ଥିଲେ । ୧୯୬୮ମସିହାରେ




ସ୍ଥାପିତ ତଥା ହାଲର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ସୁନାମ ଅର୍ଜିଥିବା ଏହି ଶିକ୍ଷାନୁଷ୍ଠାନ ନୂତନ ପଦକ୍ଷେପ ଦ୍ୱାରା ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରଦର୍ଶିତ ମାର୍ଗରେ ଗୁଣାତ୍ମକତା ହାସଲ କରିବାସହ ଛାତ୍ରଛାତ୍ରୀଙ୍କ ପରିବର୍ତ୍ତିକ ପ୍ରଗତିଶୀଳ ଆଭିମୁଖ୍ୟକୁ ପରିପୁଷ୍ଟ କରିପାରିବ ବୋଲି ଲକ୍ଷ ରଖାଯାଇଛି। ଶିକ୍ଷାନୁଷ୍ଠାନର ଶୈକ୍ଷିକ ଉତ୍କର୍ଷ ଅଭିବୃଦ୍ଧି ସହ ବିଦ୍ୟାର୍ଥୀଙ୍କ କୌଶଳଭିତ୍ତିକ ପ୍ରାୟୋଗିକ ଜ୍ଞାନହାସଲରେ ଏହି ସହଯୋଗିତା ବଳିଷ୍ଠ ଭୂମିକା ନିର୍ବାହ କରିବ ବୋଲି ଉଭୟ କର୍ତ୍ତୃପକ୍ଷ ଆଶାପ୍ରକାଶ କରିଛନ୍ତି।

ଏହି ସ୍ମରଣୀୟ ଉତ୍ସବ ଅବସରରେ ଡିଏଭି କଳିଙ୍ଗନଗର, ଭୁବନେଶ୍ୱର ଅଧକ୍ଷ ବଳରାମ ମହାପାତ୍ର ଓ ଡିଏଭି ଏସସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ ଅଧକ୍ଷ ନିରଞ୍ଜନ ସ୍ୱାଇଁ ଏକ ଦିଗଦର୍ଶନ ତଥା ଭାବବିନିମୟ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ହାଲ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ ଡିଏଭିର ପ୍ରଗତିଶୀଳ ଆଭିମୁଖ୍ୟକୁ ଆଧାର କରି ଛାତ୍ରସମାଜର ଗୁଣାତ୍ମକ ଉତ୍କର୍ଷ ଉତ୍ତୁଙ୍ଗ ଶିଖର ସ୍ପର୍ଶକରିବ ବୋଲି ଦୃଢ ଆଶାପୋଷଣ କରିଥିଲେ । ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶତପଥୀ ତାଙ୍କ ବକ୍ତବ୍ୟରେ ଡିଏଭି ଶିକ୍ଷାନୁଷ୍ଠାନର ସ୍ୱାତନ୍ତ୍ର୍ୟ ଉଲ୍ଲେଖ କରିବା ସହ ଏହି ଶିକ୍ଷାନୁଷ୍ଠାନ ଶୈକ୍ଷିକ ଓ ସହଶୈକ୍ଷିକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଡ. ଶତପଥୀ ମଧ୍ୟ ଆଗାମୀ ଦିନରେ ଦକ୍ଷିଣ ଓଡିଶାରେ ଡିଏଭିର ଗାରିମାମୟ ଉପସ୍ଥିତି ଦିଗରେ ତାଙ୍କର ଅଙ୍ଗୀକାର ବିଷୟରେ ଦୋହରାଇଥିଲେ। ଡିଏଭି ଶିକ୍ଷାନୁଷ୍ଠାନ, ଓଡିଶା ତରଫରୁ ସହକାରୀ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ୟୁନିଟ-୮, ଭୁବନେଶ୍ୱର ଅଧକ୍ଷା ଇପସିତା ଦାସ ଉପସ୍ଥିତ ସମସ୍ତଙ୍କୁ ହାର୍ଦ୍ଦିକ କୃତଜ୍ଞତା ଅର୍ପଣ କରିଥିଲେ ।

## ଜୀବନ ଜ୍ୟୋତି କ୍ଲବ ପକ୍ଷରୁ

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତି




କଟକ, (ସବ୍ୟୁ): ରାଉସାପାଟଣା ଜୀବନ ଜ୍ୟୋତି କ୍ଲବ ଆନୁକୂଲ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମ ଜୟନ୍ତୀ ସଭାପତି ସଞ୍ଜୀବ କୁମାର ଦାସଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲା । ଉକ୍ତ ଉତ୍ସବରେ କଟକ କ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କୋଷାଧକ୍ଷ ନରେଶ ସାହୁ, କାର୍ଯ୍ୟକାରି ସଭାପତି ପ୍ରଦୀପ ପ ସିହ୍ନା (ହାବୁ ଦା), ନୃସିଂହ ଚୌଧୁରୀ, ସଂଗଠନ ସମ୍ପାଦକ ଦେବାଶିଷ ରାୟ, କର୍ପୋରେଟର ଇତିଶ୍ରୀ ଦାସ ଓ ନେତାଜୀ ସ୍ମୃତି ସଦନ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ଓ ସାହିର ଅଧିକାରୀ ଅତୁଲ ଚନ୍ଦ୍ର ନନ୍ଦୀ, ନାରାୟଣ ସେନ, ସଭାପତି ଦିଲ୍ଲୀପ ଦାସ, ସୁବାଷ ସେନ,ଜୟ ପ୍ରକାଶ ଘୋଷ, ସମ୍ପାଦକ ସମ୍ପ ମୀନକେତନ ଦାସ, ଚିନ୍ମୟ ନନ୍ଦୀ, ଗ୍ରାମର ମହନ୍ତ ସୁଦର୍ଶନ ଦାସ ଆଦି ସ୍ମୃତି ଚାରଣ କରିବା ବା ସହିତ ପୁରସ୍କାର ପ୍ରଦାନ କରିଥିଲେ । କ୍ଲବର ସମ୍ପାଦକ ସନ୍ତୋଷ ଦାସ, ଉପସଭାପତି ସୁଦେଶ ସେନ, ସହ ସମ୍ପାଦକ ସଞ୍ଜୟ ଦା ଦାସ, ସହ କୋଷାଧ୍ୟକ୍ଷ ସୁବାଷ ଦାସ୍ ଉପଦେଷ୍ଟା, ଅମରଜ୍ଜି ସେନ,ଜିଷ୍ଣୁ ପ୍ରକାଶ ଘୋଷ, ମନୋଜ ସେନ, ନରହରି ସେନ ଓ ହରିହର ର ସେନ ଆଦିଙ୍କ ଉପସ୍ଥିତିରେ ସମାପନ ପନ ହୋଇଥିଲା । କ୍ଲବର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ମହେଶ ମଲ୍ଲ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜ ଜିଲ୍ଲା ବିଜେପିର ପୂର୍ବ ସଭାପତି ନିହାର ମୋଦି ଓ ପଶ୍ଚିମ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ ମନୋନୀତ

ବାରିପଦା, (ସବ୍ୟୁ) : ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ମୟୂରଭଞ୍ଜ ଜିଲ୍ଲା ପୂର୍ବ ସଭାପତି ଭାବେ ନିହାର ରଞ୍ଜନ ମୋଦି ଓ ପଶ୍ଚିମ ଜିଲ୍ଲା ସଭାପତି ଭାବେ ଜୁରିଲାଲ ମହାନ୍ତ ସର୍ବସହମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ସେହିପରି ରାଜ୍ୟ ପରିଷଦ ସଦସ୍ୟ ଭାବେ ମୋରଡା ପ୍ରଦୀପ କୁମାର ମହାନ୍ତି, ବଡସାହିରୁ ବ୍ରଜମୋହନ ବେହେରା, ଜଗନ୍ନାଥ ମଲ୍ଲିକ, ବାରିପଦାରୁ ପ୍ରମୋଦ ସାହୁ, ପ୍ରବୀଣ କୁମାର ପାତ୍ର, ଉଦଳାରୁ ମମତା ସାହୁ, ବାଙ୍ଗିରିପୋଷିରୁ ରୋହିଦାସ ସିଂ ଓ ଦୁଲାରୀ ସିଂ ପ୍ରମୁଖ ମନୋନୀତ ହୋଇଛନ୍ତି । ଏହି ଅବସରରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଜିଲ୍ଲା ନିର୍ବାଚନ ଅଧିକାରୀ ଜୀବନ ପ୍ରଦୀପ ଦାସ, ରାଜ୍ୟ ପର୍ଯ୍ୟବେକ୍ଷକ ମନୋସ୍ମିତା ଖୁଣ୍ଟିଆ ଓ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ନର୍ବନିର୍ବାଚିତ ଅଧିକାରୀ ମାନଙ୍କୁ ସଭାପତିଙ୍କ ନାମ ଘୋଷଣା କରିବା ସହ ସମସ୍ତ ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ନୂତନ ସଭାପତି ନିହାର ମୋଦି ଦଳ ଆସ୍ଥାପ୍ରକଟ କରି ସଭାପତି ଭାବେ ନିର୍ବାଚିତ କରିଥିବାରୁ ସେ ରାଜ୍ୟ ନେତୃତ୍ୱ, ଜିଲ୍ଲାର ସାଂସଦ, ସମସ୍ତ ବିଧାୟକ, ମଣ୍ଡଳ ସଭାପତି ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କୁ ସାଙ୍ଗରେ ନେଇ ନିଷ୍ଠାର ସହିତ ଦାୟିତ୍ୱ ତୁଲାଇବେ ବୋଲି ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସାରସକଣା ବିଧାୟକ ଭାଦବ ହାଁସଦାଃ, ବଡସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ଉଦଳା ଏନଏସସି ଅଧକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥି ଓ ପୂର୍ବତନ ଜିଲ୍ଲା ସଭାପତି କାନ୍ଦ୍ରା ସୋରନେ୍ ପ୍ରମୁଖଙ୍କ ସହ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ସମୁଦ୍ରରେ ଗାଧୋଇବା ବେଳେ ଛାତ୍ରଙ୍କ ମୃତ୍ୟୁ

ଗୋପାଳପୁର ,(ସବ୍ୟୁ) : ଶନିବାର ଗୋପାଳପୁର ଥାନା ଅନ୍ତର୍ଗତ ଧବଳେଶ୍ୱର ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ଛାତ୍ର ମୃତ୍ୟୁ ବରଣ କରିଥିବା ଜଣା ପଡ଼ିଛି । ମୃତ ଛାତ୍ର ଜଣକ ହେଲେ ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ ମହାବିଦ୍ୟାଳୟ ଇଲୋକ୍ଟ୍ରନିସ ବିଭାଗର ଯୁକ୍ତ ୩ ଶେଷବର୍ଷର ଛାତ୍ର ସୋମନାଥ ପରିଡ଼ା(୨୦) ବୋଲି ଜଣାପଡିଛି । ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ ମହାବିଦ୍ୟାଳୟର ଇଲେକ୍ଟ୍ରୋନିସ୍ ବିଭାଗର ଅଧ୍ୟାପକ ଏବଂ ୫୦ ଜଣ ଛାତ୍ରଛାତ୍ରୀ ଷ୍ଟୋଡିଟୁର୍ ପାଇଁ ଧବଳେଶ୍ୱର ଆସିଥିଲେ । ମଧ୍ୟାହ୍ନ ପ୍ରାୟ ଗୋଟାଏରେ ସେଠାରେ ଥିବା ମନ୍ଦିର ଦର୍ଶନ ସମୟରେ କିଛି ଛାତ୍ର ଅଧ୍ୟାପକଙ୍କୁ ନ ଜଣାଇ ସମୁଦ୍ରରେ ଗାଧେଇବାକୁ ଚାଲି ଯାଇଥିଲେ । ଅସାବଧାନତା ଯୋଗୁଁ ସୋମନାଥ ପରିଡ଼ା ସମୁଦ୍ରରେ ଭାସି ଯାଇଥିଲେ । ସେଠାରେ ଥିବା ମତ୍ସ୍ୟଜୀବୀ ମାନେ ତାକୁ ଉଦ୍ଧାର କରିଥିଲେ।ସ୍ୱାସ୍ଥ୍ୟ ଗୁରୁତର ଥିବାରୁ ତାକୁ ଆମ୍ବୁଲେନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆ ଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ଇଲୋକ୍ଟ୍ରନିସ ବିଭାଗର କାର୍ଯ୍ୟରତ ଅଧ୍ୟାପକ ବନୋଜ କୁମାର ଦେହୁରୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୋଲିସ କେଶ୍ ନଂ ୧/୨୫ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଜଣାପଡିଚି । ଖବର ପାଇ ମୃତ ସୋମନାଥଙ୍କ ପରିବାର ଲୋକେ ମେଡିକାଲ୍ ରେ ପହଞ୍ଚିଥିବା ଜଣାପଡିଛି। ଆସନ୍ତା କାଲି ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ୍ ସୂଚନା ଦେଇଛି ।






# ୨୮ରେ ସହିଦ ସ୍ମୃତି ଭବନ ଠାରେ ଖାଟୁଧାମର ବିଶାଳ ସଂର୍କୀନ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ଶ୍ରୀଜେଡିପି ମେଗାସପ୍ ଆନୁକୂଲ୍ୟରେ ବାରିପଦା ଲାଡଲା ଖାଟୁୱାଲେଙ୍କ ଆୟୋଜନରେ ଆଗାମୀ ୨୮ ତାରିଖ ମଙ୍ଗଳବାର ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସ୍ଥାନୀୟ ବାରିପଦା ସହିଦ ସ୍ମୃତିଭବନ ଠାରେ ବାରିପଦା ବନେଗା ଖଟୁଧାମ ବିଶାଳ ସଂର୍କୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହିକାର୍ଯ୍ୟକ୍ରମରେ ଖାଟୁଶ୍ୟାମଜୀ ମନ୍ଦିରରସେବକ ପରିବାରର ପୂଜକ ମାନବେନ୍ଦ୍ରସିଂ ଚୌହାନଙ୍କ ତ୍ୱାବଧାନରେ ଦେଶର ବିଭିନ୍ନ କଳାକାରଙ୍କ ମଧ୍ୟରେ ବରେଲୀର ଅଲୀ ଦ୍ୱିବେଦୀ, ଜୟପୁରର ସୟ ପାରିଖ ଓ ସାକ୍ଷୀ ଅଗ୍ରୱାଲ, ଦିଲ୍ଲୀର ସରୋଜ ଶର୍ମା ଓ ଶିବାନୀ ରାଘବ, ଅଲୱରର ରୋହିବାସ୍ୱ ଖଣ୍ଡେଲୱାଲ, ଖାଟୁୱାଲର ଯୋଗେଶ ଶର୍ମା ଏବଂ ବାଘେଶ୍ୱର ଧାମର ଶକ୍ତି ଦୁବେ ପ୍ରମୁଖ ଅଂଶଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମ ଦିଲ୍ଲୀ ଶ୍ରୀଶ୍ୟାମ ମସ୍ତାନା ମଣ୍ଡଳ ଟ୍ରଷ୍ଟସହ କଟକ ଶ୍ରୀ ଶ୍ୟାମ ମିତ୍ରମଣ୍ଡଳଙ୍କ ସହଯୋଗରେ ଆୟୋଜିତ ହେଉଥିବାରୁ ଏଥିରେ ବହୁସଂଖ୍ୟାରେ ସାମିଲ ହେବା ପାଇଁ ଜାନୁଭାଇ ସୌରଭମୋଦି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# କାଇଚଟଣୀ ଗବେଷକ ନୟାଧର ପଢିଆଳଙ୍କ ପରଲୋକ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବାରିପଦା ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ତଥା ବିଶିଷ୍ଟ କାଇଚଟଣୀ ଗବେଷକ ଇଂ ନୟାଧର ପଢିଆଳଙ୍କ ହୃଦ୍ଘାତରେ ପରଲୋକ ହୋଇଯାଇଛି । ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ହୃଦ୍‌ରୋଗ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ତାଙ୍କର ପରଲୋକ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ମୟୂରଭଞ୍ଜ ଜିଲ୍ଲା ସହ ସମଗ୍ର ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତଃ ପଢିଆଳ ଜଣେ ମେଳାପୀ, ଧର୍ମପରାୟଣ, ପରୋପକାରୀ ଓ ସମାଜସେବୀ ଭାବରେ ସବୁଠି ଆଦୃତ ଥିଲେ । କରୋନା ସମୟରେ ସାଧାରଣରେ କାଇଚଟଣୀର ଔଷଧୀୟ ଗୁଣ ବିଷୟରେ ଅବଗତ କରାଇବା ସହ ତାଙ୍କ ପ୍ରଚେଷ୍ଟାରେ କାଇଚଟଣୀକୁ ଭାରତ ସରକାରଙ୍କ ପକ୍ଷରୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିପାରିଥିଲା । ତାଙ୍କ ମରଶରୀର ଶନିବାର ସକାଳେ ବାରିପଦା ସ୍ଥିତ ବାସଭବନରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ପଢିଆଳ ପ୍ରେମୀଙ୍କ ଭିଡ ଲାଗିଥିଲା । ବାରିପଦା ବିଧାୟକ ପ୍ରକାଶ ସୋରେନ୍, ମୟୂରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦାଃ, ବାରିପଦା ପିଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ଇଂ ରୋହନ ଗୌରବ ରାୟ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ସାଧାରଣ ଜନତା ମରଶରୀରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ମରଶରୀର ନିକଟରେ ତାଙ୍କର ସ୍ତ୍ରୀ, ଦୁଇପୁଅ ଓ ଏକମାତ୍ର ଝିଅଙ୍କ ସହ ପରିବାର ବର୍ଗ ଓ ବନ୍ଧୁବାନ୍ଧବ ପ୍ରମୁଖ ଉପସ୍ଥିତ ଥିଲେ । ବାରୁଣୀ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ।





DADLS-93




**ଓଡ଼ିଆ ଅସ୍ମିତା**

- ସଂସ୍କୃତି ଓ ଐତିହ୍ୟର ବିକାଶ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି
- ରାଜ୍ୟର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ମାସିକ ୩୦,୦୦୦ ଟଙ୍କାର ସମ୍ମାନ ରାଶି ପ୍ରଦାନ
- ୧୦୦ ବର୍ଷ ପୁରାତନ ଐତିହ୍ୟ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ସହାୟତା

**ମହିଳା ସଶକ୍ତୀକରଣ**

- ୧,୭୯,୬୨୫ ଏସ୍.ଏଚ୍.ଜିକୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ୮୫୮୧.୦୪ କୋଟି ଟଙ୍କା ପ୍ରଦାନ
- ୨୨୪୭୭ ଏସ୍.ଏଚ୍.ଜିକୁ ୧୭୯.୧୭ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ

**ବିଦ୍ୟାଳୟ ଶିକ୍ଷା**

- ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ପି.ଏମ୍.-ଶ୍ରୀ ଯୋଜନାରେ ୪୫୦ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ କେନ୍ଦ୍ରରେ ରୂପାନ୍ତରଣ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀଙ୍କ ଦେୟ ୨୦୦୦ ଟଙ୍କା ଛାଡ଼, ୪୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା**

- ଡିଜିଟାଲ ସ୍କିଲିଂ ଅଭିଯାନରେ ୩୦ ହଜାରରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୬ ହଜାରରୁ ଅଧିକ ପାଠ୍ୟକ୍ରମର ପ୍ରଣୟନ
- ମୁଖ୍ୟମନ୍ତ୍ରୀ ଆକାଂକ୍ଷୀ ଯୋଜନାରେ ତିନିବର୍ଷ ପାଇଁ ୧୯୦ କୋଟି ଟଙ୍କାର ବ୍ୟବସ୍ଥା
- ୧୩୦ କୋଟି ଟଙ୍କା ବ୍ୟୟରେ ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ପ୍ରସ୍ତାବ

**ସୁଭଦ୍ରା**



- ସୁଭଦ୍ରା ଯୋଜନାରେ ୫ ବର୍ଷ ନିମନ୍ତେ ୫୫ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା, ଲାଭାନ୍ୱିତ ହେବେ ଏକ କୋଟିରୁ ଅଧିକ ମହିଳା
- ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଗଲାଣି ୪ ହଜାର କୋଟିରୁ ଅଧିକ ଟଙ୍କା

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ**

- ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
- ଓଡ଼ିଶାର ୧ କୋଟି ପରିବାରଙ୍କୁ ଦେଶବ୍ୟାପୀ ୨୭,୦୦୦ରୁ ଊର୍ଦ୍ଧ୍ୱ ହସ୍ପିଟାଲ୍‌ରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା
- ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍ ଉପକରଣ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ

**କୃଷି ଓ କୃଷକ ସଶକ୍ତୀକରଣ**

- ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କ ପାଇଁ ଧାନର ଏମ୍.ଏସ୍.ପି ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଅତିରିକ୍ତ ସହାୟତା
- ପି.ଏମ୍. କିଷାନ୍ ଓ ସି.ଏମ୍. କିଷାନ୍ ସମନ୍ୱିତ ପ୍ଲାଟ୍‌ଫର୍ମରେ ୪ ଲକ୍ଷରୁ ଅଧିକ ଚାଷୀ ଉପକୃତ
- ପାରମ୍ପରିକ କୃଷିର ପୁନରୁଦ୍ଧାର ପାଇଁ ଶ୍ରୀଅନ୍ନ ଅଭିଯାନରେ ୬୪୮.୬୧ କୋଟି ଟଙ୍କାର ବ୍ୟବସ୍ଥା

**ଗ୍ରାମ୍ୟ ଉନ୍ନୟନ**

- ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଅଭିଯାନରେ ଓଡ଼ିଶାର ୧୫୨୩ଟି ଗ୍ରାମ ସବୁଦିନିଆ ରାସ୍ତା ଦ୍ୱାରା ସଂଯୁକ୍ତ
- ନିର୍ମାଣାଧୀନ ୫୦୦ ନୂତନ ସେତୁ ମଧ୍ୟରୁ ୧୧୧ଟି ସେତୁର ନିର୍ମାଣ ସମ୍ପନ୍ନ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମିତ

**ଗୃହନିର୍ମାଣ ଓ ନଗର ଉନ୍ନୟନ**



- ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ପାଇଁ ୪୦୦ଟି ଇ-ବସ୍
- ୭୯୨ କୋଟି ଟଙ୍କାର ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ୩୫୯ କୋଟି ଟଙ୍କା ବ୍ୟୟରେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ
- ଅତ୍ୟାଧୁନିକ ଗମନାଗମନ ବ୍ୟବସ୍ଥା ପାଇଁ ଡବଲ ଡେକର୍ ବସ୍‌ସେବା ଓ 'ଓଡ଼ିଶା ଯାତ୍ରୀ ଆପ୍' ଲୋକାର୍ପିତ

**ଜନଅଭିଯୋଗ ଶୁଣାଣି**



ଜୁଲାଇ ୧ ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୭୨,୦୦୦ ଅଭିଯୋଗର ଶୁଣାଣି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ

**ପର୍ଯ୍ୟଟନ**

- ପୂର୍ବ ଭାରତରେ ଦୁଃସାହସିକ କ୍ରୀଡ଼ା ପାଇଁ ଓଡ଼ିଶା ହେବ ପ୍ରମୁଖ ହବ୍
- ହୀରାକୁଦ ଓ ସାତକୋଶିଆ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ୨୦୦ କୋଟି ଟଙ୍କା
- ବେଳାଭୂମି, ବୌଦ୍ଧପୀଠ, ବନ୍ୟପ୍ରାଣୀ ତଥା ରିଭର୍‌ଫ୍ରଣ୍ଟ ପ୍ରକଳ୍ପକୁ ଅଗ୍ରାଧିକାର

**ଶିଳ୍ପ ଓ ଏମ୍.ଏସ୍.ଏମ୍.ଇ**

- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଐତିହାସିକ ଓଡ଼ିଶା ଗସ୍ତ, ରିନ୍ୟୁଏବଲ୍ ଏନର୍ଜି, ଗ୍ରୀନ୍ ହାଇଡ୍ରୋଜେନ୍, ଫିନ୍‌ଟେକ୍ ସର୍ଭିସ ଓ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୮ଟି ଏମ୍.ଓ.ୟୁ ସ୍ୱାକ୍ଷର
- ୧,୯୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶରେ ୧୦୪ଟି ପ୍ରକଳ୍ପ ଓ ୧ ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସମ୍ଭାବନା ସୃଷ୍ଟି

**ନିଯୁକ୍ତି, ସୁଯୋଗ ଓ ଜୀବିକା ଅଭିବୃଦ୍ଧି**

- ୫ ବର୍ଷରେ ହେବ ୧.୫ ଲକ୍ଷ ସରକାରୀ ନିଯୁକ୍ତି
- ଅଦ୍ୟାବଧି ୧୮,୦୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ
- ୨୦୨୭ ସୁଦ୍ଧା ୨.୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି

**ଜନଜାତି ବିକାଶ**

- ଅନୁସୂଚିତ ଜନଜାତି ବର୍ଗର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି
- ଭୁବନେଶ୍ୱରଠାରେ ଜନଜାତି ଐତିହ୍ୟ ଭବନ ଓ ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା

OIPR: 15001/13/0389/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ମହିମା ମହୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଅନୁଗୋଳ, (ସବ୍ୟୁ) : ଅନୁଗୋଳ ସହର ଉପକଣ୍ଠ ଅଙ୍ଗାରବନ୍ଧ ଠାରେ ହେବାକୁ ଥିବା ମାଘ ମେଳା ଓ ମହିମା ଆନ୍ତର୍ଜାତୀୟ ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ଅଧକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ମାଘ ମେଳା ଓ ମହୋତ୍ସବକୁ କିପରି ସଫଳ କରାଯିବ, ସେଥି ନିମନ୍ତେ ବିଭିନ୍ନ ସରକାରୀ ସଂସ୍ଥା ଓ ମହିମା ଧାମ ପରିଚାଳନା କମିଟିର ସାହାର୍ଯ୍ୟ ଓ ସହଯୋଗ କରିବା ନିମନ୍ତେ ଏହି ବୈଠକର ଆୟୋଜନ କରାଯାଇଥିଲା । ଏହି ବୈଠକରେ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ବିଦ୍ୟୁତ ସେବା, ପରିମଳ ବ୍ୟବସ୍ଥା, ଅଗ୍ନି ନିରୋଧକ ବ୍ୟବସ୍ଥା, ରାସ୍ତା ମରାମତି, ଆଇନ ଶୃଙ୍ଖଳା ବ୍ୟବସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ବୈଠକ ରେ ଅଧକ୍ଷତା କରୁଥିବା ଶ୍ରୀ ବେହେରା ମହୋତ୍ସବ ପାଇଁ ନିଜର ଏକ ଜେନେରେଟର କିଣିବା ଓ ମହୋତ୍ସବକୁ ପୋଲିସକୁ ସହାୟତା କରିବା ପାଇଁ ଗ୍ରାମ ପଞ୍ଚାୟତରୁ ପ୍ରାୟ ୫୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ ।

ମେଳା ପୂର୍ବରୁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ କମିଟି ମେଳା ତଥା ମହୋତ୍ସବର କାର୍ଯ୍ୟକାରିତା ସମ୍ପର୍କରେ ତଦାରଖ କରିବା ସହିତ ଘଟଣା ସ୍ଥଳକୁ ପରିବେକ୍ଷଣରେ ଯିବେ ବୋଲି ବୈଠକରେ ପ୍ରକାଶ କରିଥିଲେଛ ଏହି ବୈଠକରେ ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ, ଅନୁଗୋଳ ବିଡିଓ ବିଶ୍ ଭୂଷଣ, ଡେପୁଟି କଲେକଟର ସ୍ୱାହା ମହାନ୍ତି, ସଦର ଥାନା ଅଧିକାରୀ ମୁର୍ଣ୍ଣାଲ କାଲୋ, ଗ୍ରାମ ନିର୍ମାଣ ବିଭାଗର ସାହଯନ୍ତ୍ରୀ ପ୍ରଫୁଲ୍ଲ କୁମାର ଭୋଇ, ଜିଲ୍ଲା ସାଂସ୍କୃତିକ ଅଧିକାରୀଙ୍କ ପ୍ରତିନିଧି ସଚିନ ଜ୍ୟୋତିରାଦିତ୍ୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାନି ରାଜେନ୍ଦ୍ର ସାହୁ, ଟାଟା ପୱାର ର ନିର୍ଭୟୀ ଯନ୍ତ୍ରୀ ମାନସ କର, ଅଙ୍ଗାରବନ୍ଧର ସରପଞ୍ଚ ସୁଜାତା ସାହୁ, ସମିତି ସଭ୍ୟଙ୍କ ପ୍ରତିନିଧି ଗିରିଶ ଚନ୍ଦ୍ର ସ୍ୱାଇଁ, ଅଲେଖ ମହିମା ଧାମ ପରିଚାଳନା କମିଟିର ସଭାପତି ଲୋକନାଥ ସାହୁ ଓ ଶିବ ସାହୁ, ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ, କୋଷାଧକ୍ଷ ବିଜ୍ଞାନୀ ବେହେରା, ସୁଧୀର ବେହେରା, ସଦସ୍ୟ ପରେଶ ଚନ୍ଦ୍ର ଜେନା, ବିକନ ସାହୁ, କରୁଣା କର ସାହୁ ଓ ଆଇନ ପରାମର୍ଶଦାତା ଦ୍ୱାରିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଉଲେଖଯୋଗ୍ୟ ଯେ ମହିମା ମାଘ ମେଳା ଓ ମହୋତ୍ସବ ଅଙ୍ଗାରବନ୍ଧ ଗ୍ରାମ ଠାରେ ଚଳିତ ବର୍ଷ ଫେବୃଆରୀ ମାସ ୧୦ ରୁ ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ତିନିଦିନ ପର୍ଯ୍ୟନ୍ତ ମାଘ ମେଳା ଓ ମହୋତ୍ସବରେ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କଳାକାରମାନେ ପ୍ରତିବର୍ଷ ପରି ଏହି ବର୍ଷ ମଧ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ମେଳା ଓ ମହୋତ୍ସବରେ ପ୍ରତିବର୍ଷ ପରି ମଧ ଲକ୍ଷାଧିକ ଭକ୍ତ ଯୋଗଦେବେ ।

# ନାହିଁ ପାଡି କ୍ଲିନର ଓ ଗ୍ରେନ ଆନାଲାଇଜର
# ଏଫଏକ୍ୟୁ ମାନ ଧାନ ନାହିଁ, ଓହରିଲେ ମିଲର ସଂଘ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଧାନ ସଂଗ୍ରହ ନେଇ ମିଲର ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲାରେ ମୋଟ ୯୨ଟିକେନ୍ଦ୍ରରେ ଦୁଇଟି ପାଡି କ୍ଲିନର ଏବଂ ଗୋଟିଏ ହେଲେ ମଧ ଗ୍ରେନ ଆନାଲାଇଜର ନଥିବାବେଳେ ଏଫକ୍ୟୁ ମାନର ଧାନ ନଥିବାରୁ ମିଲରମାନେ ଧାନ ସଂଗ୍ରହରୁ ଓହରିବା ସହିତ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ।

ଢେଙ୍କାନାଳ ଜିଲ୍ଲାରେ ଖରିଫ ପାଇଁ ଜାନୁଆରୀ ୧୫ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା ।ଜିଲ୍ଲାରେଥିବା ମିଲର ମାନଙ୍କ ଦ୍ୱାରା ପ୍ରାୟ ୬୦ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି । କିନ୍ତୁ ମଣ୍ଡିକୁ ଆସୁଥିବା ଧାନ ନିମ୍ନମାନର ବୋଲି ମିଲର ମାନ ଦର୍ଶାଇବା ସହିତ ଗ୍ରେନ ଆନାଲାଇଜର ନଥିବାରୁ ଚାଷୀମାନଙ୍କ ଠାରୁ ଧାନ କିଣିବାରେ ସମ୍ଭବହେଉନାହିଁ । ଅଣଏଫକ୍ୟୁମାନର ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା ହୋଇନଥିବା ବେଳେ ମଣ୍ଡିରେ ସ୍ଥାନୀୟ ଅଞ୍ଚଳରଲୋକମାନେ ଧାନ କ୍ରୟକୁ ନେଇ ସମସ୍ୟା ସୃଷ୍ଟି କରିବା ସହିତ କର୍ମଚାରୀଙ୍କୁ ମଧ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଏହାକୁ ନେଇ ସମବାୟ ସମିତି ଗୁଡିକୁ ଏଫକ୍ୟୁମାନର ଧାନ ସଂଗ୍ରହ କରି ଦିଆଗଲେ ମଣ୍ଡିରୁ ଧାନ ଉଠାଇବାକୁ ମିଲର ମାନେ ଲିଖିତ ଭାବରେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଫଳରେ ଗତକାଲିଠାରୁ ବିଭିନ୍ନ ମଣ୍ଡିରେ ଧାନ ସଂଗ୍ରହ ହୋଇପାରି ନାହିଁ ।

ପ୍ରକାଶ ଥାଉକି ଜିଲ୍ଲାରେ ପର୍ଯ୍ୟାୟକ୍ରମେ ୫୪ହଜାର୬୫୮ ଜଣ ପଞ୍ଜୀକୃତ କରିଥିବା ଚାଷୀ ମାନଙ୍କ ଠାରୁ ୮୮ ଗୋଟି ମଣ୍ଡି ମାଧ୍ୟମରେ ୧୩ଲକ୍ଷ ୯୫ହଜାର୩୦୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମଣ୍ଡି ରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତି ନଘଟିବା ,ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ବାରମ୍ବାର ଯୋଗାଣ ବିଭାଗ କହୁଛନ୍ତି ।

ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡି ମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ । କିନ୍ତୁ ଏହାକୁ ନେଇ ସନ୍ଦେହ ଦେଖାଦେଇଛି । ଜିଲ୍ଲାରେ ମାତ୍ର ୨ଟି ପାଡି କ୍ଲିନର ଥିବା ବେଳେ ଗ୍ରେନ ଆନାଲାଇଜର ନାହିଁ । ତେବେ ୮୮ଟି କେନ୍ଦ୍ରରେ କିପରି ଧାନରମାନ ପରିକ୍ଷଣକରାଯିବ ତାକୁ ନେଇ ପ୍ରଶ୍ନ ଉଠିଥିଲା ।

# ଉପଖଣ୍ଡ ପ୍ରଶାସନ ପାଳିଲା ମତଦାତା ଦିବସ

ଆଠମଲ୍ଲିକ, (ସବ୍ୟୁ) : ସ୍ଥାନୀୟ ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପନ୍ଦର ତମ ମତଦାତା ଦିବସ ପାଳିତ ହୋଇଯାଇଛି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ କଲେଜ ଏନ ସି ସି କ୍ୟାଡ଼େଟ ଓ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ସଚେତନତା ଶୋଭାଯାତ୍ରାକୁ ଉପଜିଲ୍ଲାପାଳ ଡ଼ଃ ଦିଲ୍ଲୀପ ବେହେରା ଉଦଘାଟନ କରିଥିଲେ । ଶୋଭାଯାତ୍ରାରେ ମତଦାତା ଦିବସ ସମ୍ବନ୍ଧୀୟ ବିଭିନ୍ନ ନାରା ଦେଇ ଓ ସ୍ଲୋଗାନ ଲେଖା ଥିବା ପ୍ଲା କାର୍ଡ ହାତରେ ଧରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ପହଂଚି ଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭା ରେ ମୁଖ୍ୟଅତିଥି ଭାବରେ ଉପଜିଲ୍ଲାପାଳ ଡ଼ଃ ବେହେରା, ତହସିଲଦାର ପ୍ରସନ୍ନ ଟେଟେ, ବିଡ଼ିଓ ଟିଟୋସ ମହାନନ୍ଦିଆ, ସହକାରୀ ଜିଲ୍ଲାପାଳ ପ୍ରଭୁ ପିୟୁଷ ମହାପାତ୍ର ପ୍ରମୁଖ ଯୋଗ ଦେଇ ଦେଶର ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ସମସ୍ତେ ମତାଧିକାର ସାବ୍ୟସ୍ତ କରିବା ନିହାତି ଜରୁରୀ ବୋଲି କହିଥିଲେ । ସୂଚନା ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ସଭା ପରିଚାଳନା କରିଥିଲେ । ଭୋଟର ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ଆଠମଲ୍ଲିକ କଲେଜ ଏନ ସି ସି କ୍ୟାଡ଼େଟ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତଛାତ୍ରୀ, ଅଙ୍ଗନୱାଡି କର୍ମଚାରୀ, ପୋଲିସ ବାହିନୀକୁ ଅତିଥିଙ୍କ ଦ୍ୱାରା ସଂମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଡ଼ିପିଓ ତରଙ୍ଗିଣୀ ମିଁଦ୍ଧା, ଏ ସି ଏସ ଓ ଶିବାଶିଷ ଜେନା, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ ସେଠୀ, ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ନଗେନ ରାଉତ,ପରମେଶ୍ୱର ବଘାର, ଅଭିରାମ ସାଏ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ନିଶ୍ଚିତ ମତଦାନ ପାଇଁ ଶପଥ ପାଠ କରାଯାଇଥିଲା ।

# ରାସ ବିହାରୀ ବିଜେପିର ନୂତନ ସଭାପତି



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ନୂତନ ବିଜେପି ସଭାପତି ଭାବରେ ରାସ ବିହାରୀ ବେହେରାଙ୍କୁ ଦାୟୀତ୍ୱ ପ୍ରଦାନ ରାଯାଇଛି । କଙ୍କଡାହାଡ ବ୍ଲକରେ ଜଣେ ସଫଳ କାର୍ଯ୍ୟକର୍ତ୍ତା ଭାବରେସେ ବେଶ ପରିଚିତ ଥିବା ବେଳେ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ ପରେ ସେ କହିଛନ୍ତି ଯେ, ଜିଲ୍ଲା ସଭାପତି ଏକ ପଦ ନୁହେଁ ଏକ ଦାୟୀତ୍ୱ । ସରକାର ଏବଂ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖି ଜିଲ୍ଲାରବିକାଶ ଏବଂ ରାଜ୍ୟର ବିକାଶ ଦିଗରେ କିଭଳି କାର୍ଯ୍ୟ ହୋଇପାରିବ ସେ ଦିଗରେ ସେ ଯତ୍ନବାନ ହେବେ ବୋଲି କହିଥିଲେ ।

ସେହିପରି ଢେଙ୍କାନାଳ ଜିଲ୍ଲା ନିର୍ବାଚନ ଅଧିକାରୀ ଭାବରେଯୋଗଦେଇଥିବା ଡିଆରଓ ସ୍ମୃତି ପଟ୍ଟନାୟକ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ଯେ, ସରକାରୀ କଳରେ କିଭଳି କାର୍ଯ୍ୟ ହୋଇପାରିବ ତାହା ରାସବିହାରୀଙ୍କୁ ବେଶ ଜଣା । ସମସ୍ତଙ୍କ ମତାମତ ଏବଂ ମନ୍ତ୍ୟୁକୁ ନେଇ ସଙ୍ଗଠନକୁ ନେଇ କାର୍ଯ୍ୟ କରାଯିବ । ଦଳ ଏବଂ ସଙ୍ଗଠନ ସହିତ ଲୋକମାନେ କିଛି ଅପେକ୍ଷା ରହିଛନ୍ତି, ସେହି ଅପେକ୍ଷା ନିକଟରେ ପହଞ୍ଚିବାକୁ ଆମର ଉଦ୍ୟମ ବୋଲିକହିଥିଲେ ।

ସେହିପରି ଜିଲ୍ଲା କାର୍ଯ୍ୟଳୟରେ ରାଜ୍ୟ ଉପସଭାପତି ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଭାବରେ ଲତିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପିର ବହୁ ତୁଙ୍ଗନେତା ଥିବା ବେଳେ ନୂତନ ସଭାପତିଙ୍କୁ ସ୍ୱାଗତ କରାଯାଇଥିଲା । ଜିଲ୍ଲା ସଭାପତି ଭାବରେନରେଶ କୁମାର ମହାପାତ୍ର ତାଙ୍କ ଛାତ୍ର ଜୀବନ ଠାରୁ ଆରମ୍ଭ କରି ଏବିଭିପି, ଆରଏସଏସ,ଛାତ୍ର ସଂସଦସହିତ ରାଜନୈତିକ ଜୀବନ ସମ୍ପର୍କରେ ନିଜର ବିଦାୟୀ ଭାଷଣ ରଖିଥିଲେ । ଏହି ଅବସରରେ କାମାକ୍ଷାନଗର, ଢେଙ୍କାନାଳ, ହିନ୍ଦୋଳ ଓ ପରଜଙ୍ଗ ବ୍ଲକରୁ ରାଜ୍ୟପରିଷଦରେସ୍ଥାନ ପାଇବା ଅଧକାରୀଙ୍କ ନାମ ଘୋଷଣା କରାଯାଇଥିଲା ।

# ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ନେତାଜୀ ଜୟନ୍ତୀ

ତାଳଚେର, (ସବ୍ୟୁ) : ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ହାଟତୋଟା ସ୍ଥିତ ମ୍ୟୁନିସିପାଲିଟି ମାର୍କେଟ୍ ଠାରେ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ସମିତିର ଆବାହକ ପଦ୍ମ ଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ନେଜାତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସଭାରେ ବାଉରୀବନ୍ଧୁ ବେଜ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ମାନସ ରଞ୍ଜନ ବେହେରା, କିଶାନ ସାହୁ, ଅଶୋକ ଶର୍ମା, ମାନସ ରଂଜନ ସାହୁ, ଅଶୋକ ବାରିକ, ସୁକାନ୍ତ ଦାସ, ଶୋଭାଗିନୀ ଦାସ, ବିନୋଦ ଲାଲ୍, ସଂଗ୍ରାମ କେଶରୀ କୁଅଁର, ମନମୋହନ ନାଏକ, ସୁଶିଲ ନାଏକ ପ୍ରମୁଖ ଯୋଗଦେଇଥିଲେ । ବକ୍ତାମାନେ ନେତାଜୀଙ୍କ ତ୍ୟାଗ ପୁତ ସଂଗ୍ରାମୀ ଜୀବନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଶେଷରେ ଆବାହକ ପଦ୍ମ ଚରଣ ସାମଲ ଏହି ଜୟନ୍ତୀ ସଭାକୁ ସଫଳ କରିଥିବାରୁ ମ୍ୟୁନିସିପାଲିଟି ମାର୍କେଟର ବନ୍ଧୁମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

## ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ
# ଆଦର୍ଶ ଛାତ୍ରଛାତ୍ରୀଙ୍କ ପାଇଁ ଅଧିବସାୟ ଜରୁରୀ: ଉପଜିଲ୍ଲାପାଳ

ଗୋଡିବନ୍ଧ, (ସବ୍ୟୁ) :ସ୍ଥାନୀୟ ମହୁଲପାଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳର ବାର୍ଷିକ ଉତ୍ସବ ଉଦୟମ ୨୦୨୫ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ତଥା ବିଦ୍ୟାଳୟ ଚେୟାରମ୍ୟାନ ଭାରତୀୟ ପ୍ରାଶାସନିକ ସେବା (ଆଇଏଏସ) ସମୀର କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ତାଳଚେର ବିଧାୟକ ଯୋଗଦେଇଥିଲେ । ଏତଦ୍‌ଭିନ୍ନ ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ମେଜର ସୁବ୍ରତ କୁମାର ଦାସ, ଅଭିଭାବକ ସଂଘ ସଭାପତି ବସନ୍ତ କୁମାର ନାୟକ ଏବଂ ବିଦ୍ୟାଳୟ ଅଧକ୍ଷ ଅମିତ କୁମାର ସାମନ୍ତରାୟ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ ଓ ପରେ ସ୍ୱାଗତ ସଙ୍ଗୀତ ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ଶ୍ରୀ ସାମନ୍ତରାୟ ଅତିଥି ପରିଚୟ,ବାର୍ଷିକ ବିବରଣୀ ଓ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଆଦର୍ଶ ବିଦ୍ୟାଳୟରେ ଅଧିବସାୟ ବଳରେ ପାଠପି ଆଦର୍ଶ ମଣିଷ ହୋଇ ରାଷ୍ଟ୍ର ଗଠନରେ ନିଜକୁ ନିୟୋଜିତ କରିବା ସହ ଶୃଙ୍ଖଳିତ,ସଂସ୍କାରୀ ଏବଂ ମାର୍ଜିତ ହେବାକୁ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରେରଣାଦାୟୀ ଓ ସାରଗର୍ଭକ କଥା କହିଥିଲେ । ବିଦ୍ୟାଳୟର ବିଭିନ୍ନ ଆନୁସଙ୍ଗିକ ଅବ୍ୟବସ୍ଥା ଓ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ କମିଟି ସଭାପତି ବସନ୍ତ କୁମାର ନାୟକ ଅତିଥିଙ୍କୁ ଅବଗତ କରାଇଥିଲେ ।

ପୂର୍ବରୁ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ପାରାକାଷ୍ଠା ଅର୍ଜିତ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ କରକମଳରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ବିଦ୍ୟାଳୟର କଳା ଶିକ୍ଷୟତ୍ରୀ ରୂପାଲି ରୁଚିସ୍ମିତ କରଙ୍କ ତାଲିମରେ ଛାତ୍ରଛାତ୍ରୀମାନେ ଆଙ୍କିଥିବା ସୁନ୍ଦର ଚିତ୍ର ଓ କାରୁକାର୍ଯ୍ୟ ଅତିଥି ମାନେ ବୁଲି ଦେଖିବା ସହ ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟନାଟିକା ଓ ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ରେସ୍ମା ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ବାଗ୍ମିପ୍ରଭା ଶିକ୍ଷକ ଅମଲେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ମତଦାନ ଦିବସ ଓ ବାଲ୍ୟ ବିବାହ ସଚେତନତା ସଭା

ଭୁବନ , (ସବ୍ୟୁ) : ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ଓ ବାଲ୍ୟ ବିବାହ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଅଜିତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଧାପକ ଗୌରାଙ୍ଗ ଚରଣ ମହାରଣା ଅନୀଲ୍ କୁମାର ଧିର ଗ୍ରନ୍ଥାଗାରିକ ନନ୍ଦକିଶୋର ଧିର ଓ ମୁଖ୍ୟ କିରାଣୀ କୈଳାସଚନ୍ଦ୍ର ବେହେରା ମଞ୍ଚାସୀନ ହୋଇ ସୁଦୃଢ଼ ଗଣତନ୍ତ୍ର ପାଇଁ ଶତ ପ୍ରତିଶତ ମତଦାନ କରିବା ଓ ୨୧ ବର୍ଷ ହେବାମାତ୍ରେ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବାକୁ କହିଥିଲେ ।

ଏହି ଅବସରରେ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ବାଲ୍ୟବିବାହ ଏକ ଘୃଣ୍ୟ ସାମାଜିକ ପ୍ରଥା । ବାଲ୍ୟବିବାହ ଅନୁମୋଦନ ଫଳରେ ମାନବିକତାର ହନନ ହୋଇଥାଏ ବୋଲି ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

ଏହା ସହିତ ସମସ୍ତ ଅଧାପକ ଅଧାପିକା ଛାତ୍ରଛାତ୍ରୀ ମିଳିତ ଭାବରେ ଜାତୀୟ ମତଦାନ ଦିବସ ପରିପ୍ରେକ୍ଷୀରେ ସ୍ୱଚ୍ଛ ଓ ନିର୍ମଳ ମନରେ ମତଦାନ କରିବାକୁ ଶପଥ ଗ୍ରହଣ କରିଥିଲେ । ଅଧାପକ କରୁଣାକର ରାଉଳ ଓ ହେମନ୍ତ ରାଉତ ଏହି ସଭାର ଆୟୋଜନରେ ପ୍ରମୁଖ ଭୂମିକାନିର୍ବାହ କରିଥିଲେ । ଅଧାପକ ସୁକାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଯୁବକଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼ ,(ସବ୍ୟୁ) : ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ ଙ୍କୁ ତାଙ୍କ ଦାଦାଙ୍କ ପୁଅ ରାଜେସ ପ୍ରଧାନ ମାଡ଼ ମାରିଥିବା ହଣ୍ଡପା ଥାନାରେ କୃଷ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି ।ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୩୩/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ କୃଷ୍ଣ ଚନ୍ଦ୍ର ତାଙ୍କ ଜମି ରେ କାମ କରୁଥିବା ବେଳେ କୌଣସି କାମ ନ ଥାଇ ରାଜେସ ଆସି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି । ସେହିପରି ରଞ୍ଜନ ପ୍ରଧାନ ଏକ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗରେ ଉଲେଖ ମୋର ଜମିରେ ମାଟି ପକାଯାଉଥିବା ବେଳେ ମୋ ପୁଅ ରାଜେସ ପ୍ରଧାନ ମନା କରିବାରୁ ତାଙ୍କୁ ଲିପୁ ପ୍ରଧାନ ମାଡ଼ ମାରିଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି ।

# ମହିମା ଜ୍ୟୋତି ଶିକ୍ଷାନୁଷ୍ଠାନ ସମୂହ ବାର୍ଷିକ ଉତ୍ସବ



ବନ୍ତଳା, (ସବ୍ୟୁ) : ଅନୁଗୋଳ ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ମହିମା ଜ୍ୟୋତି ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ ଗତ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ମହିମା ଜ୍ୟୋତି କଲେଜ ପରିସରରରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ରୂପେ ସମାରୋହକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇଥିଲେ ।

ମୁଖ୍ୟବକ୍ତା ରୂପେ ଅନୁଗୁଳ କଲେଜର ପ୍ରାକ୍ତନ ଅଧକ୍ଷଶାନ୍ତନୁ କୁମାର ସର ଯୋଗ ଦେଇ ଦେଶ ପ୍ରଗତିରେ ଯୁବ ସମାଜର ଭୂମିକା ବର୍ଣନା କରିଥିଲେ । କଲେଜ ଚେୟାରମ୍ୟାନ ସୁଜିତ କୁମାର ଦେହୁରୀ ସଭା ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ଓଡିଶା ମହିମା ସମାଜର ସଭାପତି ରଘୁବର ଦାସ ଯୋଗ ଦେଇ ବିଶ୍ୱ ସମୁଦାୟର ମଙ୍ଗଳ କାମନା କରିଥିଲେ । କଲେଜ ପ୍ରିନ୍ସିପାଲ ସତ୍ୟବ୍ରତ ଗଡ଼ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧାପକ ପ୍ରଦୀପ ଦାଶ । କଲେଜ ଚେୟାରମ୍ୟାନ ସୁଜିତ ଦେହୁରୀଙ୍କ ମାତା ଲବଙ୍ଗ ଦେହୁରୀଙ୍କୁ ଏହି ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ପ୍ରେରଣା ଦେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଯାପନୀ ଦିବସରେ ଅତିଥି ରୂପେ ଯୋଗ ଦେଇଥିଲେ ନଗରପାଳ ଅକ୍ଷୟ କୁମାର ସାମନ୍ତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ଓଡିଶା ବାର ଆସୋସିଏସନର ପ୍ରାକ୍ତନ ସଭାପତି ଦୀପକ ପଟନାୟକ ଓ ଡି ଇ ଓ ନିରଞ୍ଜନ ସାହୁ । ସଭା ପରିଚାଳନା କରିଥିଲେ ସଂସ୍ଥାର ସମ୍ପାଦକ ସନ୍ତୋଷ ଦେହୁରୀ । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ୨ ବାଇକ ଜବତ, ୨ ମଦୁଆ ଚାଳକ ଗିରଫ

ଠାକୁରଗଡ଼ ,(ସବ୍ୟୁ) : ହଣ୍ଡପା ପୋଲିସ ଶୁକ୍ରବାର ଦିନ ଗାଡି ହଣ୍ଡପା ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ ରୁ ଆସୁଥିବା ସମସ୍ତ ବାଇକ ଗୁଡିକ କୁ ଯାଞ୍ଚ କରାଯାଇଥିଲା ।ଏହି ସମୟ ରେ ମଦ୍ୟପାନ କରି ବାଇକ ଚଲାଉଥିବା ଅଭିଯୋଗ ରେ ସାତପେରେଡିଆ ଗ୍ରାମର ଅଭିରାମ ପ୍ରଧାନ ଓ କୃଷ୍ଣପୁର ଗ୍ରାମର ଟରଣି ସେନ ସାହୁ ଙ୍କୁ ଗିରଫ କରିଛି । ଏ ନେଇ ଦୁଇଟି ମାମଲା ରୁଜୁ କରିଛି । ପୋଲିସ କହିଛି ଉଭୟ ମଦ୍ୟପାନ କରି ଦ୍ରୁତଗତି ରେ ବାଇକ ଚଲାଉଥିବା ବେଳେ ପୋଲିସ ସେମାନ ଙ୍କୁ ଗିରଫ କରିଥିଲା ।

## ଓଡ଼ିଶାର ଦୁଇ ବରପୁତ୍ରଙ୍କ ଜୟନ୍ତୀରେ
# 'ତ୍ରିରଙ୍ଗା' ଶୋଭାଯାତ୍ରା

ତାଳଚେର,(ସବ୍ୟୁ) : ନେତାଜୀ ଯୁଗେଯୁଗେ ସମାଜ ପାଇଁ ପ୍ରେରଣା ଉତ୍ସ ଓ ତାଙ୍କ ଏହି ବଜ୍ର ଆହ୍ୱାନ ଆଜି ବି ଯୁବମାନସକୁ ସିହରିତ କରି ବ୍ରିଟଶରାଜ କବଳରୁ ଭାରତମାତାକୁ ମୁକ୍ତ କରିବାକୁ ଗଠିତ 'ଆଜାଦହୀନ୍ଦ ଫୌଜ' ଗଠନ କରିଥିଲେ । ସାହାସ, ଶକ୍ତି ଏବଂ ସ୍ଥିରତାର ପ୍ରତୀକ ତଥା ଏକ ନିର୍ଭିକ ନେତା ଯାହାଙ୍କ ଦୃଷ୍ଟିକୋଣ ଏବଂ ଦୃ ସଂକଳ୍ପ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସ୍ୱାଧୀନତାର ଅଗ୍ନିପ୍ରଜ୍ୱଳିତ କରିଥିଲା । ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମବାର୍ଷିକ ଓ ଓଡ଼ିଶାମାଟିର ଗୌରବ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମବାର୍ଷିକ ଅବସରରେ ତାଳଚେରର ଅଗ୍ରଣୀ ଅନୁଷ୍ଠାନ ବନ୍ଦେମାତାରମ୍ ଭାଉଣ୍ଡେସନ ପକ୍ଷରୁ ପୂର୍ବତନ କଣ୍ଡାଳ ସରପଂଚ ରଙ୍ଗାଧର ନାହାକଙ୍କ ଆବାହକତ୍ୱରେ ବୀର ସହୀଦମାନଙ୍କୁ ସମ୍ମାନ ଦେବା ଉର୍ଦ୍ଦେଶ୍ୟ ସହରପରିକ୍ରମା କରିଥିଲା । ମନୋଜ ପ୍ରଧାନ, ବିରଂଚି ସାହୁ, ଗୀତିଶ ପ୍ରଧାନ, ନିରଞ୍ଜନ ପ୍ରଧାନ ଓ ବହୁ ମହିଳାଙ୍କ ସମେତ ସହସହ ଯୁବଗୋଷ୍ଠୀ ଯୋଗଦେଇଥିଲେ ।

# ଐତିହ୍ୟ ଫାଷ୍ଟଗେଟ୍ ପୁନରୁଦ୍ଧାର ଶୁଭ ଉଦଘାଟନ

ତାଳଚେର, (ସବ୍ୟୁ): ବହୁ ପୁରାତନ ତାଳଚେର ଐତିହ୍ୟ ଫାଷ୍ଟଗେଟ ପୁନରୁଦ୍ଧାର ଉଦଘାଟନ କାର୍ଯ୍ୟକ୍ରମ ଆସନ୍ତା ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସନ୍ଧ୍ୟା ୫ଘଟିକା ସମୟରେ କରାଯିବା ନେଇ ପୌରପରିଷଦର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ସୂଚନା ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଉପସ୍ଥିତିରେ ଉଦଘାଟନ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ନଗରପାଳ ପବିତ୍ର ଭୂତିଆ ପୌରହିତ୍ୟ କରିବା ସହିତ ଅତିଥିଭାବେ ଉପନଗରପାଳ ଶୁଭସ୍ମିତା ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଉଲ୍ଲେଖଯୋଗ୍ୟ ଯେ, ଏହି ଫାଷ୍ଟଗେଟ୍ ତାଳଚେରର ଗର୍ବ ଓ ଗୌରବ ହୋଇଥିବା ବେଳେ ଦୀର୍ଘଦିନରୁ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । ଗଣମାଧ୍ୟମରେ ବାରମ୍ବାର ଏହି ଖବର ପ୍ରଚାରିତ ହେବାପରେ ନଗରପାଳ ଶ୍ରୀ ଭୂତିଆ ଏହି ଫାଷ୍ଟଗେଟର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ଅଣ୍ଟା ଭିଡ଼ିଥିଲେ ।

# ଜାତୀୟ ମତଦାତା ଦିବସ ପାଳିତ

ଠାକୁରଗଡ଼ , (ସବ୍ୟୁ) : କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ଦୋହଲି ବିଦ୍ୟାଳୟ ପରିସରରେ ଶନିବାର ଦିନ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି ।ଏଥିରେ ସିଆରସିସି ସୁଦାମ ଚରଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଅନୀତା ଦାଶ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ,ଦୋହଲି ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସାଗରିକା କଅଁର,ଗ୍ରାମର ବଳରାମ ରାଉଳ,ଜଗନ୍ନାଥ ରାଉଳ, ଜିତେନ୍ଦ୍ର ସାହୁ ପିଣ୍ଟୁ ସାହୁ, ଅଭିରାମ ରଣା, ଶିକ୍ଷକ ଗୁଣନିଧି ସାହଙ୍କ ସମେତ ଗ୍ରାମବାସୀ ଯୋଗ ଦେଇ ଶପଥ ନେଇଥିଲେ ।ନାଗରିକମାନେ କିଭଳି ନିଜର ମତ ଦାନ କରିବେ ସେ ନେଇ ଅତିଥିମାନେ ମତ ପ୍ରକାଶ କରିଥିଲେ ।

## ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା
# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ବଅଁରପାଳ , (ସବ୍ୟୁ) : କଟକ -ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ବଅଁରପାଳ ବାଇପାସ ଓଭର ବ୍ରିଜ୍ ତଳେ ୧୫ ଦିନରେ ଦୁର୍ଘଟଣା ଘଟି ୩ଜଣ ମୃତ୍ୟୁବରଣ କରିଥିଲେ ସୁଧା ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କରାଯାଉନାହିଁ । ଏଥିପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଠାରେ ପ୍ରକାଶ କିଛି ଦିନ ତଳେ ଟାଟା କମ୍ପାନୀରେ କାର୍ଯ୍ୟ କରୁଥିବା ରୋହିତ ରାଠୋର ତାଙ୍କ ସ୍ତ୍ରୀ ଓ ପୁଅକୁ ବାଇକିରେ ବସାଇ ବଅଁରପାଳ ବଜାରକୁ ଆସୁଥିବା ସମୟରେ ଉକ୍ତ ସ୍ଥାନରେ ଏକ କୋଇଲା ଟ୍ରକ୍ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ସ୍ତ୍ରୀ ଓ ପୁଅ ମୃତ୍ୟୁ ବରଣ କରିଥିଲେ । ଏହି ହୃଦୟ ବିଦାରକ ଦୃଶ୍ୟ ଲୋକଙ୍କ ମନରୁ ଲିଭିନଥିବା ବେଳେ ଆଜି ପୁଣି ଉକ୍ତ ସ୍ଥାନରେ କୋଇଲା ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି । ବଅଁରପାଳ ବ୍ଲକ ଗଡ଼ସନ୍ତୀ ଗ୍ରାମର ଅବସରପ୍ରାପ୍ତ ବନ ଅଧିକାରୀ ଫକୀର ମୋହନ ମାଝୀ (୭୨) ଆଜି ସକାଳେ ବଅଁରପାଳ ବଜାରକୁ ଆସିଥିଲେ । ନିଜର କାର୍ଯ୍ୟ ସାରି ଦିନ୧୧ଟା ସମୟରେ ଗାଁକୁ ଫେରୁଥିବା ସମୟରେ ବାଇପାସ ଓଭର ବ୍ରିଜ ତଳେ କୋଇଲା ଟ୍ରକ୍ ଟି ପଛରୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସ୍ଥାନୀୟ ଜନସାଧାରଣ କ୍ଷତିପୂରଣ ଦେବା ଓ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଦାବି କରି ରାସ୍ତାରୋକ କରିଥିଲେ । ବଅଁରପାଳ ଥାନା ଆଇଆଇସି ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ଫକୀରଙ୍କ ମୃତଦେହକୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛନ୍ତି ।

# ଅବସରପ୍ରାପ୍ତ ଅଧକ୍ଷଙ୍କ ପରଲୋକ



ପରଜଙ୍ଗ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗର ଅଧାପକଙ୍କ ଦେହାନ୍ତରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଇତିହାସ ବିଭାଗ ଅବସର ପ୍ରାପ୍ତ ଅଧାପକ ବସନ୍ତ କୁମାର ସାହୁଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି ।ସେ ଦୀର୍ଘ ୨୮ବର୍ଷରୁ ଉର୍ଦ୍ଧ କାଳ ଅର୍ଥାତ୧୯୧୮ରୁ ତା୨୦୧୬ମସିହା ପର୍ଯ୍ୟନ୍ତ ସୁପାରୁ ରୂପେ କାର୍ଯ୍ୟ ସଂଚାଳନା କରି ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଅଧକ୍ଷ ପଦରୁ ଅବସର ନଇଥିଲେ । ୧୯୬୦ ମସିହାରେ ନାଉପାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜୀବନ କାଳ ମଧ୍ୟରେ ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ଓ କର୍ମଯିବି ମହଲରେ ସେ ଅତ୍ୟନ୍ତ ପ୍ରିୟ ପାତ୍ର ଥିଲେ । ଅସାଧ୍ୟ ରୋଗରେ ପୀଡିତ ହୋଇ ପଞ୍ଜାବର ପଟିଆଲା ଠାରେ ଥିବା ମେଡିକାଲରେ ଦୀର୍ଘ ଦିନ ଚିକିତ୍ସତ ହୋଇ ସେ ଆଜି ତାଙ୍କର ଇହଲୀଳା ସମ୍ବରଣ କରିଛନ୍ତି । ତାଙ୍କ ବିୟୋଗରେ ପରଜଙ୍ଗ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ବୃନ୍ଦ ଭଗବାନଙ୍କ ନିକଟରେ ୧ମିନିଟ ନୀରବ ପ୍ରାର୍ଥନା କରି ତାଙ୍କର ଆତ୍ମାର ସଦଗତି ନିମନ୍ତେ ଏକ ଶୋକ ସଭା ପାଳନ କରିଛନ୍ତି ।

# ଆଠମଲ୍ଲିକ ଏବିଭିପିର ତ୍ରିରଙ୍ଗା ଯାତ୍ରା




ଆଠମଲ୍ଲିକ, (ସବ୍ୟୁ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଠମଲ୍ଲିକ ବସଷ୍ଟାଣ୍ଡ ନିକଟରୁ ଆରମ୍ଭ ହୋଇ ସହର ପରିକ୍ରମା କରି ମିନି ଷ୍ଟାଡିୟମ ଖେଳପଡ଼ିଆରେ ପହଂଚିଥିଲା । ତ୍ରିରଙ୍ଗା ଯାତ୍ରା ର ଉଦେଶ୍ୟ ଉପରେ ଛାତ୍ର ନେତାମାନେ ବକ୍ତବ୍ୟ ରଖିଥିଲେ । ବିଦ୍ୟାର୍ଥୀ ପରିଷଦର ଓଡିଶା ପୂର୍ବତନ ପୂର୍ବ ପ୍ରାନ୍ତ କୋଡିନେଟର ଉମେଶ ବାଘ, ଛାତ୍ରନେତା ସମ୍ବିତ ମିଶ୍ର,ସଂଗ୍ରାମ କର୍ଣ୍ଣ, ସୋମ୍ୟ ରଞ୍ଜନ ପେରା, ଛାତ୍ରୀ ସୋମ୍ୟ ଶ୍ରୀକ୍ରିଷ୍ଣା ମହାକୁଡ଼, ଆଦ୍ୟାଶ୍ରୀ ଅଂଶୁ ମାଳିନୀ ପ୍ରଧାନ, ରିଙ୍କି ଦନ୍ତା, ମନିଷ ହରିଚନ୍ଦନ, ଜିତେନ ନାଏକ, ରାହୁଲ ଦାଶ, ଜସ୍ମିନ ପ୍ରଧାନ,ଶିବ କ୍ଷେତି ଓ ବହୁ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ମେସର୍ସ ଏସାର ମୀନମେଟ ଜନଶୁଣାଣୀ ସଫଳ
## ୪ଶହରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକେ ପାଇବେ ନିଯୁକ୍ତି

କେନ୍ଦୁଝର,(ରବି ରାଜ୍): କେନ୍ଦୁଝର ଜିଲ୍ଲା ସଦର ତହସିଲ ଅନ୍ତର୍ଗତ ମହାଦେଇଯୋଡା ମୌଜା ଟିକରପଡା ଏବଂ କାଦଗଡ଼ ଠାରେ ମେସର୍ସ ଏସାର ମୀନମେଟ୍ ଲିମି ଟେଡ୍ ବାର୍ଷି କ ୧୪.୩ ଏମ୍ ଟିପିଏ କ୍ଷମତା ବିଶିଷ୍ଟ ଆଇରନ ଓର ବେନିଫିକେସନ୍, ପ୍ରକଳ୍ପ ସ୍ଥାପନ କରିବା ପାଇଁ ପରି ବେଶ ମଞ୍ଜୁରୀ ଆଞ୍ଚଳିକ କାର୍ଯ୍ୟଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡିଶା କେନ୍ଦୁଝର ପକ୍ଷରୁ ଜନଶୁଣାଣି ମହାଦେଇଯୋଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା କେନ୍ଦୁଝର ଏଡିଏମ୍ ଆଲୋକ କୁମାର ପ୍ରଧାନ ସଭାରେ ସଭାତିତ୍ୱ କରିଥିବା ବେଳେ କେନ୍ଦୁଝର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ' ଇଂ. ପ୍ରଶାନ୍ତ କର ଉପସ୍ଥିତ ରହି ଖାନା ଅଞ୍ଚଳବାସୀଙ୍କ ମତାମତ ଗ୍ରହଣ କରିଥିଲେ। ଏଥିରେ କାରଖା ପ୍ରତିଷ୍ଠା ପାଇଁ ମୌଖିକ ଭାବେ ୪୪ଜଣ ଏବଂ ଲିଖିତ ଭାବେ ୮୬ଜଣ ନିଜର ମତ ସାବ୍ୟସ୍ତ କରିଥିଲେ।କମ୍ପାନି ପକ୍ଷରୁ ଏସାର ମିନମେଟ ଲିଂର ନିର୍ଦ୍ଦେଶକ (ପ୍ରକଳ୍ପ) ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିବରଣୀ ପାଠ କରି ଏହି ପ୍ରକଳ୍ପ ସଂପୂର୍ଣ ହେଲେ ସ୍ଥାନୀୟ ଅଞ୍ଚଳର ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପାରିପାର୍ଶିତ ଉନ୍ନତି ପାଇଁ ଗୋଷ୍ଠୀ ଗତ ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ। ଏହି କାରଖାନା ନିର୍ମାଣ ସମୟରେ ୧୧୦୦ରୁ ଅଧିକ ଲୋକ କାମ କରିବେ ଏବଂ କାରଖାନା ପ୍ରତିଷ୍ଠା ଓ ୪୦୦ରୁ ଅଧିକ ଲୋକ କର୍ମ ନିଯୁକ୍ତି ପାଇ ହେଲେ ସୃଷ୍ଟି କାରଖାନାରେ ସ୍ଥାନୀୟ ଲୋକଙ୍କ ପାଇଁ କର୍ମନିଯୁକ୍ତି ଥର କରିବା ସହ ଦିନକୁ ୧୫୦୦ରୁ ଅଧିକ ଟ୍ରକ୍




ଲୁହାପଥ ପରିବହନ କାର୍ଯ୍ୟରେ ନିୟୋଜିତ ହେବ ।ଯାହା ଦ୍ୱାରା ସ୍ଥାନୀୟ ଲୋକେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ରୋଜଗାର ପାଇବେ ।କାରଖାନାକୁ କଂଚାମାଲ ପରିବହନ ପାଇଁ ଏକ ସ୍ୱତନ୍ତ୍ର ରାସ୍ତା 'ଜାତୀୟ ରାଜପଥ ୨୦ରୁ ସିଧାସଳଖ ଯୋଡି ହେବ କମ୍ପାନୀ ପ୍ରତିଷ୍ଠା ହେଲେ ଜିଲ୍ଲାରେ ଶିଳ୍ପ ସୃଷ୍ଟି ପାଇଁ ସୁଯୋଗ ସୃଷ୍ଟି ହେବା ସହ ଜିଲ୍ଲା ଏବଂ ରାଜ୍ୟର ଅର୍ଥନୈତିକ ବିକାଶ ହେବ । ପ୍ରକଳ୍ପର ମୂଳଧନ ଖର୍ଚ ୧୯୧୮ କୋଟି ଟଙ୍କା ଏବଂ ଏହା ପରିବେଶ(ଇସି) ଅନୁମତି ମିଳିବାର ୩୦ ମାସ ମଧ୍ୟରେ କ୮– ପ୍ରକଳ୍ପ ସଂପୂର୍ଣ୍ଣ ହେବାର ଯୋଜନା ରହିଛି । କାରଖାନା ଏକ ତାରଙ୍କ ପରିବେଶୀୟ ଅନୁକୂଳ ପ୍ଲାଣ୍ଟ ହେବ ବୋଲି ମଧ ସରକାର ସହ ରାଜି ନାମା ହୋଇଛି। କାରଖାନା ଆଖପାଖ ଅଞ୍ଚଳରେ ଲୋକଙ୍କର ଜୀବିକା, ଶିକ୍ଷା, ଦକ୍ଷତା ବିକାଶ,ଶୁଦ୍ଧ ପାନୀୟ ଜଳ, ଗୋଷ୍ଠୀ ଭିଭି ଭୂମି, ପରିବେଶ ସୁରକ୍ଷା, ଧନ୍ଦାମୂଳକ କୁଶଳତା ପ୍ରଶିକ୍ଷଣ, କ୍ରୀଡା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଭିନ୍ନ ସାମାଜିକ – ଅର୍ଥ ନୈତିକ ବିକାଶ କାର୍ଯ୍ୟକ୍ରମ ହାତକୁ, ନିଆଯିବ। ପରିବେଶକୁ ସୁସ୍ଥ ଓ ସବୁଜ ରଖିବା ପାଇଁ ସବୁଜ ବଳୟ ସୃଷ୍ଟି କରାଯିବ। ପ୍ରକଳ୍ପ କ୍ଷେତ୍ରର ୩୩ ପ୍ରତିଶତ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ କାରଖାନା ପାଚେରି ଚାରିପଟେ ବୃକ୍ଷରୋପଣ କରାଯିବ ଶ୍ରୀ ମହାପାତ୍ର କହିଛନ୍ତି ।

# କଲରାପତରିଆ ବାଘଛୁଆ ଶବ ଉଦ୍ଧାର

କେନ୍ଦୁଝର,(ସ୍ୱପ୍ର) : ଶନିବାର କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ତାଳପଦା ବିଟ୍ କଳାପାଟ ସଂରକ୍ଷିତ ଜଙ୍ଗଲରୁ ବନବିଭାଗ ଏକ ବର୍ଷକର କଲରାପତରିଆ ବାଘଛୁଆର ଶବ ଉଦ୍ଧାର କରିଛି। ମତ୍ୟୁର କାରଣ ଜଣାପଡ଼ି ନଥିଲାବେଳେ କିଛିଦିନ ପୂର୍ବରୁ ବାଘଛୁଆ ମରିଥିବା କୁହାଯାଉଛି।ମୃତଦେହ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେବା ପରେ ବନବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଡିଏଫ୍ଓ କେନ୍ଦୁଝର ଧନରାଜ ଏଚ୍.ଡି ଘଟଣାର କାରଣ ଅନୁଧ୍ୟାନ କରୁଛନ୍ତି ।

# ସ୍ୱାଧୀନତା ସଂଗ୍ରାମୀ କେଶବ ପାଣିଗ୍ରାହୀଙ୍କ ପରଲୋକ



ନୀଳଗିରି,(ସବ୍ୟୁ) : ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧିନ ଦକ୍ଷିଣ ନରସିଂହପୁର ଗାଁର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ କେଶବ ଚନ୍ଦ୍ର ପାଣିଗ୍ରାହୀ(୯୮)ଙ୍କର ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପରଲୋକ ହୋଇଯାଇଛି ।ସ୍ୱର୍ଗତଃ ପାଣିଗ୍ରାହୀ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ୀତ ଥାଇ ଚିକିତ୍ସାଧିନ ଥିବାବେଳେ ତାଙ୍କର ପରଲୋକ ଘଟିଥିଲା । ମୃତ୍ୟୁଶର୍ଯ୍ୟା ନିକଟରେ ୪ପୁଅ, ୩ଝିଅ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ । ଖବରପାଇ ନୀଳଗିରି ତହସିଲଦାର ସୋନମ ଦାସ, ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ନୀଳଗିରି ଥାନା ଆଇଆଇସି ଗୋପାଳଚନ୍ଦ୍ର କର୍ଣ୍ଣଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତଃ ପାଣିଗ୍ରାହୀଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପଗୁଚ୍ଛ ଅର୍ପଣ କରି ଅନ୍ତିମ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ପରେ ତାଙ୍କ ମର ଶରୀରକୁ ଘରବାଡ଼ି ଶ୍ମଶାନରେ ଗାର୍ଡ ଅଫ୍ ଅନର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ୧୯୨୭ ମସିହା ଅପ୍ରିଲ ୬ ତାରିଖରେ ଶ୍ରୀ ପାଣିଗ୍ରାହୀ ଜନ୍ମଗ୍ରହଣ କରିଥିବା ବେଳେ ପାଠପଢିବା ସମୟରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରି ବହୁବାର କାରାବରଣ କରିଥିଲେ । ତାଙ୍କର ଏହି ପରଲୋକ ଘଟଣା ନୀଳଗିରି ଅଞ୍ଚଳ ସମେତ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳାଇ ଦେଇଛନ୍ତି ।

# ପରିତ୍ୟକ୍ତ ଘରୁ ମହିଳା ଉଦ୍ଧାର

ସିମୁଳିଆ, (ସବ୍ୟୁ) : ସିମୁଳିଆ ଥାନା ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ଘରୁ ଜଣେ ମହିଳାଙ୍କୁ ମହିଳା ସଂଗଠନ କର୍ମୀମାନେ ଉଦ୍ଧାର କରିଛନ୍ତି। ଘଟଣାରୁ ପ୍ରକାଶ ସିମୁଳିଆ ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ସମ୍ପେଇ ଗ୍ରାମର ଗୋବିନ୍ଦ ଦଳେଇଙ୍କ ପୁତ୍ର ଜଗବନ୍ଧୁ ଦଳେଇଙ୍କୁ ୨୦୧୦ ମସିହାରେ ଭଦ୍ରକ ଜିଲ୍ଲା ଭଣ୍ଡାରି ପୋଖରୀ ଥାନା ଅନ୍ତର୍ଗତ ନକୁଆଁ ଗ୍ରାମର ସୁକାନ୍ତ ଜେନାଙ୍କ ଝିଅ ସୁଷମା ବୈଦିକ ରୀତିନୀତିରେ ବିବାହ କରିଥିଲେ । ବିବାହର କିଛିବର୍ଷ ପରେ ଜଗବନ୍ଧୁ ଦଳେଇ ସୁଷମାଙ୍କୁ ଯୌତୁକ ନିର୍ଯାତନା ଦେବାସହ ଅନ୍ୟଜଣେ ମହିଳାଙ୍କୁ ବିବାହ କରି ଘରେ ରଖିଥିଲେ । ପରିବାର ଲୋକମାନେ ସୁଷମାଙ୍କୁ ନିର୍ଯାତନା ଦେବା ସହ ଏକ ପରିତ୍ୟକ୍ତ କୋଠରୀରେ ବନ୍ଦ କରି ରଖି ଘାସପତ୍ର ଖାଇବାକୁ ଦେଉଥିଲେ । ଘଟଣା ବାବଦରେ କନ୍ୟା ପିତା ଜାଣିପାରି ସୂର୍ଯ୍ୟଶୀଖା ମହିଳା ସଂଘକୁ ଏବାବଦରେ ଜଣାଇଥିଲେ । ସଂଘର ସଭାନେତ୍ରୀ ଭାରତୀ ମଲ୍ଲିକ, ସମ୍ପାଦକ ଉର୍ବଶୀ ମହାରଣାଙ୍କ ସହିତ ସଂଘର ଅନ୍ୟ ସଦସ୍ୟାମାନେ ଗ୍ରାମବାସୀଙ୍କ ସହାୟତାରେ ପରିତ୍ୟକ୍ତ ଘରୁ ସୁଷମାଙ୍କୁ ଉଦ୍ଧାର କରିଥିଲେ । ସୁଷମାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଘଟଣା ବାବଦରେ ସିମୁଳିଆ ଥାନାରେ ସୁଷମାଙ୍କ ସ୍ୱାମୀ ଜଗବନ୍ଧୁ, ଶ୍ୱଶୁର ଗୋବିନ୍ଦ ଓ ଶାଶୁ ଶାନ୍ତିଲତାଙ୍କ ନାମରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ସୁଷମାଙ୍କ ଶ୍ୱଶୁର ଗୋବିନ୍ଦ ଦଳେଇ ଏହି ଘଟଣାକୁ ମିଥ୍ୟାବୋଲି କହି ଖଣ୍ଡନ କରିଛନ୍ତି । ସୁଷମାଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଥିବା ଜଣାଯାଏ ।

# ଘର ଭାଙ୍ଗି ଧାନ ଖାଇଲା ଦନ୍ତା

କେନ୍ଦୁଝର,(ସ୍ୱପ୍ର): କେନ୍ଦୁଝର ସଦର ରେଞ୍ଜ ପଳାସପଙ୍ଗା ଫରେଷ୍ଟ ବିଟ୍ ଅଞ୍ଚଳରେ ଗୋଠଛଡ଼ା ଦନ୍ତା ଉତ୍ପାତ କରି ଚାଲିଛି।ଶୁକ୍ରବାର ରାତିରେ ଦନ୍ତାହାତୀ କଣ୍ଡରାପଶି ତେଲିବନ୍ଧ ସାହିରେ ପଶି ବାଣେଶ୍ୱର ନାୟକଙ୍କ ଘର ଭାଙ୍ଗିବା ସହ ଘରେ ଥିବା ୫ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନକୁ ଖାଇ ନଷ୍ଟ କରି ଦେଇଛି। ଏହାସହ ପରିବାର ଲୋକେ ଶୋଇଥିବା ବେଳେ ଦନ୍ତାହାତୀଘର ଭାଙ୍ଗି ଦେଇଛି।ହାତୀ ଘର ଭାଙ୍ଗୁଥିବା ଜାଣି ପରିବାର ଲୋକେ ଭୟରେ ଘରୁ ବାହାରି ସାହି ଲୋକଙ୍କୁ ଖବର ଦେଇଥିଲେ।ପରେ ସାହିଲୋକେ ମିଶି ହାତୀଟିକୁ ସେଠାରୁ ଘଉଡାଇ ଦେବାରୁ ହାତୀଟି ରେଙ୍ଗାଳବେଡ଼ା ନିକଟସ୍ଥ ଜଙ୍ଗଲ ଆଡକୁ ଚାଲିଯାଇଥିଲା।ତେବେ ବାଣେଶ୍ୱର ଜଣେ ଛୋଟ ଚାଷୀ। କ୍ଷୟକ୍ଷତି ଆକଳନ କରି ତାଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।

# ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ସଫଳତା : ସହୋଦୟ ସ୍କୁଲ ଆୱାର୍ଡ




ଆନନ୍ଦପୁର ,(ସବ୍ୟୁ) : ଆନନ୍ଦପୁର ସବଡ଼ିଭିଜନର ଏକମାତ୍ର ସିବିଏସଇ ମାନ୍ୟତାପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ଆୟୁଷ ଜେନା ଓ ଦ୍ୱାଦଶ ଶ୍ରେଣୀର ବର୍ଷା ପ୍ରିୟଦର୍ଶିନୀ ସାହୁ , ସର୍ବାଧିକ ମାର୍କ ରଖି ଥିବାରୁ ସହୋଦୟ ସ୍କୁଲର ସିଲଭର ଜୁବିଲି ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖର ପୁର ଠାରେ ପୁରସ୍କୃତ ହୋଇଛନ୍ତି। ବିଦ୍ୟାଳୟର ପ୍ରିନ୍ସିପାଲ ଡ. ସୁଜାତା ଘୋଷ ଉଭୟ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ମ୍ୟାନେଜିଂ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ନିଜ ବାର୍ତ୍ତାରେ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ପାଇଁ ଗର୍ବର ଦିନ ବୋଲି କହିଛନ୍ତି ।

# ଦୋଳପଦୀ ହାଇସ୍କୁଲ ବାର୍ଷିକ ଉତ୍ସବ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଦୋଳପଦୀସ୍ଥିତ ଆନନ୍ଦରାମ ପାଟୋଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଗୟାଧର ସାହୁଙ୍କ ସମ୍ମାନାର୍ଥେ ୪୩ତମ ଶ୍ରାଦ୍ଧବାର୍ଷିକୀ ତଥା ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆ, ମୁଖ୍ୟ ବକ୍ତା ଭାବେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶୁଭେନ୍ଦ୍ର କୁମାର ମିଶ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ଡ.ପ୍ରଫୁଲ୍ଲ କୁମାର ସାହୁ, ବିଆରସିସି ହରେକୃଷ୍ଣ ଆପଟ, ମୋ ସ୍କୁଲ ଅଭିଯାନର ସଭାପତି ମୋହନ ଚରଣ ସାହୁ, ଉପ ସଭାପତି ନାରାୟଣ ଚନ୍ଦ୍ର ସାହୁ, କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶୀ ଶେଖର କରଶର୍ମା, ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଣବ କୁମାର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସାହୁ, ସରପଞ୍ଚ ରଜନୀ ସେଠୀ, ସମିତି ସଭ୍ୟ ଉଦ୍ଧବ ଚରଣ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ନାରାୟଣ ମିଶ୍ର ଅତିଥି ପରିଚୟ, ବିବରଣୀ ପାଠ ଓ ଶିକ୍ଷକ ମହେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା ।

# ଜାତୀୟ ଭୋଟର୍ ଦିବସ –୨୦୨୫



କରଞ୍ଜିଆ, (ସବ୍ୟୁ) : ଶୁକ୍ରବାର ପଞ୍ଚଦଶ ତମ ଜାତୀୟ ଭୋଟର ଦିବସ ୨୦୨୫ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ହେମକାନ୍ତ ସଏଙ୍କ ନିର୍ଦ୍ଦେଶରେ କରଞ୍ଜିଆ ଠାରେ ପାଳନ କରାଯାଇଛି ।ପାଞ୍ଚପୀଢ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଞ୍ଚପୀଢ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ,ରଶ୍ମିତା ଜେନା,କିରଣ ପ୍ରକାଶ ପ୍ରଧାନ, ଯଶୋବନ୍ତ ନାରାୟଣ ବିଶିପାତ୍ର, ତହସିଲଦାର ବିଦ୍ୟାଧର ପତି ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ସେକ୍ସନ ଅଫିସର ଧିରେନ ଭୋଇ,ଦିଲ୍ଲୀପ କୁମାର ପଲେଇ, ସୋମେଶ ଚନ୍ଦ୍ର ମହାନ୍ତ,ସତିଶ ଚନ୍ଦ୍ର ମହାନ୍ତ, ସୁଶାନ୍ତ କୁମାର ମହାନ୍ତ, ବରୁଣ କୁମାର ମହାନ୍ତ,ମାନସ ରଞ୍ଜନ ମହାନ୍ତ,ବିଶାଲ ବିବେକ ବାରିକ୍,ଜବାମଣୀ ହେମ୍ବ୍ରମ, ଲିପ୍ସା ସେଠୀ, କନକଲତା ପୁର୍ତ୍ତି, ତହସିଲ କାର୍ଯ୍ୟାଳୟ କର୍ମଚାରୀ ଲାବଣ୍ୟମୟୀ ନାଏକ, କାମିନୀ କାନ୍ତ ପାତ୍ର,ଋତୁପର୍ଣ୍ଣା ପ୍ରଧାନ, ସାମ୍ବାଦିକ ଉଦିପ୍ତ ବେହେରା,ପାର୍ଥ ପ୍ରଶନ୍ନ ମିଶ୍ର, ଚନ୍ଦ୍ର କୁମାର ଲଳିତେନ୍ଦୁ ଦାସ, ସତ୍ୟବ୍ରତ ମିଶ୍ର, ସୁମନ୍ତ ପାତ୍ର, ଅଦ୍ୱିତୀ ଦାଶ,ବିନ୍ଦୁସାର ଦାଶଙ୍କ ଉପସ୍ଥିତିରେ ପାଳନ କରାଯାଇଥିଲା।ଛ ପ୍ରାରମ୍ଭରେ ଉପଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ସମସ୍ତଙ୍କୁ ଭାରତର ନାଗରିକ ଭାବେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଆମ ଦେଶର ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ମୁକ୍ତ, ଅବାଧ, ନିର୍ଭିକ ହୋଇ ଜାତି ଧର୍ମ ବର୍ଣ୍ଣ ଗୋଷ୍ଠୀ ଭାଷା ଏବଂ ଅନ୍ୟ କୌଣସି ପ୍ରଲୋଭନର ଶିକାର ନହୋଇ ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବା ପାଇଁ ଶପଥଗ୍ରହଣ କରାଇଥିଲେ।

# ଓଲଟି ପଡ଼ିଲା ଧାନ ବୋଝେଇ ପିକ୍‌ଅପ୍

ନୀଳଗିରି,(ସବ୍ୟୁ) : ଝରଣାଘାଟି ସେରଗଡ଼ ୧୯ନମ୍ବର ରାଜ୍ୟପଥର ଭାଲୁକାଶୁଣୀ ୧୧ନମ୍ବର ପୋଲ ନିକଟରେ ଓଡ଼ି୦୧–ଏୱାଇ–୪୦୪୪ ନମ୍ବର ବିଶିଷ୍ଟ ପିକ୍‌ଅପ୍ ଭ୍ୟାନ ଧାନ ବୋଝେଇ କରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ମିଳିଥିବା ସୂଚନା ଅନୁଯାୟୀ ରାଜବରହମପୁର ଅଞ୍ଚଳର ଜନୈକ ଧାନ ବ୍ୟବସାୟୀ ଆରବନ୍ଧ ଅଞ୍ଚଳରୁ ୨୫କୁଇଣ୍ଟାଲ ଧାନ ଲୋଡ଼ କରି ଶନିବାର ଅପରାହ୍ନ ସମୟରେ କୁରୁଡ଼ାଠାରେ ଥିବା ଏକ ଧାନ ମିଲକୁ ଧାନ ନେଇ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ କାହାରି କିଛି କ୍ଷତି ଘଟି ନଥିବାବେଳେ ଗାଡ଼ି ଡ୍ରାଇଭରଙ୍କ ଘର ବାଙ୍କସାହି ଗ୍ରାମରେ ବୋଲି ଜଣାପଡ଼ିଛି ।

# ୨ ଶିକାରୀ ଗିରଫ: ଦେଶୀ ବନ୍ଧୁକ ସହ ଗୋଳାବାରୁଦ ଜବଦ

ନୀଳଗିରି,(ସବ୍ୟୁ) : ନୀଳଗିରି ଉପଖଣ୍ଡରେ ଥିବା କୁଲଡ଼ିହା ଅଭୟାରଣ୍ୟରେ ଶିକାରୀମାନଙ୍କ ଦୌରାତ୍ମ୍ୟ ବଢି ଚାଲିଥିବା ବେଳେ ଏହାକୁ ଦମନ କରିବା ପାଇଁ କୁଲଡ଼ିଆ ରେଞ୍ଜର ସୁବ୍ରତ ବେହେରା ତୀକ୍ଷ୍ଣ ନଜର ରଖିଛନ୍ତି । ଶନିବାର ଦିନ ୨ଜଣ ଶିକାରୀ ଦେଶୀ ବନ୍ଧୁକ ଧରି ଶିକାର ପାଇଁ କୁଲଡ଼ିହା ଅଭୟାରଣ୍ୟରେ ପ୍ରବେଶ କରିଥିଲେ । ଏହି ସମୟରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ତାଙ୍କୁ ଧରି ନେବା ସହ ଦେଶୀ ବନ୍ଧୁକ ଓ ଗୋଳାବାରୁଦ ଜବଦ କରିଥିଲେ । ଧରାପଡ଼ିଥିବା ଶିକାରୀ ଦ୍ୱୟ ହେଲେ ସିଆଡ଼ିମାଳ ଭୁଟା ସିମୁଳିସ ଗ୍ରାମର ବୁଦ୍ଧିଆ ସିଂଙ୍କ ପୁତ୍ର ସଂଜୟ ସିଂ ଓରଫ ପୁଟଳ (୨୪) ଓ ସେହି ଗ୍ରାମର ସ୍ୱର୍ଗତଃ ଶ୍ୟାମ ସିଂର ପୁଅ ସନିଆ ସିଂ (୨୭) ବୋଲି ଜଣାପଡ଼ିଛି । ଏବାବଦରେ ଜଙ୍ଗଲ ବିଭାଗ ଆଇନର ଧାରା ୫୧(୧) ମୂଳେ ମାମଲା ରୁଜୁ କରାଯାଇ ଗିରଫ ହୋଇଥିବା ୨ଜଣ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ରେଶି କନଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ




ଭଦ୍ରକ , (ସବ୍ୟୁ) : ଭଦ୍ରକ ବ୍ଲକ ବନ୍ଧ ଗାଁ ପଞ୍ଚାୟତରେ ଦୀର୍ଘ ୧୭ ବର୍ଷ ହେଲା ଶିକ୍ଷାର ପ୍ରସାର ପ୍ରଚାର ପାଇଁ ସମାଜ ସେବୀ ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱବଧାନରେ ଖୋଲା ଯାଇଥିବା ରେଶୀ କନଭେଣ୍ଟ ସ୍କୁଲ ୧୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମେନ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ତ୍ୟାଗଭୂମି ମହୋତ୍ସବ ସଭାପତି ଅଜୟ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ସେହିପରି, ସମ୍ମାନିତ ଅତିଥି ଭାବେ, ବନ୍ଧ ଗାଁ ସରପଞ୍ଚ ନିରୋଦ ରାଉତ, ସମିତିସଭ୍ୟ ସନ୍ଧ୍ୟାରାନି ମହାପାତ୍ର, ପୂର୍ବତଟ ସମିତି ସଭ୍ୟ ଚନ୍ଦ୍ରକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରେଶି ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରି ଗ୍ରାମାଞ୍ଚଳ ଭଳି ଅଞ୍ଚଳରେ ଶିକ୍ଷାର ପ୍ରସାର ପ୍ରଚାର ପାଇଁ ଏଭଳି ସୁନ୍ଦର ପରିବେଶ ମଧ୍ୟରେ ବିଦ୍ୟାଳୟ କରିବା ଏ ଅଞ୍ଚଳ ପାଇଁ ଏକ ଗୌରବର କଥା ଅତିଥି ମାନେ ମତ ବ୍ୟକ୍ତ କରିଥବଲେ।ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ପ୍ରିନ୍ସିପାଲ ସନ୍ତୋଷ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଞ୍ଜନ ମହାନ୍ତି, ସୁଜାତା ପଟ୍ଟନାୟକ, ସଞ୍ଜୟ ରାୟ, ସୁଲୋଚନା ସୁତାର, ନନ୍ଦିତା ମହାନ୍ତି, ସ୍ମୃତି ସାହୁ, ପଙ୍କଜ ଜେନା, ରେଣୁବାଳା ମହାନ୍ତି, ସସ୍ମିତା ବାରିକ, ଲିପି ମହାପାତ୍ର ପ୍ରମୁଖଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ ।

# ଅଖିଳ ଭାରତୀୟ ଦୁଃଖୀ ସମାଜର ରକ୍ତଦାନ ଶିବିର : ୨୩୨୮ ସଂଗ୍ରହ




ଭଦ୍ରକ ,(ସବ୍ୟୁ) : ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ସୈୟଦ ଶାହା ୱସିମ ଅଖତର କାଦରୀ (ସାନ ସରକାର ବାବା) ଓରଫ ମାମାଜାନ ଭଦ୍ରକରେ ରହଣି ସମୟରେ ସମାଜ ସେବାରେ ଲିପ୍ତ ରହି ଅନେକ ଜନ ହିତକର କାର୍ଯ୍ୟ କରିଛନ୍ତି। ଗରିବ ଲୋକମାନେ ଅସୁବିଧା ସମୟରେ ରକ୍ତ ପାଇଁ ବହୁ ହଇରାଣ ହେଉଥିବା ବେଳେ ୨୦୦୫ ମସିହାରେ ଅଖିଳ ଭାରତୀୟ ଦୁଃଖୀ ସମାଜ ସଂସ୍ଥା ଆରମ୍ଭ ପୂର୍ବକ ରକ୍ତଦାନ ଶିବିର ଆରମ୍ଭ କରିଥିଲେ। ତାଙ୍କର ଦେହାନ୍ତ ପରେ ବାବାଙ୍କ ଶ୍ରଦ୍ଧାଳୁମାନେ ମଧ୍ୟ ୨୦ ବର୍ଷ ପଥକୁ ଅନୁସରଣ କରୁଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ସକାଳେ ୬ ଘଟିକାରୁ ଭଦ୍ରକ ସହରର ପ୍ରତ୍ୟେକ ଗାଁରେ ସଫେଇ କାର୍ଯ୍ୟ ହୋଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସକାଳ ସାଢ଼େ ୮ଟାପର୍ଯ୍ୟନ୍ତ ଚାଲୁ ରହିଥିଲା। ଶୁକ୍ରବାର ସାନ ସରକାର ବାବାଙ୍କ ୭୦ତମ ଜନ୍ମଦିନ ଉପଲକ୍ଷେ ସଭାପତି ଇଂ. ମନାୱର ହୋସେନ, ସଂପାଦକ ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାଁ, ସକିଲୁଜ ଜମା ଖାଁ, ହାଜୀ ଅବୁ ହୋସେନ ଖାଁ, ହାଜୀ ସବ୍‌ବିର ଅଲି, ହାଜୀ ତବାରକ ଅଲି, ହାଜୀ ମତଲୁବ ଅଲୀ, ମୁଖତାର ଅହେମଦ ରସିଦ, ଜମିଲ ଅଖତର ଖାନ, ଲିୱା ମାଷ୍ଟର ପ୍ରମୁଖଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ରକ୍ତ ଭଣ୍ଡାରର ଡା. ବିମଳା ମିଶ୍ରଙ୍କ ଟିମ ୪୨୪ ୟୁନିଟ, ଏସ.ସି.ବି. ରକ୍ତ ଭଣ୍ଡାରର ଡା. କୌସିକ ପାତ୍ରଙ୍କ ଟିମ ୫୭୭ ୟୁନିଟ, ଯାଜପୁର ରକ୍ତ ଭଣ୍ଡାରର ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଟିମ ୩୦୦ ୟୁନିଟ ସଂଗୃହୀତ ହୋଇଥିଲା। ଅପରପକ୍ଷେ ମାମାଜାନଙ୍କ ସ୍ମୃତିରେ ବାଲେଶ୍ୱରରେ ଅନୁଷ୍ଠିତ ଶିବିରରେ ୭୭୩ ୟୁନିଟ, ବାରିପଦାରେ ଅନୁଷ୍ଠିତ ଶିବିରରେ ୪୦ ୟୁନିଟ ଓ ଜଳେଶ୍ୱରରେ ଅନୁଷ୍ଠିତ ଶିବିରରେ ୧୫୪ ୟୁନିଟ ଓ ପଶ୍ଚିମବଙ୍ଗ ରାଜ୍ୟର ଡିସରଗଡ଼ରେ ଅନୁଷ୍ଠିତ ଶିବିରରେ ୬୦ ଏହିପରି ମୋଟ ୨୩୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି। ଭଦ୍ରକର ବହୁ ଯୁବକ, ଯୁବତୀ ଓ ପୌରପାଳିକାର କାଉନସିଲର ମହମ୍ମଦ ସାହିଦ ଶ୍ରଦ୍ଧାର ସହ ରକ୍ତଦାନ କରିଥିଲେ। ଏହି ଶିବିରରେ ୪୫୦ ଜଣ ଯୁବତୀ ରକ୍ତଦାନ କରିଥିଲେ। ଡା. ରବି ମହାପାତ୍ର, ଡ. ରବିନ୍ଦ୍ର ନାୟକ, ଡ. ହରି ନାୟକ, ଡ. ଫରମାନ ନବୀପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭଣ୍ଡାରୀପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷ ଗୁଲମକ୍କୀ ଦଲୱାଜୀ ହବିବ, ଆଡସିନଲ ଏସ.ପି. ଅଂଶୁମାନ ଦ୍ୱିବେଦୀ, ଯୁବ ନେତା ଅସୀତ ପଟ୍ଟନାୟକ, ମନୋରଂଜନ ସାହୁ, ଆଇନଜୀବୀ ତାହେର ମହମ୍ମଦ ପ୍ରମୁଖ ଯୋଗଦାନ କରିଥିଲେ। ଏହି ମେଗା ରକ୍ତଦାନ ଶିବିର ସମ୍ମୁଖରେ ଫ୍ରି ଟି ଷ୍ଟଲ ଖୋଲା ଯାଇଥିଲା। ଅଖିଳ ଭାରତୀୟ ଦୁଃଖୀ ସମାଜର ସଭ୍ୟ ମହମ୍ମଦ ଜକାଉଲ୍ଲା, ଡ. କମାଲ ଖାନ, ଝମ ଝମ ଅଲୀ, ଗୋଲାମ ମୋହିଦ୍ଦିନ, ସେଖ ରଫିକ ପ୍ରମୁଖ ଉପସ୍ଥିତ ରହିଥିଲେ। ରକ୍ତଦାତାକୁ ପ୍ରମାଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ମିର୍ଜା ଇଜାଜ ବେଗ, ଜହିରୁଦ୍ଦିନ ଖାନ, ଅବଦୁଲ ରହେମାନ, ଦୟାନ ଜିୟା, ଶେଖ ମଇରାଜୁଦ୍ଦିନ, ସିରିନ କାଦରୀ, ଫାରୁକ ଖାନ ପ୍ରମୁଖ ପ୍ରଦାନ କରିଥିଲେ। ଏନ.ପି.ଜି. ପକ୍ଷରୁ ସାନ ସରକାର ବାବା ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ା ଯାଇଥିଲା। ପୁରୁଣାବଜାର ଖ୍ୱାଜା ଗରିବ ନୱାଜ କମିଟିରେ ଜନ୍ମଦିନ ଉପଲକ୍ଷେ କେକ କଟା ହୋଇଥିଲା। ମେଗା ରକ୍ତଦାନ ଶିବିରରେ ସଫଳତା ପାଇଁ ଅଖିଳ ଭାରତୀୟ ଦୁଃଖୀ ସମାଜ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

## ଯଦୁମଣି ପାଣିଗ୍ରାହୀ

**ଉଭୟ ଓଡ଼ିଆ ପଦ୍ୟ ଓ ଗଦ୍ୟ ସାହତ୍ୟକୁ ତାଙ୍କ ଅବଦାନ ଥିଲା ଅତୁଳନୀୟ । କବିତା, ଗଳ୍ପ, ବ୍ୟଙ୍ଗ ରଚନା, ଶିଶୁ ସାହିତ୍ୟ, ନାଟକ, ପ୍ରବନ୍ଧ ତଥା ଉପନ୍ୟାସ ଆଦି ଉପରେ ସେ ସଫଳ ଭାବରେ ଲେଖନୀ ଚାଳନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାଠକୀୟ ଆଦୃତି ଲାଭ କରି ଯାଇଛନ୍ତି । ସରଳ ଶବ୍ଦ ବିନ୍ୟାସ, ଗଭୀର ମନନଶୀଳତା, ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ, ଅପୂର୍ବ ସାଙ୍ଗୀତିକତା, ଜାତୀୟତାବୋଧ, କୁସଂସ୍କାର ପ୍ରତି ତୀବ୍ର କଟାକ୍ଷ, ମାନବ ପ୍ରୀତି ସର୍ବୋପରି ଆତ୍ମସଚେତନ ମନୋଭାବର ସମ୍ମିଶ୍ରଣରେ ତାଙ୍କର ପ୍ରତ୍ୟକଟି ସୃଷ୍ଟି ଋଦ୍ଧିମନ୍ତ ଓ ଶାଣିତ ହୋଇପାରିଛି । ତାଙ୍କ ରଚିତ କଲ୍ଲୋଳ, କଣାମାମୁଁ , ଚଟକ ଚନ୍ଦ୍ରହାସ ଚମ୍ପୁ, ଫାର୍ସ ସଙ୍ଗୀତ, ଜାତୀୟ ସଙ୍ଗୀତ ଓ ଜୀବନ ସଙ୍ଗୀତ ଆଦି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଏକ ମାଇଲ ଖୁଣ୍ଟ ସଦୃଶ । 'ବନ୍ଦେ ଉତ୍କଳ ଜନନୀ' ପରି କାଳଜୟୀ ସଙ୍ଗୀତ ଠାରୁ ପୁଣି 'ବୁଢା ଶଙ୍ଖାରୀ' ପରି ଭାବ ସୃଷ୍ଟିକାରୀ ଗଳ୍ପ ପର୍ଯ୍ୟନ୍ତ ତାଙ୍କର ଯେକୌଣସି ରଚନା ମଣିଷର ହୃଦୟକୁ ଆଜି ବି ଆନ୍ଦୋଳିତ କରୁଛି ।**

ଓଡ଼ିଆ ବାଣୀ ଭଣ୍ଡାରକୁ ବିଭିନ୍ନ ଭାବେ ସମୃଦ୍ଧ କରିଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ନିଜ ଜୀବନକାଳ ମଧ୍ୟରେ କେବଳ ଯେ ସାହିତ୍ୟ ସାଧନାରେ ମନୋନିବେଶ କରିଥିଲେ ତାହା ନୁହେଁ ବରଂ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ତରରେ ସୁନାମ ଅର୍ଜନ କରିଥିଲେ । ସେ ନିଜେ ଦୁଃଖଯାତନାରେ ରହିଥିଲେ ବି ବିଦଗ୍ଧ ପାଠକ ସମାଜକୁ ହାସ୍ୟରସର ଅମୃତ ପାନ କରାଇଥିଲେ । ସ୍ୱାଧୀନତା ସଂଗ୍ରାମ, ସମାଜ ସଂସ୍କାର, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ତାଙ୍କ ଭୂମିକା କିଛି କମ୍ ନ ଥିଲା । ବନ୍ଦେ ଉତ୍କଳ ଜନନୀ ଭଳି କାଳଜୟୀ ସଙ୍ଗୀତ ରଚନା କରି ସେ ନିଜ ସେ ଓଡ଼ିଆ କାବ୍ୟ ଜଗତକୁ ମହିମାମଣ୍ଡିତ କରି ଯାଇଛନ୍ତି । ଲକ୍ଷ୍ମୀକାନ୍ତ ୧୮୮୮ ମସିହା ଡିସେମ୍ବର ୯ ତାରିଖ ମାଣବସା ଗୁରୁବାର ଦିନ କଟକ ସହରର ଧୂଆଁପତ୍ରିଆ ଗଳି, ବାଖରାବାଦରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପୈତୃକ ଗ୍ରାମ ହେଉଛି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅନ୍ତର୍ଗତ ତାଳପଦା । ପିତା ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଓ ମାତା ରାଧାମଣୀ ।

କାନ୍ତକବିଙ୍କ ପରିବାର ବୋଧେ ଏକ ମାତ୍ର ପରିବାର ଯେଉଁ ପରିବାରର ସର୍ବାଧିକ ସଦସ୍ୟ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ଏହିପରି ଏକ ସମ୍ଭ୍ରାନ୍ତ ଓ ସଂଗ୍ରାମୀ ଜମିଦାର ପରିବାରରେ ଜନ୍ମିତ ଏହି ମହାନ ସାଧକଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ଥିଲା ବେଶ ପ୍ରଶସ୍ତ ଓ ପ୍ରଲମ୍ବିତ । କାନ୍ତକବ ଏଣ୍ଟ୍ରାନ୍ସ ପାସ କରି ରେଭେନ୍ସା କଲେଜରେ ଆଇ.ଏ ପଢିବା ବେଳେ ଛାତ୍ରାବାସରେ କବିତା ରଚନା ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ । ପରେ ଫକୀରମୋହନଙ୍କ ଦ୍ୱାରା ପ୍ରଶଂସିତ ବି ହୋଇଥିଲେ । ବି.ଏ ପଢିବା ବେଳେ ପ୍ରବନ୍ଧ ଲେଖା ପାଇଁ ମୁକୁର ପତ୍ରିକାର ସମ୍ପାଦକ ବ୍ରଜସୁନ୍ଦର ଦାସ ଏବଂ ଉତ୍କଳ ସାହିତ୍ୟ ପତ୍ରିକାର ସମ୍ପାଦକ ବିଶ୍ୱନାଥ କରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

ଉଭୟ ଓଡ଼ିଆ ପଦ୍ୟ ଓ ଗଦ୍ୟ ସାହତ୍ୟକୁ ତାଙ୍କ ଅବଦାନ ଥିଲା ଅତୁଳନୀୟ । କବିତା, ଗଳ୍ପ, ବ୍ୟଙ୍ଗ ରଚନା, ଶିଶୁ ସାହିତ୍ୟ, ନାଟକ, ପ୍ରବନ୍ଧ ତଥା ଉପନ୍ୟାସ ଆଦି ଉପରେ ସେ ସଫଳ ଭାବରେ ଲେଖନୀ ଚାଳନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାଠକୀୟ ଆଦୃତି ଲାଭ କରି ଯାଇଛନ୍ତି । ସରଳ ଶବ୍ଦ ବିନ୍ୟାସ, ଗଭୀର ମନନଶୀଳତା, ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ, ଅପୂର୍ବ ସାଙ୍ଗୀତିକତା, ଜାତୀୟତାବୋଧ, କୁସଂସ୍କାର ପ୍ରତି ତୀବ୍ର କଟାକ୍ଷ, ମାନବ ପ୍ରୀତି ସର୍ବୋପରି ଆତ୍ମସଚେତନ ମନୋଭାବର ସମ୍ମିଶ୍ରଣରେ ତାଙ୍କର ପ୍ରତ୍ୟକଟି ସୃଷ୍ଟି ଋଦ୍ଧିମନ୍ତ ଓ ଶାଣିତ ହୋଇପାରିଛି । ତାଙ୍କ ରଚିତ କଲ୍ଲୋଳ, କଣାମାମୁଁ , ଚଟକ ଚନ୍ଦ୍ରହାସ ଚମ୍ପୁ, ଫାର୍ସ ସଙ୍ଗୀତ, ଜାତୀୟ ସଙ୍ଗୀତ ଓ ଜୀବନ ସଙ୍ଗୀତ ଆଦି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଏକ ମାଇଲ ଖୁଣ୍ଟ ସଦୃଶ । 'ବନ୍ଦେ ଉତ୍କଳ ଜନନୀ' ପରି କାଳଜୟୀ ସଙ୍ଗୀତ ଠାରୁ ପୁଣି 'ବୁଢା ଶଙ୍ଖାରୀ' ପରି ଭାବ ସୃଷ୍ଟିକାରୀ ଗଳ୍ପ ପର୍ଯ୍ୟନ୍ତ ତାଙ୍କର ଯେକୌଣସି ରଚନା ମଣିଷର ହୃଦୟକୁ ଆଜି ବି ଆନ୍ଦୋଳିତ କରୁଛି ।

୧୯୧୨ ମସିହାରେ ରେଭେନ୍ସା କଲେଜରେ ପଢୁଥିବାବେଳେ କଲେଜରେ 'କାଞ୍ଚିକାବେରୀ' ନାଟକ ଅଭିନୀତ ହୋଇଥିଲା । ଏଥିରେ ସେ ଭଦ୍ରା ଓ ଭିକାରୁଣୀ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ପ୍ରଂଶସାଭାଜନ ହୋଇଥିଲେ । ଏଥିରେ ସେ କେନ୍ଦରା ଓ ରାମତାଳି ତଥା ଗୋପୀଯନ୍ତ୍ର ବଜାଇ ଗୀତ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ । ଏହି ନାଟକରେ ନର୍ତ୍ତକୀ ଭାବେ ନୃତ୍ୟ ପ୍ରଦର୍ଶନ କରି ଅନେକ ପ୍ରଶଂସା ବି ସାଉଁଣ୍ଟିଥିଲେ । ଅଭିନୟ ପ୍ରତି ତାଙ୍କର ଏତାଦୃଶ ପ୍ରଗାଢ ଆକର୍ଷଣ ତାଙ୍କୁ ବୋଧେ ଭବିଷ୍ୟତରେ ଏକ ଥିଏଟର ପାର୍ଟି ଗୋପୀନାଥ ସଙ୍ଗୀତ ସମାଜ(ନିଜ କୁଳଦେବତା ଗୋପୀନାଥଙ୍କ ନାଁରେ) ଗଠନ କରିବାକୁ ପ୍ରେରଣା ଦେଇଥିଲା । ବହୁ ଘାତ ପ୍ରତିଘାତ ଓ ଅଭାବ ଅନଟନ ମଧ୍ୟରେ ସେ ଏହାକୁ ବଞ୍ଚାଇ ରଖିବାକୁ ଶତତ ଚେଷ୍ଟା କରିଥିଲେ । ନିଜେ ବିଭିନ୍ନ ପୌରାଣିକ ଓ ଐତିହାସିକ କଥାବସ୍ତୁ ସମ୍ବଳିତ ନାଟକ ଲେଖି ଏହି ଥିଏଟର ପାର୍ଟି ମାଧ୍ୟମରେ ଗ୍ରାମାଞ୍ଚଳରେ ମଞ୍ଚସ୍ଥ କରାଇ ନାଟ୍ୟକଳାକୁ ନବଜୀବନ ପ୍ରଦାନ କରିଥିଲେ । କାନ୍ତକବିଙ୍କ ପଞ୍ଚାମୃତ, ହନୁମନ୍ତ ବସ୍ତ୍ରହରଣ ଓ ଅଫିମ ଲୀଳା ଭଳି ବ୍ୟଙ୍ଗାତ୍ମକ ନାଟକ, ଲାଳିକା ଓ ଚହଟ ଚନ୍ଦ୍ରହାସ, ପଣ୍ଡିତଙ୍କ ପ୍ରେମ ଭଳି ହାସ୍ୟ ରସାତ୍ମକ ଗଳ୍ପରୁ ତାଙ୍କ ଦକ୍ଷତା ଓ ନିର୍ଭୀକତାର ପରିଚୟ ମିଳିଥାଏ । ଏସବୁ ଲେଖାରେ ସେ ତତ୍କାଳୀନ ସାମାଜିକ ବିଧିବ୍ୟବସ୍ଥାରେ ଥିବା ଦୋଷ ତ୍ରୁଟିକୁ ତୀବ୍ରଭାବେ କଟାକ୍ଷ କରିବା ସହ ଏକ ସମ୍ଭାବ୍ୟ ଓ ପରିବର୍ତ୍ତନମୁଖୀ ଆଶାର ବାର୍ତ୍ତା ଦେଇଥିଲେ । କାନ୍ତକବି ନିଜ କୁଳଦେବତାଙ୍କ ନାଁରେ ଗୋପୀନାଥ ପ୍ରିଣ୍ଟିଂପ୍ରେସ ପ୍ରତିଷ୍ଠା କରିବା ସହ 'ଡଗର' ନାମକ ଏକ ସମାଲୋଚନା ମୂଳକ ପତ୍ରିକା ପ୍ରକାଶ କରିଥିଲେ । ଏହି ପତ୍ରିକା ମାଧ୍ୟମରେ ସେ ସମାଜର ଦୋଷ ତ୍ରୁଟିକୁ ସଜାଡିବାକୁ ପ୍ରୟାସ କରିବା ସହ ବ୍ରିଟିଶ ଶାସକଙ୍କ ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ଏହାବ୍ୟତୀତ ଖେଳ ପ୍ରତି ଲକ୍ଷ୍ମୀକାନ୍ତଙ୍କର ମନରେ ଅନେକ ଦୁର୍ବଳତା ରହିଥିଲା । ବାଲେଶ୍ୱର ଜିଲ୍ଲା ସ୍କୁଲରେ ପାଠ ପଢୁଥିବା ବେଳେ ସେ ବୁଦ୍ଧିମାନ ଓ ଉତ୍ତମ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ । ସେହିପରି ରେଭେନ୍ସା କଲେଜରେ ବି.ଏ ପଢୁଥିବା ବେଳେ ସେ ବ୍ୟାଡମିଣ୍ଟନ. ଟେନିସ ଓ କ୍ରିକେଟ ଆଦି ଖେଳ ଖେଳ ଖେଳିବାକୁ ପସନ୍ଦ କରୁଥିଲେ ।

କାନ୍ତକବି ଯୁବାବସ୍ଥାରେ ଦୂରାରୋଗ୍ୟରେ ଶିକାର ହୋଇ ପଙ୍ଗୁ ହୋଇ ଯାଇଥିଲେ ମଧ୍ୟ କୁଳଗୁରୁ ବାବାଜୀ ରାମଦାସଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ ଓ ତାଙ୍କ କୁଳ ଦେବତା ଗୋପୀନାଥଙ୍କ ଠାରେ ନିଜକୁ ସମର୍ପିତ କରି ଦେଇଥିଲେ । ସେହି ସମୟରେ ସେ ସଦାସର୍ବଦା ସାହିତ୍ୟ, ସଙ୍ଗୀତ, ସଂକୀର୍ତ୍ତନ ଚର୍ଚ୍ଚା, ଇଷ୍ଟ ପୂଜା ଓ ଗୁରୁବାଣୀ ବିଚାରଧାରାରେ ନିଜକୁ ବୁଡାଇ ରଖିଥିଲେ । ସତ ହେଲେ ଲେଖନୀ ଚାଳନାରୁ କ୍ଷାନ୍ତ ହୋଇନଥିଲେ । ବରଂ ରୋଗଶୋକର ଘନଘଟା ତାଙ୍କ ଲେଖନୀକୁ ଅଧିକ ଶାଣିତ ଓ ନିର୍ଭୀକ କରିଥିଲା । ତାଙ୍କ ଲେଖନୀରୁ ଝରି ପଡିଥିଲା ଜୀବନ ସଙ୍ଗୀତ ଭଳି କାଳଜୟୀ ସଙ୍ଗୀତର ମଧୁମୟ ଧାରା । ବ୍ୟାସ କବି ଫକୀରମୋହନଙ୍କ ଭଳି ଲକ୍ଷ୍ମୀକାନ୍ତ ବି ରୋଗଶୋକରେ ଜର୍ଜରିତ ଥିବା ବେଳେ ହିଁ ଶ୍ରେଷ୍ଠ ଓ ସଫଳ ଲେଖାମାନ ସୃଷ୍ଟି କରି ପାରିଥିଲେ । ତାଙ୍କ ରଚିତ ଜୀବନ ସଙ୍ଗୀତ ହେଉଛି ତାଙ୍କ ଜୀବନାନୁଭୂତିର ସୁଗନ୍ଧି ଫସଲ । ନିଜକୁ ସଂସାର ବନ୍ଧନରୁ ମୁକ୍ତ କରି ଅଭିମାନୀ ଲକ୍ଷ୍ମୀକାନ୍ତ ଜଣେ ଅନୁଭବୀ ମଣିଷର ଆସ୍ପର୍ଦ୍ଧା ନେଇ ତାଙ୍କ ଜୀବନ ଓ ମୃତ୍ୟୁର ଦୋଛକିରେ ଛିଡା କରାଇଥିବା ସ୍ରଷ୍ଟାଙ୍କ ଅବିଚାରକୁ ଖୋଲାଖୋଲି ଆହ୍ୱାନ କରି ଯାଇଛନ୍ତି । ନିର୍ଭୀକ ଓ ନିର୍ବିକାର ଲକ୍ଷ୍ମୀକାନ୍ତଙ୍କ ସିଦ୍ଧି ଓ ସାଧନାର ପ୍ରତ୍ୟକଟି କ୍ଷେତ୍ରଥିଲା ଆକାଶ ପରି ପ୍ରଶସ୍ତ ଓ ସମୁଦ୍ରପରି ପରିବ୍ୟାପ୍ତ । ଓଡିଆ ସାହିତ୍ୟ ଜଗତର ଅନ୍ୟାନ୍ୟ ସାଧକଙ୍କ ଭଳି କାନ୍ତକବିଙ୍କ ରଚନା ଶୈଳୀ ଦୁଇଟି ଦିଗରୁ ସ୍ୱତନ୍ତ୍ର ବିବେଚିତ ହୋଇଥାଏ ।

ପ୍ରଥମତଃ ତତ୍କାଳୀନ ସାମାଜିକ ଜୀବନରେ ରହିଥିବା ଦୋଷତ୍ରୁଟିକୁ ସେ ବ୍ୟଙ୍ଗାତ୍ମକ ଓ ସମାଲୋଚନାଧର୍ମୀ ଲେଖା ମାଧ୍ୟମରେ ସୁଧାରିବାକୁ ପ୍ରୟାସ କରିଥିଲେ । ଦ୍ୱିତୀୟତଃ ଦୁଃଖ, କାରୁଣ୍ୟ ଓ ବିଷାଦ ଭଳି ଆବେଗ ଓ ଅନୁଭୂତିକୁ ବି ସେ ବ୍ୟଙ୍ଗାତ୍ମକ ଶୈଳୀରେ ପରିପ୍ରକାଶ କରି ପାରୁଥିଲେ, ଯାହାକି ଓଡ଼ିଆ ସାହିତ୍ୟରେ ଏକ ବିରଳ ଅଥଚ ବ୍ୟତିକ୍ରମ କହିଲେ ଭୁଲ ହେବନି ।

ମୋଟାମୋଟି କାନ୍ତକବି ଥିଲେ ଏ ଜାତିର ଡଗର ଓ ଓଡ଼ିଆ ଭାଷା ସାହିତ୍ୟର ଦ୍ୱାରପାଳ ସଦୃଶ । ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ଓଡିଶା ସରକାର ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କ ସ୍ମାରକୀ ଡାକଟିକେଟ ବି ପ୍ରଚଳନ କରାଯାଇଛି । ସେହିପରି ତାଙ୍କ ପୈତୃକ ଗ୍ରାମ ତାଳପଦାରେ ତାଙ୍କ ସ୍ମୃତିମନ୍ଦିର ନିର୍ମାଣ ସହ ସମାଧି ପୀଠର ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି ଯାହାକି ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । କାନ୍ତକବି ଓଡିଆ ସାହିତ୍ୟର କାନ୍ତ ସଦୃଶ ଥିବା ବେଳେ କାବ୍ୟ ଜଗତରେ କାନ୍ତ ହୋଇଥିଲେ । ଏଭଳି ଜଣେ ଯଶସ୍ୱୀ ସାରସ୍ୱତ ସାଧକଙ୍କୁ ନେଇ ପ୍ରତ୍ୟକଟି ଓଡ଼ିଆ ଗର୍ବୀତ ।

**ଶଂଖିଡା, ତିହିଡି, ଭଦ୍ରକ**
**ମୋ-୯୯୩୭୫୬୫୫୨୭**

# କବିତା

## ଆପଣାର

### ଅଖିଳ କୁମାର ମିଶ୍ର

ଆପଣାର ଯେ ହେଲାନାହିଁ,
ତାକୁ ବି ନିଜର ବୋଲି କହିବାକୁ ହୁଏ,
ଥରେ ଥରେ ।
ସାଙ୍ଗରେ ଚାଲୁଥିବା ଲୋକଟା କି ସାଥୀ,
ଆଉ ପଳାଇ ଯାଇଥିବା ମଣିଷ କି
ପ୍ରକୃତରେ ଦୂରରେ-
ଯେଉଁ ଚୋଟ ଯନ୍ତ୍ରଣାର ଦୟାନଦୀ ଝରାଏ/
ତାକୁ ବି ଶରୀରର ଅଂଶ ବୋଲି ଧରିନିଏ ।
କୁଇଣ୍ଟାଲ ଜଞ୍ଜାଳ ଥିଲେ ବି,
ଯାହା ମୁଣ୍ଡ ନଇଁଯାଉଚି ଗଣ୍ଡିଲିର ବୋଝରେ,
ତାକୁ ଆପଣାଇ ନିଏ ।
ଧାର ଧାର ବହୁଥିବା ଲୁହ ଅନ୍ୟମାନଙ୍କର,
ପାପୁଲିରେ ତୋଳି ଧରେ, ନିଜର ଭାବି ।
ଏ ଛାତିରେ କ'ଣ ବା ଅଛି,
ବେଦନାକୁ ପିଉଥିବା ଏକ ମନ ।
ସ୍ୱପ୍ନକୁ ସାଉଁଟି ଯାଉଥିବା ଜୀବନ,
ମିଛଟାରେ ବି ମୁଠାଏ ମିଠା ଶବ୍ଦ ।
ଠିକଣା ବି ଯେ ଦେଲା ନାହିଁ,
ସେ ହିଁ ଛାତିରେ ରହିଲା ବନ୍ଧୁ ହୋଇ,
ବେଳେ ବେଳେ ଅକସ୍ମାତ୍ ଆଶା ହୋଇ ।

**ଅତିରିକ୍ତ ମହାନିର୍ଦ୍ଦେଶକ,**
**ପତ୍ର ସୂଚନା କାର୍ଯ୍ୟାଳୟ,**
**ଭାରତ ସରକାର, ଏନ୍ଏବିଏମ୍ ବିଲଡିଂ,**
**ଓମ୍ଫେଡ୍ ଛକ, ଭୁବନେଶ୍ୱର**

## ଜୀବନ କରିବା ପାବନ

### ଅମରନାଥ ବାରିକ୍

ଜୀବନ ଜଟିଳ ଗଣିତ ହେଲେ
'ହରି' ଗଣିତର ସରଳ ସୂତ୍ର
ସେ ସୂତ୍ର ଘୋଷିଲେ ଜୀବନଟା
ହୁଏ ହରିରସେ ରସାମୃତ... ।
ଜୀବନ ଯନ୍ତ୍ରଣା ଜଞ୍ଜାଳରେ ଭରା
'ଗୀତା' ପ୍ରଦର୍ଶକ ପ୍ରାଞ୍ଜଳ ପଥ
ସେ ଗ୍ରନ୍ଥ ପଢ଼ିଲେ ବୁଝିହୁଏ ସିନା
ଜଟିଳ ଜୀବନ ବାସ୍ତବ ଅର୍ଥ... ।
ଜୀବନ ଅଡୁଆ ସୂତାଖିଅ ହେଲେ
'କୃଷ୍ଣ' ପାଦେ ହୁଅ ସମର୍ପିତ
ଖୋଲିଯିବ ଗଣ୍ଠି ଯେତେ ଟାଣ ହେଉ
ହେବନି କଦାପି ସନ୍ତାପିତ... ।
ଜୀବନ ପଙ୍କିଳ ଜଳ ହୋଇଥିଲେ
'ପିତାମାତା' ମନ୍ଦାକିନୀର ଧାରା
ସେ ପୁଣ୍ୟଜଳରେ ସ୍ନାନକଲେ ସଦା
ଆଶୀର୍ବାଦେ ମିଳେ ପୁଣ୍ୟପରା... ।
ଜୀବନ ଯାତରା ବୃଥା ନୁହେଁ କେବେ
ଜପୁଥିଲେ ନିତି 'ଶ୍ରୀରାମ' ନାମ
ଜୀବନର ସୂର୍ଯ୍ୟ ଅସ୍ତମିତ ହେଲେ
ସାର ଏକା ସେହି ଅମୃତ ନାମ... ।

**କୟାଁ,ମଙ୍ଗଳପୁର,ଯାଜପୁର**
**ମୋ-୯୫୪୦୩୦୮୦୯୫**

## ଜିତିବାକୁ ହେବ ଗଡ଼

### ନିରଞ୍ଜନ ସାହୁ

ତୁମର ମୋହର ଭଲପାଇବାରେ
ଉଠେ ନାନାବିଧ ଝଡ଼
ସେ ଝଡ଼କୁ ଯଦି ସାମ୍ନା କରିଗଲେ
ଜିତିଯିବା ଆମେ ଗଡ଼ ।
ପ୍ରେମ ପଥ ଏତେ ସହଜ ନୁହଁଇ
ବିଛା ହୋଇଥାଏ କଣ୍ଟା
ଥରେ ସେ ରାସ୍ତାରେ ପାଦ ଦେଇଦେଲେ
ଲାଗିବ ଅନେକ ଘଣ୍ଟା ।
ସେ କଣ୍ଟକ ପଥ ପାରିହେବା ଥୟ
ହୁଅ ପଛେ ଉଠପଡ଼
ଦୁନିଆ ଦିଅଇ ନାନା ନିର୍ଯାତନା
ଅଶାନ୍ତି ଦିଅଇ ଭରି ।
କାହା ଧମକରେ ଡରିବନି ଜମା
ଯାଅ ପଛେ ଏଠି ମରି
ସମାଜ ଦେଖାଏ ନାଲିଆଖି ଏଠି
ସତେ ଅବା ନିଆଁରଡ଼ ।
ଡରିବାନି ଆମେ ହାରିବାନି ଆମେ
ଆଗକୁ ଚାଲିବା ବାଟ
ଦେଖିବ ସମସ୍ତେ ପରାସ୍ତ ହୋଇବେ
ସରିଯିବ ସବୁ ନାଟ ।
ମନକୁ ସର୍ବଦା ଦୃଢ଼ କରିଥାଅ
ଗ୍ଲାନି , ଅବସାଦ ତଡ଼ ।

**ନିହଲ ପ୍ରସାଦ, ଗଁଦିଆ ପାଟଣା**
**ଢେଙ୍କାନାଳ,ମୋ- ୯୯୩୮୭୪୧୫୮୩**

## କେମିତି କହିବି!

### ସୁଧାଂଶୁ ଶେଖର ଦ୍ୱିବେଦୀ

କେମିତି କହିବି
ଯେଉଁ ଘରେ
ମୁଁ ରହୁଛି
ସେ ଘର ମୋର ବୋଲି !
ଯେଉଁଠି
ପିମ୍ପୁଡି,କୀଟ-ପତଙ୍ଗ
ଝିଟିପିଟି,ଅସରପା
ଆଦି ରୁହନ୍ତି ।
ଘରର ଗୋଟେ
କୋଣରେ
କିଛି ମୂଷା
କରିଛନ୍ତି ଗର୍ତ୍ତ,
ସ୍କାଇ ଲାଇଟରେ
ଚିଂ ଚିଂ ହେଉଛନ୍ତି
ପକ୍ଷୀର ପରିବାର ।
ଅଗଣାରେ ଫୁଟିଥିବା
ଫୁଲ ଉପରେ ଉଡୁଥିବା
ପ୍ରଜାପତି ଓ ଭ୍ରମର
ଗୁଣୁଗୁଣୁ ଗୀତ ଗାଇ
ଉଡି ଆସୁଛନ୍ତି
ଘର ଭିତରକୁ ।
କେମିତି ମୁଁ
ଘଉଡ଼ାଇ ଦେବି ସେମାନଙ୍କୁ !
କେବେ କେବେ
ବିଲେଇ ଗୋଟେ ଦିଇଟା
ମୂଷା ଧରିବାକୁ
ଘର କୋଣରେ
ଜଗି ବସନ୍ତି ।
ଓଳି କଡ଼ରେ
କୁଣ୍ଡି କୁକୁରଟା
ଅବୋଧ ପପିଙ୍କୁ
ଅମୃତ ପାନ କରାଏ,
ଘରର ଜଗୁଆଳି
କାମ କରେ,
କେମିତି ସେମାନଙ୍କୁ
ମୁଁ ତଡିଦେବି !
କେମିତି କହିବି
ଯେଉଁ ଘରେ
ମୁଁ ରହୁଛି
ସେଇଟା ମୋ ଘର !

**ବିସି-୭୪,ସଲ୍ଟ ଲେକ୍,କୋଲକାତା**
**ମୋ-୯୬୮୧୩୭୩୫୧୨**

## ବତୀଘର

### ରାମ ଚନ୍ଦ୍ର ପ୍ରଧାନ

କୂଳେ ଫେରିବାକୁ ବାଟ ଯେ' ବତାଏ
ଟାଳି ବିପଦର ଡର
ସିଏ ପରା ଆମ ବେଳାଭୂମି ପରେ
ଜଳୁଥିବା ବତୀଘର ।
ଅଶାନ୍ତ ସମୁଦ୍ରେ ଭ୍ରମିତ ନାଉରୀ
ହୁଏ ଯେବେ ଦିଗହରା
ବ୍ୟାକୁଳ ହୃଦୟେ ଖୋଜୁଥାଏ ସିଏ
ବତୀଘରର ସାହାରା ।
ବିପଦେ ସାଜି ସେ' ପଥ ପ୍ରଦର୍ଶକ
କରେ ସବୁ ପ୍ରତିକାର
ନୀଳ ସାଗରର ଅନ୍ଧାରକୁ ଚିରି
ଦୁଃଖ ହରେ ନାବିକର ।
କାହିଁ କେଉଁ କାଳୁ କେତେ ଝଡ଼ ବାତ୍ୟା
ତା' ଦେହେ ଯାଇଛି ବହି
ତଥାପି ଦବିନି ଝରୁଛି ତା' ହସ
ସାଗର କୂଳରେ ରହି ।
ବତୀଘର ଏକା ଜାଣିଅଛି ଦୁଃଖ
ଅନ୍ଧାରର ସୀମାରେଖା
ତା' ପାଇଁ ତ କେହି ନିଜର ନୁହଁଇ
ନାବିକ ତାହାର ସଖା ।
ଆଜି ବି ଉଜ୍ଜଳ ବତୀଘର ବତୀ
ଧୈର୍ଯ୍ୟର ଆଲୋକ ଧରି
ନାବିକ ମନକୁ ସୁଦୃଢ କରଇ
ମଙ୍ଗକୁ ସଳଖ କରି ।

**ଶିକ୍ଷକ,ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା,**
**ଗଞ୍ଜାମ,ମୋ-୯୮୬୧୬୩୮୭୩୬**

# ଜହ୍ନପରି ମନ ଯାହାର

## ସୁନନ୍ଦା ମହାନ୍ତି

ଗଳ୍ପ

ଗାଁରେ ଥାଏ ବିଭୂପଦ ବାବୁଙ୍କ ଘର । ଗାଁ ପାଖ ସ୍କୁଲରେ ରିମା ଶିକ୍ଷୟିତ୍ରୀ । ଏ ବର୍ଷ କୁମାର ପୂର୍ଣ୍ଣିମା ଗୁରୁବାର ପଡୁଥିଲା ତ ଝିଅ ଶାଶୁଘରକୁ ଯିବା କଥା ନୁହେଁ କହି ଅଟକେଇ ଦିଆଗଲା ତାକୁ ତ ନବବସ୍ତ୍ର ସବୁ କିଣାକିଣି ପାଇଁ ବାହାରି ପଡ଼ିଲେ ରିମା ଓ ତାଙ୍କ ସ୍ୱାମୀ । ଝିଅ ଜୋଇଁ, ପୁଅ, ବୋହୂ ଓ ନାତି ନାତୁଣୀଙ୍କ ପାଇଁ ଡ୍ରେସ କିଣା ଭିତରେ ଆଉ ଗୋଟେ ପ୍ୟାକେଟ ରିମାଙ୍କ ହାତରେ ଦେଖି ସ୍ୱାମୀ ପଚାରୁଥିଲେ ସେଇଟା ପୁଣି କାହା ପାଇଁ ? ତ ରିମା କହିଲେ ସବୁଟା ଜାଣିବା କଣ ନିହାତି ଆବଶ୍ୟକ ନା କଣ? ସ୍ୱାମୀ ପିଠା ଉପକରଣ ସହିତ ଚାନ୍ଦ ଚକଟା ପ୍ରସ୍ତୁତି ପାଇଁ କିଣାକିଣି କରୁଥିଲାବେଳେ ରିମା ହଜିଗଲେ ଭାବନାରେ । କେବେ କିଛି ଲୁଚେଇ କରିନଥିବା ରିମା ଆଜି କହିପାରୁନଥିଲେ ମ୍ୟାକ୍ସି ଦୁଇଟା ସେ ନେଉଛନ୍ତି ତାଙ୍କ ଘର ପାଖେ ଥିବା ସେହି ବଡନ୍ତା ବାୟାଣୀ ଝିଅଟା ପାଇଁ, ଯିଏ ଅନେକ ଥର ସ୍କୁଲରୁ ଫେରିଲାବେଳେ ବାଟ ଜଗି କହିଥାଏ, ମତେ କୁମାର ପୂର୍ଣ୍ଣିମା ଦିନ କାକରା କ୍ଷୀରି ଟିକେ ଦେବୁ ନା ଦିଦି ଗୁରୁମା! ମୋର ଖାଇବାକୁ ଖୁବ୍ ଇଛା ହେଉଛି । ଅର୍ଦ୍ଧନଗ୍ନ ଝିଅଟାକୁ ଆଖି ଟେକି ଚାହିଁ ପାରୁନଥିବା ବେଳେ ରିମା କହନ୍ତି ଏ ବର୍ଷ ନିଶ୍ଚୟ ଦେବି ।

ଏମିତି ଥରେ ଦୁଇଥର ଝିଅଟା ପାଇଁ ଖାଦ୍ୟ ପଠାଇ ଲୋକହସା ହୋଇଛନ୍ତି ରିମା । କେବେ ଖାଦ୍ୟ ନେଇ ଯାଇଥିବା ଲୋକଟାକୁ ଗାଳି କରି ଘଉଡ଼େଇ ଦିଏ ତ କେବେ ଘର ଦୁଆର ମେଲା କରି ଅନ୍ୟ ଆଡେ ଚାଲିଯାଇଥାଏ । ବାପା ମାଆ ଛେଉଣ୍ଡ ଝିଅଟାର ଭାଇ ଭାଉଜ ମଧ୍ୟ ଛାଡି ଦୂରସ୍ଥାନକୁ ଚାଲି ଯାଇଛନ୍ତି ତ କୁମାର ପୂର୍ଣ୍ଣମୀ ଦିନ ସଅଳ ଉଠି ଚଉରା ପୂଜା ସାରି ପିଠା ଛାଣି କ୍ଷୀରି ଭୋଗ ଦେଇ ସାରିବା ପରେ ରିମା ଆଣିଥିବା ମ୍ୟାକ୍ସି ଦୁଇଟି ସହ ପିଠା ଓ କ୍ଷୀରି ନେଇ ଚାଲିଲେ ତା' ଘରକୁ । ମନେ ମନେ ଭାବିଥିଲେ ସନ୍ଧ୍ୟାରେ ଚାନ୍ଦ ଚକଟା ଖାଇବାକୁ ନୂଆ ଡ୍ରେସ ପିନ୍ଧି ଆସିବାକୁ କହିଦେଇ ଆସିବେ । ତେଣିକି ତା' ମନ । ଠିକ୍ ଏତିକି ବେଳେ ଦୁଇ ଚାରିଟା ପୋଲିସ ଗାଡି ତାଙ୍କୁ ଅତିକ୍ରମ କରି ସାଇରନ ମାରି ମାରି ଆଗେଇ ଗଲା ତ ଛାତିରେ ଛନକା ପଶିଲା ରିମାଙ୍କର । କଣ କୋଉଠି କିଛି ଅଘଟଣ ହେଲା କି? କୋଉ ଅଘଟଣ ବା ଦୁର୍ଘଟଣା କେତେବେଳେ ଯେ କାହା ଗୋଡ଼ ଟାଣି ନ ଧରିବ କିଏ କହିବ ? ଭାବୁ ଭାବୁ ଦୂରରୁ ସେ ଝିଅ ଦୁଆରେ ପୋଲିସ ଗାଡି ରହିବା ଦେଖି ଆଶଙ୍କା ଜାତ ହେଲା ରିମାଙ୍କର । ମନେ ପଡିଲା ସତ କଥା ସ୍ୱାମୀ କହୁଥିଲେ ବାୟାଣୀ ଝିଅ କଣ ତୁମଠୁ ଡ୍ରେସ ଗ୍ରହଣ କରିବ ନା ତାକୁ ପିନ୍ଧିବ । ତେବେ ତା' ସହ କୋଉ ଦୁର୍ଘଟଣା ଘଟିଗଲାକି ଭାବି ମାଆ ଗଜଲକ୍ଷ୍ମୀଙ୍କୁ ମୁଣ୍ଡିଆ ମାରି ଆଗେଇ ଗଲେ ରିମା । ସେତେବେଳକୁ ସେ ଝିଅର ନିସ୍ତେଜ ଶରୀଟା ଟେକା ହୋଇ ଗାଡିରେ ଲଦା ହୋଇସାରିଥିଲା । ଶେଷକୁ ଦୁଷ୍କର୍ମର ଶୀକାର ହେଲା ଭାବି ଥମ କରି ଠିଆ ହୋଇପଡ଼ିଲା ବେଳକୁ ଜଣା ପଡିଲା କୂଅ ଭିତରେ ଖସି ପଡି ତା'ର ଜୀବନ ଚାଲିଗଲା ଆଜି ଭଳି କୁମାର ପୂର୍ଣ୍ଣିମା ଦିନଟାରେ । ସେଦିନ ଜହ୍ନ ଆସିଥିଲା । ଘରେ ସମସ୍ତେ ତାଙ୍କୁ ଅପେକ୍ଷା କରିଥିଲେ ହେଲେ ରିମାଙ୍କର ଚାନ୍ଦ ଚକଟିବାରେ ଆଗ୍ରହ ନଥିଲା । ଦୂରରୁ ଶୁଭୁଥିବା 'କୁମାର ପୂର୍ଣ୍ଣିମା ଜହ୍ନ ଗୋ ଫୁଲ ବଉଳ ବେଣୀ' ଗୀତଟି ତାଙ୍କୁ ସେ ଝିଅ କଣ୍ଠରେ 'ମତେ କାକେରା କ୍ଷୀରି କୁମାର ପୂର୍ଣ୍ଣିମାକୁ ଦେବୁନା ଦିଦି' ବୋଲି ମନେ ପଡୁଥିଲା । ଯାହା.ଏବର୍ଷ କୁମାର ପୂର୍ଣ୍ଣିମା କଥା ଥିଲା ଏକଦମ ଭିନ୍ନ ।

ଏବେ ଏବେ ପଡୋଶୀ ମିଶ୍ରବାବୁଙ୍କ ସ୍ତ୍ରୀ ଅନୁ ଯେବେ ସଜଗୋଲାପ ଦି'ଟା ଦେଇଯାଆନ୍ତି ମହାନ୍ତି ବାବୁଙ୍କ ସ୍ତ୍ରୀ ରିମାଙ୍କୁ । ରିମା ଯେତିକି ଆଶ୍ଚର୍ଯ୍ୟ ହୁଅନ୍ତି ତା' ଠାରୁ ଅଧିକା ଆଶ୍ଚର୍ଯ୍ୟ ହୁଅନ୍ତି ମିଶ୍ରବାବୁ । ଘରଣୀଙ୍କ ପଡୋଶୀ ପ୍ରେମ ଦେଖି ଭାବନ୍ତି ଅନୁ ବୋଧେ ଏବେ ସମାଜସେବୀ ହିସାବରେ ନିଜର ଗୋଟେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହୁଁଛନ୍ତି । ନିଜ ହାତରେ ଅତି ଯତ୍ନରେ କରିଥିବା ଗୋଲାପ ବଗିଚାରୁ ସଜ ଗୋଲାପ ଦି'ଟା ଠାକୁରଙ୍କୁ ପିନ୍ଧେଇବା, ମନ୍ଦିରରେ ରାଧାମାଧବଙ୍କୁ ଚଢ଼ାଇବା କଥା ତ ଠିକ୍ ଅଛି କିନ୍ତୁ ମହାନ୍ତିବାବୁଙ୍କ ସ୍ତ୍ରୀଙ୍କ ପ୍ରତି ଏତେ ଶ୍ରଦ୍ଧା ଦେଖି ବିସ୍ମିତ ହୁଅନ୍ତି ମିଶ୍ରବାବୁ । ଏମିତିରେ ସବୁବେଳେ ମହାନ୍ତିବାବୁଙ୍କ ସ୍ତ୍ରୀ ସହିତ ଗୋଟେ ଦୌଡ଼ ଭିତରେ ଥିବା ଅନୁ ଆଜିକାଲି ବଦଳି ଗଲେଣି ଭାବି ମିଶ୍ରବାବୁ ଖୁସି ହୁଅନ୍ତି । ନ ହେଲେ ପ୍ରତିଟି କଥାରେ ରିମାଙ୍କୁ ନିଚା ଦେଖାଇବାକୁ କୁଣ୍ଠାବୋଧ ପ୍ରକାଶ କରୁନଥିବା ଅନୁଙ୍କର ଏ ପରିବର୍ତ୍ତନରେ ବେଳେ ବେଳେ ଆଶଙ୍କା ମଧ୍ୟ ଉତ୍ପନ୍ନ ହୁଏ ମିଶ୍ର ବାବୁଙ୍କର । ରିମାଙ୍କୁ ଟକ୍କର ଦେଉଥିବା ଅନୁ ଏ ବର୍ଷ ଦୁର୍ଗାପୂଜାରେ ମହାନ୍ତି ବାବୁଙ୍କ ଘରକୁ କଣ ଆସିଛି ମହାନ୍ତି ବାବୁଙ୍କ ସ୍ତ୍ରୀ ରିମା କୋଉ ଡିଜାଇନ ଗହଣା କିଣିଛନ୍ତି ସେସବୁ ନଦେଖି କଣ ରାଜନୀତି ଆଡକୁ ଢଳିଛନ୍ତି ନା କଣ ଭାବି ମିଶ୍ର ବାବୁ ଭୟଭୀତ ହୁଅନ୍ତି ।

ସେଦିନ ନ ଜାଣିଲା ପରି ମିଶ୍ରବାବୁ ପଚାରି ଦେଇଥିଲେ ସ୍ତ୍ରୀ ଅନୁଙ୍କୁ କଣ ପୂଜା ପାଇଁ ଶାଢ଼ି, ଗହଣା କିଣା ଯିବନି କି ଏଥର? କିଣା ଯିବନି କେମିତି ଯେ ! ଏଡ଼େବଡ଼ ପୂଜାରେ ନୂଆ ନୂଆ ଭେରାଇଟର ଶାଢ଼ି ଓ ନୂଆ ନୂଆ ଡିଜାଇନର ଗହଣା ମାର୍କେଟକୁ ଆସିଥିବ ତ କିଣିବିନି କେମିତି କହିଲ ? ଆଉ ତୁମ ପଡୋଶୀନି କଣ କିଣାକିଣି କଲେଣି ? ତୁମେ ଏସବୁ କାହିଁ ପଚାରୁଛ କଣ ମହାନ୍ତିବାବୁ ତୁମକୁ କିଛି କହୁଥିଲେ କି ? ହଁ କହୁଥିଲେ ଆପଣଙ୍କ ସ୍ତ୍ରୀ ଅନୁଭାଉଜ ସଜ ଗୋଲାପ ଦେଇ ମୋ ସ୍ତ୍ରୀ ରିମାଙ୍କ ମନରେ ଗୋଲାପ ଗଛ ଲଗାଇବା, ଗଛର ଯତ୍ନ ନେବା, ଅନାବଶ୍ୟକ ଡ଼ାଳ କାଟିବା ଇତ୍ୟାଦିରେ ଏମିତି ବ୍ୟସ୍ତ ରହୁଛନ୍ତି ଯେ ପୂଜା ବଜାରରେ କଣ ସବୁ ନୂଆ ଜିନିଷ ପଡିଛି ଚାଲ କିଣିବାକୁ କହିବା ଭୁଲି ଯାଇଛନ୍ତି । ଅନୁ ଏଥର ଖୁବ୍ ଖୁସିରେ ତାଳି ମାରି କହିଲେ ଯାହା ହେଉ ଏତେଦିନକେ ମୋ ଆଶା ପୂରଣ ହୋଇଛି । ରିମାଙ୍କ ସମୟ ଚୋରି କରିବାକୁ ମୁଁ ଯେଉଁ ନାଟକ କରିଛି ସେଥିରେ ସଫଳ ହୋଇଛି । ଏଥର ମୁଁ ପ୍ରଥମେ କିଣିବି ଶାଢ଼ି, ଚୁଡ଼ି ଓ ନୂଆ ଗହଣା । ରିମାଙ୍କୁ ହରାଇବା ପାଇଁ ସଜ ଗୋଲାପ ମତେ କେତେ ସାହାଯ୍ୟ କରିଛି ଦେଖିଲ । ଏତିକି କହିଛନ୍ତି କି ନାହିଁ ମହାନ୍ତି ବାବୁ ଓ ତାଙ୍କ ସ୍ତ୍ରୀ ପହଁଚିଲେ । ରିମା ପିନ୍ଧିଥିଲେ ନୂଆ ଶାଢ଼ି, ଚୁଡ଼ି ଓ ଗହଣା । ମହାନ୍ତିବାବୁ କହୁଥିଲେ ବୁଝିଲେ ଭାଉଜ ଆପଣଙ୍କ ଯୋଗୁଁ ରିମା ଗଛ ଲଗାଇବା, ଫୁଲକୁ ଆଦର କରିବା ଶିଖି ଯାଇଛନ୍ତି ତେଣୁ ତାଙ୍କ ପାଇଁ ସବୁଠୁ ଲାଟେଷ୍ଟ ଶାଢ଼ି, ଚୁଡ଼ି ଗହଣା ଆଣିଛି ଏଥର ମୁଁ ନିଜେ । ଆଉ ଆପଣଙ୍କ ପାଇଁ ମଧ୍ୟ ନେଇଆସିଛି. ପିନ୍ଧିକି ବାହାରନ୍ତୁ କାଳୀପୂଜା ମଣ୍ଡପକୁ ଯିବା । ରିମା ତାଙ୍କ ନିଜ ହାତରେ ଲଗାଇଥିବା ଗୋଲାପ ଗଛରୁ ସଜ ଗୋଲାପ ସବୁ ଆଣିଛନ୍ତି ପରା । ଅନୁ କୁଣ୍ଠିତ ହୋଇ ଉପହାର ଗ୍ରହଣ କରୁନଥିବା ଦେଖି ମିଶ୍ରବାବୁ କହୁଥିଲେ ଆରେ ଆମେ ଦୁହେଁ ସାଙ୍ଗ ହୋଇ ନିଜ ନିଜ ପତ୍ନୀଙ୍କ ପାଇଁ ଯାହା ସବୁ କିଣିଆଣିଛୁ ତାହା ସାଦରେ ଗ୍ରହଣ କରି ଆମକୁ ଧନ୍ୟ କର । ଅନୁ ଚାହୁଁଥିଲେ ସ୍ୱାମୀଙ୍କୁ ବଡ଼ ବଡ଼ ଆଖି ମେଲି ତ ରିମା କହୁଥିଲେ ପିନ୍ଧନ୍ତୁ ନା । ଏ ବର୍ଷ ଆମ ଦୁହିଁଙ୍କ ପୂଜା ଯେମିତି ଜମିଗଲା କାଳୀପୂଜା ମଧ୍ୟ ସେମିତି ଜମିଯିବ କହୁଥିଲାବେଳେ ରିମାଙ୍କର ପୂର୍ବ ବର୍ଷ ଘଟଣା ମନେପଡୁଥିଲା ତ ସେ ସଜ ଗୋଲାପ ସବୁକୁ ନେଇ ସେ ଝିଅର ସମାଧି ପୀଠ ଆଡ଼େ ଯିବା ଦେଖି ଅନୁଙ୍କ ଆଖିରେ ମଧ୍ୟ ଲୁହ ଆସିଯାଇଥିଲା ।

**ସାକ୍ଷୀଗୋପାଳ ,ପୁରୀ**
**ମୋ-୯୦୪୦୯୭୭୩୨୭**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୀତିଗତ...

ଲୋକସଭା ଓ ବିଧାନସଭା ନିର୍ବାଚନ ଏକାସଙ୍ଗରେ ହେବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ।

୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଷ୍ଟ୍ର ଉଦ୍ଦେଶ୍ୟରେ ଭାଷଣ ରଖି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ଉପନିବେଶବାଦ ମାନସିକତାର ପରିବର୍ତ୍ତନ ଲାଗି ସରକାର ଅନେକ ପ୍ରଚେଷ୍ଟା କରିଛନ୍ତି । ବ୍ରିଟିଶ ଯୁଗରୁ ଚଳି ଆସୁଥିବା ଅପରାଧ ଆଇନ୍‌ର ଉଚ୍ଛେଦ କରାଯାଇଛି । ନୂଆ ଅପରାଧିକ ଆଇନ୍, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ କରାଯାଇ ଅପରାଧର ଶିକାର ହେଉଥିବା ମହିଳା ଓ ଶିଶୁଙ୍କୁ ନ୍ୟାୟ ଦେବାକୁ ଲକ୍ଷ ରଖାଯାଇଛି । ୧୯୪୭ରେ ଆମେ ସ୍ୱାଧୀନତା ପାଇଲୁ । ମାତ୍ର ଉପନିବେଶବାଦ ମାନସିକତା ଅନେକ ଦିନ ଧରି ରହିଥିଲା । ବିଳମ୍ବରେ ହେଉ ପଛେ ଆମେ ଏହି ମାନସିକତାରୁ ମୁକୁଳିବା ଲାଗି ପ୍ରଚେଷ୍ଟା କରିଛୁ । ଏହି ଧାରାରେ ଭାରତୀୟ ପେନାଲ କୋର୍ଟ କୋଡ୍ ଅଫ୍ କ୍ରିମିନାଲ୍ ପ୍ରୋସେଜିଅର ଓ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟର ପରିବର୍ତ୍ତନ କରାଯାଇଛି । ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ଏବେ ଦେଶର ସାଂସ୍କୃତିକ ଐତିହ୍ୟର ନିଦର୍ଶନ କରୁଛି । ଭାରତ ଏବେ ଭାଷାଗତ ବିଭିନ୍ନତାର ପେଣ୍ଠସ୍ଥଳ । ଆମ ସଂସ୍କୃତି ଏବେ ସଂରକ୍ଷିତ ହୋଇ ରହିଛି । ସମ୍ବିଧାନର ଉଲ୍ଲେଖନୀୟ ପ୍ରତିଫଳନ ସମ୍ପର୍କରେ ମତ ରଖି ସେ କହିଛନ୍ତି ଯେ ସ୍ୱାଧୀନତା ସମୟରେ ଦେଶର ଅନେକ ପ୍ରାନ୍ତରେ କ୍ଷୁଧା ଓ ଦାରିଦ୍ର୍ୟ ଥିଲା । ଏବେ ଆମେ ନିଜକୁ ଏଥିରୁ ସୁରକ୍ଷିତ କରିବା ସହ ଅଭିବୃଦ୍ଧି ବଜାୟ ରଖିଛୁ । ସମ୍ବିଧାନ ହେଉଛି ଏକ ଜୀବନ୍ତ ତଥ୍ୟ ଓ ସମସ୍ତଙ୍କୁ ଗୋଟିଏ ପରିବାରରେ ବାନ୍ଧି ରଖେ । ସମ୍ବିଧାନ ଆମକୁ ଭାରତୀୟର ସାମୁହିକ ପରିଚୟ ଦେଇଥାଏ । ଚାଷୀ ଓ ଶ୍ରମିକଙ୍କ ଅବଦାନ ଅତୁଳନୀୟ । ଭାରତୀୟ ଅର୍ଥନୀତି ଏବେ ବିଶ୍ୱ ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି । କିଛି ବର୍ଷ ହେବ ଦେଶର ଅଭିବୃଦ୍ଧି ହାର ବୃଦ୍ଧି ପାଇଛି । ଚାଷୀ ଓ ଶ୍ରମିକଙ୍କ ଆୟ ବଢ଼ିଛି । ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଅଧିକାଂଶ ଦାରିଦ୍ର୍ୟ ସୀମାରେଖା ତଳୁ ଉପରକୁ ଆସିଛନ୍ତି । ସରକାର ଲୋକଙ୍କ କଲ୍ୟାଣ ସହ ସେମାନଙ୍କ ସର୍ବନିମ୍ନ ଆବଶ୍ୟକତା ଯଥା ଘର ଓ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଛନ୍ତି । ସେହିଳଭି ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟେକ ନାଗରିକ ବିର୍ଶାମୁଣ୍ଡାଙ୍କ ଅବଦାନ ସ୍ମରଣ କରୁଛନ୍ତି । ତାଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଛି । ନ୍ୟାୟ, ସ୍ୱାଧୀନତା ଓ ସମାନତା ଆଧୁନିକ ବିଷୟ ନୁହେଁ । ଏହା ହେଉଛି ଆମର ସଭ୍ୟତା ଐତିହ୍ୟ ସହ ଜଡ଼ିତ । ବିଶ୍ୱରେ ଅନେକ କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ରହିଛି । ଏବେ ଭାରତରେ ୬୦% ମହିଳା ଶିକ୍ଷୟତ୍ରୀ ଅଛନ୍ତି । ଭବିଷ୍ୟତ ବଂଶଧରଙ୍କ ପାଇଁ ସମ୍ବିଧାନ ସେମାନଙ୍କ ଜୀବନଧାରଣର ସ୍ୱୀକୃତି ହେବ ବୋଲି ସେ ଆଶା କରିଛନ୍ତି ।

## ଓଡ଼ିଶାରୁ...

ରହିଛନ୍ତି । ସେହିଭଳି ଓଡ଼ିଶାର ୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ଔଷଧ କ୍ଷେତ୍ରରେ ଅଶୋକ କୁମାର ମହାପାତ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିବାବେଳେ କଳା କ୍ଷେତ୍ରରେ ଆଦିତ୍ୟ ଚରଣ ଗଡନାୟକ, କଳା କ୍ଷେତ୍ରରେ ଦୁର୍ଗାଚରଣ ରଣବୀର, ସାହିତ୍ୟ ଓ ଶିକ୍ଷା କ୍ଷେତ୍ର ଲାଗି ଶ୍ରୀମତୀ ପ୍ରତିଭା ଶତପଥୀଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ ।

ପଦ୍ମ ବିଭୂଷଣ ଲାଗୁ ଧ୍ରୁବର ନାଗେଶ୍ୱର ରେଡ୍ଡୀ, ଅବରପ୍ରାପ୍ତ ଜଷ୍ଟିସ୍ ଜଗଦୀଶ ସିଂହ ଖେର, କୁମୁଦିନ ରଜନୀକାନ୍ତ ଲାଖିଆ, ଲକ୍ଷ୍ମୀନାରାୟଣ ସୁବ୍ରମଣ୍ୟମ୍, ଏମ୍‌ଟି ବାସୁଦେବ ନାଏର, ଓସାମୁସୁଜ୍‌କୀ, ଶାରଦା ସିହ୍ନାଙ୍କୁ ମନୋନୀତ କରାଯାଇଛି ।

ଏହି ତାଲିକାରେ କୁଏତର ଯୋଗ ପ୍ରଶିକ୍ଷକ ସାଇଖା, ଏଜେ ଅଲ୍ ସବା, ଆପୋଲ ସମ୍ରାଟ ହାରିମାନ, ବ୍ରାଜିଲର ବେଦାନ୍ତ ଗୁରୁ, ଜୋନେସ ମାସେଡିଙ୍କ ସମେତ ଅନ୍ୟ ପଦ୍ମ ପୁରସ୍କାର ବିଜେତା ରହିଛନ୍ତି । ଗର୍ଭାଶୟ କର୍କଟ ରୋଗ ଚିହ୍ନଟ ନିରାକରଣ ଏବଂ ପରିଚାଳନାରେ ବିଶେଷଜ୍ଞ  ଦିଲ୍ଲୀର ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ନିରୋଜା ଭଟ୍ଟଲାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ଭୋଜପୁରର ସମାଜସେବୀ ଭିମ ସିଂ ଭବେଶଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯିବ । ସେହିପରି ପି ଦଚନ ମୂର୍ତ୍ତୀଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଉଥିଲା ବେଳେ ସେଓ ସମ୍ରାଟ ହରିମୋହନ ଶର୍ମା ପଦ୍ମଶ୍ରୀ ପାଇବେ ।  ସେହିଭଳି ଗୋଆର ୧୦୦ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ ପଦ୍ମ ପୁରସ୍କାର ପ୍ରଦାନ କରାଯିବ ।

## ଉତ୍କର୍ଷ...

ଇନ୍ ଓଡ଼ିଶା, ୱୋମେନ୍ ଓଡ଼ିଶା ବା ସୁଭଦ୍ର ସଶକ୍ତ ବିଷୟରେ ଆଲୋଚନା ହେବ । ଜାନୁଆରୀ ୩୦ରେ ପ୍ରଦର୍ଶନୀ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ । ସିନେମା ଓ ଗଣମାଧ୍ୟମ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ଭାରତ ଶିଳ୍ପ ବିପ୍ଳବର ନେତୃତ୍ୱ ନେବାକୁ ଓଡ଼ିଶା ପ୍ରସ୍ତୁତ ଅଛି । ୭ ମାସ ମଧ୍ୟରେ ୧୫୯ ଶିଳ୍ପକୁ ମଞ୍ଜୁରୀ ଦେଇଛୁ । ୨ ଲକ୍ଷ ୭୫ ହଜାର କୋଟି ପୁଞ୍ଜି ନିବେଶ ଆସିଛି । ଏହା ଦ୍ୱାରା ୨ ଲକ୍ଷ ୧୫ ହଜାର ନିଯୁକ୍ତ ସୁଯୋଗ ସୃଷ୍ଟି ହେବ । ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରୁ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆଶା ରଖିଛୁ । ଏମ୍‌ଓୟୁ ଓ ଗ୍ରାଉଣ୍ଡିଂ କରିବା ଭିନ୍ନ କଥା । ଆମେ ଯେତିକି ଏମ୍‌ଓୟୁ କରିବୁ ସେତିକି ଗ୍ରାଉଣ୍ଡିଂ କରିବୁ । ଯେଉଁମାନେ ଶିଳ୍ପ ପାଇଁ ଜମି ନେଇ ଶିଳ୍ପ କରିନାହାନ୍ତି ଆମେ ତାଙ୍କ ଉପରେ ଚାପ ସୃଷ୍ଟି କରି ଶିଳ୍ପ ପ୍ରତିଷ୍ଠା ଲାଗି ଚେଷ୍ଟା କରୁଛୁ । ଯେଉଁମାନେ ଶିଳ୍ପ କରିବେ ନାହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୭,୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ପଞ୍ଜି କରଣ କରିଛନ୍ତି । ୧୬ଟି ଦେଶର କୁଟନୈତିଜ୍ଞ ଓ ପ୍ରତିନିଧି ଯୋଗଦେବେ । ଏସ୍‌ଏଲ୍ ମିତଲ, ବିର୍ଲା, ଅନୀଲ ଅଗ୍ରୱାଲ, ହିତେଶ ଜୋଶୀ, ପିବି ନରେନ୍ଦ୍ରଙ୍କ ଭଳି ଜଣାଶୁଣା ଶିଳ୍ପପତି ମଧ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିବେ । ସିଙ୍ଗାପୁର, ମାଲେସିଆ, ଅଷ୍ଟ୍ରେଲିଆ, ଭିଏତନାମ, ଇଟାଲୀ, ବେଲାରୁଷ, ୟୁକେ ପରି ୧୬ ରାଷ୍ଟ୍ରରୁ ୧୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ । ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରହିଛି ।

## 'ଆପ୍'...

ବିଧାୟକ ଓ ସାଂସଦ ଜେଲ୍ ଯାଇଛନ୍ତି । ଦିଲ୍ଲୀବାସୀ ଏବେ ଯେଉଁମାନେ ଜେଲ୍‌ରେ ଥିଲେ ସେମାନଙ୍କୁ ଭୋଟ୍ ଦେବାପାଇଁ ଆଗ୍ରହୀ ନୁହଁନ୍ତି ବୋଲି ସେ କହିଛନ୍ତି । ସେହିଭଳି କଂଗ୍ରେସ ନେତା ଅଳକା ଲାମ୍ବା ମଧ ଆପ୍‌କୁ ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଅରବିନ୍ଦ କେଜରିୱାଲ, ସିଲା ଦିକ୍ଷୀତ ଓ ମନମୋହନ ସିଂହଙ୍କୁ ଅପମାନିତ କରିଛନ୍ତି । ନିକଟରେ ଏକ ସାକ୍ଷାତକାରରେ ସେ ମନମୋହନ ସିଂହଙ୍କୁ ଅତ୍ୟନ୍ତ ସଚ୍ଚୋଟ ପ୍ରଧାନମନ୍ତ୍ରୀ ବୋଲି କହିଥିଲେ । ସ୍ୱର୍ଗତ ସିଂହଙ୍କ ପତ୍ନୀଙ୍କୁ ପ୍ରଥମେ କ୍ଷମା ମାଗନ୍ତୁ । ଆପ୍ କଂଗ୍ରେସ ପାଖରେ ମେଣ୍ଟ ଲାଗି ଭିକ ମାଗୁଥିଲା । ଲୋକସଭାରେ ଆମେ ତାଙ୍କ ସହ ମେଣ୍ଟ କରି ଭୁଲ୍ କରିଛୁ । ଅଳକା ଲାମ୍ବା କାଲ୍‌କାଜି ବିଧାନସଭା ମଣ୍ଡଳୀରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅତିଶଙ୍କ ବିରୋଧରେ ନିର୍ବାଚନ ଲଢୁଛନ୍ତି । ପୂର୍ବରୁ କଂଗ୍ରେସ ନେତା ଅଜୟ ମାକେନ୍ କେଜରିୱାଲଙ୍କୁ ଦେଶଦ୍ରୋହୀ ବୋଲି ବର୍ଣ୍ଣନା କରିଥିଲେ । ସେହିଭଳି ବିଜେପି ତା'ର ନୂଆ ପୋଷ୍ଟରରେ ଆପ୍‌କୁ ଆପଦା ବୋଲି ଦର୍ଶାଇଛି । ଦିଲ୍ଲୀ ନିର୍ବାଚନ ଲାଗି ୫ରେ ଭୋଟ୍ ଗ୍ରହଣ କରାଯିବ । ଏହା ପୂର୍ବରୁ ପୋଷ୍ଟର ୱାର ବେଶ୍ ରୋଚକ ସ୍ଥିତିରେ ପହଞ୍ଚିଛି ।

# ବ୍ରହ୍ମପୁର ସହର ସାଇବର ଠକଙ୍କ ଭୂସ୍ୱର୍ଗ : ଯୁବକଙ୍କ ୫୮ ଲକ୍ଷ ଟଲୁ

ବ୍ରହ୍ମପୁର,(ସବ୍ୟୁ): ଦିନକୁ ଦିନ ସାଇବର ଗ୍ୟାଙ୍ଗ ବିଭିନ୍ନ ଲୋକଙ୍କୁ ଠକିବାରେ ଲାଗିଛନ୍ତା ପୋଲିସ ସେମାନଙ୍କର ଟେର ପାଇ ପାରୁନାହିଁ ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ରହୁଥିବା ଯୁବକ ଯୁବତୀଙ୍କୁ ମୋଟ ଅଙ୍କର କମିଶନ ଲୋଭ ଦେଖାଇ ଠକୁଛନ୍ତି ଲକ୍ଷ ଲକ୍ଷ ଟଙ୍କା। ସତେ ଯେମିତି ବ୍ରହ୍ମପୁର ଏବେ ସାଇବର ଠକଙ୍କ ଭୂସ୍ୱର୍ଗ ପାଲଟିଛି। ବିଭିନ୍ନ ତରିକାରେ ଯୁବକଙ୍କ ବିଶ୍ୱାସ ହାତେଇ ସେମାନଙ୍କର ମାୟା ଜାଲରେ ପକାଉଛନ୍ତି। ଅନଲାଇନରେ ଟଙ୍କା ଖଟାଇ ଅଧିକ କମିଶନ ଲୋଭରେ ଯୁବକ ଜଣଙ୍କ ୫୮ ଲକ୍ଷ ଟଙ୍କା ହରାଇ ବସିଛନ୍ତି। ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏନେଇ ୧୦/୨୫ରେ ଏକ ମାମଲା ରୁଜୁ ହୋଇଛି, ବ୍ରହ୍ମପୁର ସହରର ରେଡି ଗ୍ୟାରେଜ ଛକ ନିକଟରେ ରହୁଥିବା ଯୁବକ ଜଣଙ୍କ ପାଖକୁ କିଛି ମାସ ତଳେ ଏକ ମେସେଜ ଆସିଥିଲା। । ଏସଏମଏସ ଗ୍ଲୋବାଲ ସିକ୍ୟୁରିଟି ଫାଇନାନ୍ସ ନାମକ ଏକ ସଂସ୍ଥାରୁ ଏହି ମେସେଜ ଆସିଥିବା ବେଳେ ଜିଓସ ବ୍ଲକ ପ୍ରୋ ନାମକ ଏକ ଆପରେ ଯୋଗଦେବାକୁ କୁହାଯାଇଥିଲା। ଏଥିରେ ଟଙ୍କା ବିନିଯୋଗ କଲେ ଅଳ୍ପ ଦିନ ମଧ୍ୟରେ ମୂଳ ଟଙ୍କା ସହ ସୁଧ ଆକାରରେ ଅଧିକ ଲାଭ ମିଳିବ ବୋଲି ସେହି ମେସେଜରେ ଲେଖା ହୋଇଥିଲା। । ତେବେ ଏହି କମ୍ପାନୀ ଓ ଆପ୍ ବିଷୟରେ ଯାଞ୍ଚ କରିବା ପରେ ଅଭିଯୋଗକାରୀ ଜଣଙ୍କ ପ୍ରାଥମିକ ପର୍ଯ୍ୟାୟରେ ୧ ଲକ୍ଷ ୯ ହଜାର ଟଙ୍କା ୭୯୫ ଟଙ୍କା ଇନଭେଷ୍ଟ କରି ଭାରତ ଗ୍ଲୋବାଲ ଡେଭଲପର କମ୍ପାନୀର ସେୟାର କିଣିଥିଲେ । କିଛିଦିନ ପରେ ମୂଳ ଟଙ୍କାର ୫ ପ୍ରତିଶତ ରିଟର୍ନ ଅର୍ଥାତ ୧ ଲକ୍ଷ ୧୫ ହଜାର ୨୮୦ ଟଙ୍କା ହୋଇ ଯାଇଥିଲା । ଏହା ଦେଖି ଅଭିଯୋଗକାରୀଙ୍କ ଲୋଭ ବଢ଼ିଥିଲା। । ସେହିପରି ଏସଏମଏସ ଗ୍ଲୋବାଲ ସିକ୍ୟୁରିଟି ଓ ଜିଓସ ବ୍ଲକ ପ୍ରୋ ପକ୍ଷରୁ କିଟି ଗୁପ୍ତା, ଅନୀତା ଗର୍ଗ, ଅଜୟ ରିଭେରା ଓ ଆରୁଷି ମାଥୁର ନାମକ ମହିଳା ଓ ବ୍ୟକ୍ତିମାନେ ଅଭିଯୋଗକରୀଙ୍କୁ ବାରମ୍ବାର ଫୋନ କରି ଟଙ୍କା ଇନଭେଷ୍ଟ କରି ଅଳ୍ପ ଦିନ ଭିତରେ ଅଧିକ ଲାଭ ପାଇପାରିବେ ବୋଲି ଲୋଭ ଦେଖାଉଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ଜଣଙ୍କ ମାତ୍ର ଦେଢ ମାସ ଭିତରେ ୫୮ ଲକ୍ଷ ୨୪ ହଜାର ୯୧୯ ଟଙ୍କା ସେହି କମ୍ପାନୀରେ ଇନଭେଷ୍ଟ କରିଥିଲେ । ସେହି ମୂଳ ଟଙ୍କାର ଭଲ ରିଟର୍ନ ମଧ ଆସିଥିଲା । ହେଲେ କିଛି ଦିନ ତଳେ ତାଙ୍କର ଜରୁରୀ ଟଙ୍କା ଆବଶ୍ୟକ ହେବାରୁ ସେ ସେହି ଆପରୁ ଟଙ୍କା ଉଠାଣ ପାଇଁ ଉଦ୍ୟମ କରିବା ବେଳେ ତାଙ୍କୁ ଟଙ୍କା ଉଠାଇବା ଉପରେ କଟକଣା ରହିଥିଲା। ସେହିପରି କମ୍ପାନୀ ଉପରୋକ୍ତ କର୍ମଚାରୀଙ୍କ କଥାବାର୍ତ୍ତା ଓ ବ୍ୟବହାର ମଧ ବଦଳି ଯାଇଥିଲା। ଏହାପରେ ଯୁବକ ଜଣଙ୍କ ଲାଭ ତଥା ରିଟର୍ନ ଟଙ୍କାକୁ ବାଦ ଦେଇ ନିଜ ମୂଳ ଟଙ୍କା ଫେରାଇ ଦେବାକୁ କହିଥିଲେ ।ସେତେବେଳେକୁ ତାଙ୍କ ସହ ଅନେକ ଦିନ ହେବ ଯୋଗାଯୋଗରେ ରହିଥିବା କମ୍ପାନୀର ସମସ୍ତ କର୍ମଚାରୀଙ୍କ ମୋବାଇଲ ସୁଇଫ ଅଫ ହୋଇଯାଇଥିଲା। ଏପରିକି ଯେଉଁ ଗ୍ରୁପରେ ଇନଭେଷ୍ଟରମାନେ ଥିଲେ ସେମାନେ ମଧ ଗ୍ରୁପରୁ ଅଲଗା ହୋଇ ସାରିଥିଲେ। ସବୁଆଡୁ ଯୋଗାଯୋଗ ବନ୍ଦ ହୋଇ ଯିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଡିଜିଟାଲ ଆରେଷ୍ଟ ଭୟ : ୧୩ ଲକ୍ଷ ଠକିନେଲେ ସାଇବର ଠକ

ବ୍ରହ୍ମପୁର,(ସବ୍ୟୁ): ବିଦେଶରୁ ଆସିଥିବା ବାନ୍ଧବୀଙ୍କୁ ମୁକୁଳାଇବା ପାଇଁ ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ସାଇବର ଠକମାନେ ବ୍ରହ୍ମପୁର ଖୋଡାସିଂ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ୧୩ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି । ଏ ନେଇ ବ୍ରହ୍ମପୁର ସାଇବର ଓ ଅପରାଧ ଥାନାରେ କେସ ନଂ ୯/୨୫ରେ ଏକ ମାମଲା ରୁଜୁ ହୋଇଛି । ପ୍ରାକାଷଯାଗ୍ୟଯେ, ବ୍ରହ୍ମପୁର ଖୋଡାସିଂ ଅଞ୍ଚଳରେ ରହୁଥିବା ଏହି ୪୨ ବର୍ଷୀୟ ବ୍ୟକ୍ତି ଜଣଙ୍କ ଫେସବୁକ ଓ ୱାଟସଆପ ଭଳି ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି । ୨୦୨୪ ଏପ୍ରିଲ ମାସରେ ତାଙ୍କ ଫେସବୁକ ଆକାଉଣ୍ଟରେ ଆଣ୍ଡ୍ରେସନ ସ୍କାଟି ନାମକ ଜଣେ ବିଦେଶୀ ମହିଳାଙ୍କ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ଆସିଥିଲା । ତାହାକୁ ଆସେପ୍ଟ କରିବା ପରେ ବିଦେଶିନୀଙ୍କ ସହ ଫେସବୁକ ମେସେଞ୍ଜରରେ ଚାଟିଂ ଆରମ୍ଭ କରିଥିଲେ । କିଛି ଦିନ ପରେ ଉଭୟ ୱାଟସଆପ ନମ୍ବର ଆଦାନପ୍ରଦାନ କରି ଚାଟିଂ କରିବା ପରେ ବିଦେଶିନୀ ଜଣଙ୍କ କଲ କରିବା ଆରମ୍ଭ କରିଥିଲେ । ସେହିକ୍ରମରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହେବାରେ ଲାଗିଥିଲା । ୨୦୨୪ ମେ ମାସରେ ବିଦେଶିନୀ ଜଣଙ୍କ ଭାରତକୁ ଆସି ଏଠାରେ ନର୍ସ ଭାବେ ମେଡିକାଲ ଗବେଷଣା କରିବେ ବୋଲି ବ୍ରହ୍ମପୁରର ଏହି ବ୍ୟକ୍ତିଙ୍କୁ କହିଥିଲେ । ଏହାର କିଛି ଦିନ ପରେ ବ୍ରହ୍ମପୁରର ବ୍ୟକ୍ତିଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ମହିଳା ଜଣଙ୍କ ନିଜକୁ ନିନା ବୋଲି ପରିଚୟ ଦେବା ସହ ସେ ମୁମ୍ବାଇ ଏୟାରପୋର୍ଟର କଷ୍ଟମ ଅଧିକାରୀ ବୋଲି କହିଥିଲେ । ଆପଣଙ୍କ ବିଦେଶିନୀ ବନ୍ଧବୀ ଜଣଙ୍କ ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିଛନ୍ତି ବୋଲି ବ୍ୟକ୍ତିଙ୍କୁ କହିବା ସହ ତାଙ୍କ ନିକଟରେ ଭାରତୀୟ ମୁଦ୍ରାରେ ୩ କୋଟି ଟଙ୍କା ମୂଲ୍ୟର ବିଦେଶୀ ପାଉଣ୍ଡ ରହିଛି । ସେହି ବିଦେଶୀ ମୁଦ୍ରା ବିନିମୟ କରିବାକୁ ୫୦ ହଜାର ଟଙ୍କା ଜମା କରିବାକୁ ପଡିବ ବୋଲି ଜଣାଇଥିଲେ । ଯେହେତୁ ବ୍ରହ୍ମପୁରର ବ୍ୟକ୍ତି ଜଣଙ୍କୁ ଭାରତ ଆସିବି ବୋଲି ବିଦେଶିନୀ ବନ୍ଧବୀ ପୂର୍ବରୁ କହିଥିଲେ ସେହିକ୍ରମରେ ନିନା ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ପଠାଇଥିଲେ । ଏହାପରେ ସାଇବର ଠକମାନେ ନିଜକୁ ପୁଲିସ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ, ବିନିମୟ ବିଭାଗ ଅଧିକାରୀ ବୋଲି ପରିଚୟ ଦେଇ ବିଦେଶିନୀ ବାନ୍ଧବୀଙ୍କୁ ମୁକୁଳାଇବା ପାଇଁ ବ୍ରହ୍ମପୁର ବ୍ୟକ୍ତିଙ୍କୁ ବ୍ଲାକମେଲ କରିବା ସହ ଟଙ୍କା ଦାବି କରିଥିଲେ । ଏପରିକି ଠକମାନେ ବ୍ୟକ୍ତିଙ୍କ ନିକଟକୁ ବିଭିନ୍ନ ନକଲି ଆରେଷ୍ଟ କାଗଜପତ୍ର ମଧ ପଠାଇଥିଲେ । ଟଙ୍କା ନଦେଲେ ବିଦେଶୀ ଆତଙ୍କାବଦ ଲିଙ୍କ ଅଭିଯୋଗରେ ବିଦେଶୀ ବାନ୍ଧବୀ ଓ ଆପଣଙ୍କୁ ଗିରଫ କରାଯିବ ବୋଲି ମଧ ବ୍ରହ୍ମପୁରର ଏହି ବ୍ୟକ୍ତିଙ୍କୁ ଡରାଇଥିଲେ । ଅନ୍ୟ ଉପାୟ ନପାଇ ବ୍ୟକ୍ତି ଜଣଙ୍କ ବିଭିନ୍ନ ପର୍ଯ୍ୟାୟରେ ସାଇବର ଠକଙ୍କ ନିକଟକୁ ୧୩ ଲକ୍ଷ ୪୪ ହଜାର ୯୪୦ ଟଙ୍କା ପଠାଇ ଦେଇଥିଲେ । ଏହାପରେ ମଧ ସାଇବର ଠକମାନେ ଟଙ୍କା ଦାବି କରିବାରୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

**AFFIDAVIT**

I, Jinatun Bibi, W/o- Tamiruddin Khan, resident of Village- Oldhi, Po- Fakirabad, Ps-Derabish, Dist-Kendrapara, Pin- 754250 Odisha declare by this affidavit No-255 Dtd. 25.01.2025 that now onwards I shall be known as Zinatun Bibi for all future purposes.

**AFFIDAVIT**

I, Annamalaivel, S/o- P. Sankarvel of Flat No.003, Acharya Villa, Old Town, Bhubaneswar, P.O. Old Town, Dist.- Khordha, Pin- 751002, Odisha declare by this Affidavit No.52, Dated 24.01.2025 that now onwards I shall be known as **ANNAMALAIVEL S** for all purposes.

**AFFIDAVIT**

I, Vasan Tha Kokica Annamalaivel, W/o- Annamalaivel S, Resident of Flat No.003, Acharya Villa, Old Town, Bhubaneswar, P.O. Old Town, Dist.- Khordha, Pin- 751002, Odisha declare by this Affidavit No.53, Dated 24.01.2025 that now onwards I shall be known as **R.VASANTHA KOKILA** for all purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar on dtd. 06.01.2025, I Snehanshu Beura, S/o Suresh Kumar Beura, at/ PS - Mancheswar, Bhubaneswar declare that, I have changed my name from Snehasu Beura to Snehanshu Beura. Hensforth I shall be known as Snehanshu Beura for all purposes

**AFFIDAVIT**

I, Bichitrananda Swain, S/o- Jambeswar Swain, Resident of At-Sorabha, Po-Sorava, Ps-GOP, Dist-Puri (Odisha), declare by this affidavit No 106 dated 24/01/2025 that now onwards I shall be known as **Bichitrananda Swain** for all future purposes.

**AFFIDAVIT**

By Virtue of an affidavit before Notary, Bhubaneswar, **I, Mina Ketan Behera,** aged about 46 years S/o.: Late Mana Gobind Behera, Vill/PO.: Sagargaon, P.S.: Bolgarh, Dist.: Khordha, Odisha, have changed my son's name from "Divyajeet" to "Divyajeet Devdarsh Behera" Hence forth my son will be known as **Divyajeet Devdarsh Behera** for all purposes.

**GOVERNING BODY**
**AUL (DEGREE)COLLEGE, AUL**
**At/P.O -Aul, Dist-Kendrapara, Odisha, PIN -754219**
**Phone :- 06729-241246,**
**e-mail : aulcollegeaul@yahoo.com**
**Letter No. AC-18/25 Date : 25.01.25**

**QUOTATION CALL NOTICE**

Sealed tenders are invited from Reputed Firms/ Authorised Dealers/Agencies for Supply, installation, and commissioning of "Laboratory Equipment's" & "Other Items." The detailed list is to be collected from the college office during working hours. Quotations should reach in this office of the undersigned within seven days from the publication of this notice via Speed Post/Regd.Post only. The authority reserves the right to reject/cancel the Tenders in whole or in part without assigning any reason thereof.

**Thanking You.**
**Yours faithfully,**
**Principal**

# ଉଲ୍ଲେଖନୀୟ ସେବା ପାଇଁ ୧୯ ପୋଲିସ ପାଇବେ ପଦକ

ଭୁବନେଶ୍ୱର,୨୫।୧ (ସବ୍ୟୁ): ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ୧୯ ଜଣ ପୋଲିସ୍ ପାଇବେ ପଦକ । କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ତାଲିକାରେ ସେମାନଙ୍କ ନାଁ ଅଛି । ଓଡ଼ିଶା ପୋଲିସରେ କାର୍ଯ୍ୟରତ ପୋଲିସ ସୁପରିଟେଣ୍ଡେଣ୍ଟ ସରୋଜ ସାମଲ ରାଷ୍ଟ୍ରପତି ପୁରସ୍କାର ପାଇବେ । ସେହିଭଳି କନେଷ୍ଟବଳ ସତ୍ୟବାଦୀ ମଲ୍ଲିକ ମଧ ରାଷ୍ଟ୍ରପତି ପୁରସ୍କାର ପାଇବେ ।

ସାହାସିକତା ପାଇଁ ୬ ଜଣ ପୋଲିସ୍‌ଙ୍କୁ ମିଳିବ ଗ୍ୟାଲେଣ୍ଟ୍ରି ଆୱାର୍ଡ । ଏସ୍‌ଆଇ ଗିରିଶ ଚନ୍ଦ୍ର ମାଝୀ, ହାବିଲଦାର ପବିତ୍ର କୁମାର ସାହୁ, ଉମେଶ ମୁଣ୍ଡ, ପିତାମ୍ବର ସତନାମ, କବି ଚନ୍ଦ୍ର ରାଉତ ଓ ସୁଶାନ୍ତ କୁମାର ସାହୁଙ୍କୁ ମିଳିବ ସାହାସିକତା ପୁରସ୍କାର । କନେଷ୍ଟବଳ ତାରିତୋଶ ମଣ୍ଡଳ, ମହମ୍ମଦ ତୋସିଫ ରବିନା, ଦେବୀ ପ୍ରସାଦ ମହାନ୍ତି, ଏସ୍‌ଆଇ ଅବଦୁଲ ଫାୟାଜ, ତିଲୋଚନ ବୁଦ୍ଧିଆ, ନରେଶ ଚୌଧୁରୀ, ଏଏସ୍‌ଆଇ ଶରତ ଚନ୍ଦ୍ର ବେହେରା, ତେଜ ବାହାଦୂର ଗୁରୁଙ୍ଗସ, ହାବିଲଦାର ଅତୁଲ କୁମାର ବିଶ୍ୱାଳ, ଜୟନ୍ତୀ ସୁନା ଓ ମନୋଜ କୁମାର ଜେନାଙ୍କୁ ମିଳିବ ପ୍ରଶଂସନୀୟ ସେବା ମେଡ଼ାଲ । ସେହିପରି ଅଗ୍ନିସମ ବାହିନୀରେ କାର୍ଯ୍ୟରତ ଲିଡିଂ ଫାୟାରମ୍ୟାନ୍ ଭମରବର ସେଠୀ ପାଇବେ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ମେଡ଼ାଲ । ଏଥିସହ ପ୍ରଶଂସନୀୟ ସେବା ପାଇଁ ପ୍ରଶାନ୍ତ କୁମାର ସାହୁ, ବିଶ୍ୱ ରଞ୍ଜନ, ଅଭିମନ୍ୟୁ ପ୍ରଧାନ ଓ ନରେନ୍ଦ୍ର କୁମାର ଭଲ୍ଲାଙ୍କୁ ସମ୍ମାନୀତ କରାଯିବ ବୋଲି ଖବର ମିଳିଛି ।

# ଘରେ  କଳାକନା ବୁଲାଇଲେ ଚୋର

ବୁଗୁଡ଼ା ,(ସବ୍ୟୁ): ଘରେ କେହି ନଥିବା ସୁଯୋଗରେ କଳାକନା ବୁଲାଇଲେ ଚୋର । ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର କବିରାଜ ବିଷୋୟୀଙ୍କ ସ୍ତ୍ରୀ ସ୍ୱପ୍ନା ବିଷୋୟୀଙ୍କ ଘରେ କଳା କନା ବୁଲାଇଲେ ଚୋର । ସ୍ୱପ୍ନାଙ୍କ ପରିବାର ଲୋକେ  ବର୍ତ୍ତିନି ଗାଁର ବନ୍ଧୁ ଘରକୁ ଯାଇଥିବା ବେଳେ ଘରେ କେହି ନଥିବାର ସୁଯୋଗ ନେଇ ଗତ ୨୨ତାରିଖ ରାତିରେ ଚୋର ମାନେ ଦାଣ୍ଡ ପଟ ଗ୍ରିଲ ଭାଙ୍ଗି ଘରେ ପଶିଥିଲେ ଏବଂ ଘର ଭିତରେ ଥିବା ଲୁହା ଆଲମିରା, ଟିଣ ପେଡ଼ି, କାଠ ବାକ୍ସ ଭାଙ୍ଗି ସେଥି ମଧ୍ୟରେ ଥିବା ସୁନାରୂପା ଗହଣା ,ଏଲ.ଇ.ଡି ଟିଭି ସମେତ ନଗଦ ୭୦ ହଜାର ଟଙ୍କା ଚୋରାଇ ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ବୁଗୁଡ଼ା ଥାନାରେ ସପ୍ନାଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୫୩/୨୫ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି ।

# ସର୍ବପୁରାତନ ବ୍ରହ୍ମ ମନ୍ଦିରରେ ମାଘୋତ୍ସବ ପାଳନ

ବାରିପଦା, (ସବ୍ୟୁ) : ବାରିପଦା ସହରରେ ୧୯୨୫ ରେ ସ୍ଥାପିତ ବ୍ରହ୍ମ ମନ୍ଦିରରେ ଦୁଇଦିନ ଧରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବ୍ରାହ୍ମ ସମାଜର ୧୯୫ତମ ମାଘୋତ୍ସବ ମୟୂରଭଞ୍ଜ ଜିଲ୍ଲା ଆଇନ ପ୍ରାଧିକରଣର ସଦସ୍ୟ ପୂର୍ଣ୍ଣେନ୍ଦୁ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଆଜୀବନ ସଭାପତି ରଞ୍ଜନ ବାନାର୍ଜୀଙ୍କ ଉପାସନା ତଥା ଶୁକ୍ଲା ବାନାର୍ଜୀ, ମୌସୁମୀ ବାନାର୍ଜୀଙ୍କ ବ୍ରହ୍ମ ସଙ୍ଗୀତ ପରିବେଷଣ ପରେ ଉତ୍ସବରେ ଯୋଗ ଦେଇଥିବା ବରେଣ୍ୟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମ କୁମାରୀର ମୁଖ୍ୟ ଭଗ୍ନୀ ଉମା କୁମାରୀ ଓ ବିନୋଦ ଭାଇ ସନାତନ ଧର୍ମର ମୂଳ ତତ୍ତ୍ୱ  ଓ ଏହାର ମହାନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ବିଶିଷ୍ଟ ସମାଜ ସେବୀ ଓ ସୁଲେଖକ ଆଶିଷ କୁମାର ବସା ବ୍ରହ୍ମ ସମାଜର ପ୍ରତିଷ୍ଠାତା ରାଜା ରାମମୋହନ ରାୟ ସମାଜର ହିତ ପାଇଁ ନେଇଥିବା ସଂସ୍କାର ମୂଳକ ପଦକ୍ଷେପ ଓ ଜୀବନୀ ଉପରେ ବିସ୍ତାର ଭାବେ ବକ୍ତବ୍ୟ ରଖିଥିଲେ।

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in

**O-1340**

**'E' PROCUREMENT NOTICE NO. RWD-II/KPD-14/24-25 DTD 23.01.2025**

| | | |
|---|---|---|
| 1 | Name of work | : Road works in the District of Kendrapara for the year 2024-25. |
| 2 | Total No of Work | : 02 Nos Road |
| 3 | Estimated Cost | : Rs.08.40 Lakhs to 10.76 (Approx.) |
| 4 | Period of Completion | : 15 Days |
| 5 | Class of contractors | : C & D Class |
| 6 | Cost of Tender Paper | : Cost of Tender paper is to be remitted ONLINE as specified in column-3 of the Annexure |
| 7 | Detail projects | : As specified in the Annexure |

**Other details as follows:**

| | | |
|---|---|---|
| a) | Procurement officer | : Superintending Engineer Rural Works Division-II, Kendrapara |
| b) | Availability of tender online & submission of bid | : 29.01.2025 at 11:00 AM to 06.02.2025 up to 5:00 PM |
| c) | Last date & time of seeking of tender clarification | : 05.02.2025 up to 5:00 PM |
| d) | Opening of Tender | : 07.02.2025 at 11:00 A.M |
| e) | Lottery Date | : 14.02.2025 at 11:00 A.M |

**Further details can be seen from the Govt. website www.tendersorissa.gov.in**

**OIPR : 25098/11/0015/2425**
**Superintending Engineer, Rural Works Division-II Kendrapara**

**Bhubaneswar Municipal Corporation**
**Auction Sale Notice for Parking lots in BMC Area for Khandagiri Mela-2025**
**No. 404 / BMC   Date : 22.01.2025**

**C-1537 :** Sealed Quotations arc invited from the intending parties for **Auction of Parking Lots for 14 days** and they are requested to drop it in Tender Box **ONLY** addressed to the Zonal Commission (South West), BMC Bhubaneswar. The Quotations should be submitted in the prescribed format and should be filled up properly. The intending parties may participate for one or more Parking lots, but the applications/ Quotations will be considered individually for each partdng lot. The intending parties must submit the quotation separately for each parking lot. The EMD and Tender Paper cost separately should be in shape of Bank draft drawn in favour of Commissioner Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and BMC Website - **http://bmc.gov.in.**

The envelope, containing the tender paper, should be superscribed with **"Auction for Indrvidual Parking Lot (Name and Location) in BMC area".**

The important dates & information are as follows:-
Availability of Tender Paper : Downloadable from BMC Website: **http://bmc.gov.in** /Sale of Tender Paper at ZC (SW) Office from 24.01.2025 to 30.01.2025 (up to 11.00 AM)
2. Last date for sale of Tender Paper at BMC South-West Zone Office : **30.01.2025 (Up to 11.00 AM)**
3. Last date for submission of Tender Paper : **30.01.2025 up to 3.00 P.M.**
4. Earnest Money Deposit (EMD) : **10% of Upset Price**
5. Tender Cost (Non-refundable) : **Rs. 500/- (Rupee Five hundred only**
6. Opening of tender papers : **30.01.2025 at 4.00 PM**

**Sd/- Zonal Commissioner (IC) (South West)**
**Bhubaneswar Municipal Corporation**
**OIPR : 13002/11/0141/2425**

# ପିଏମ୍ ସୂର୍ଯ୍ୟଘର ଯୋଜନା ସବୁଜ ଭବିଷ୍ୟତର ପଥ ପ୍ରଶସ୍ତ କରୁଛି

ଭୁବନେଶ୍ୱର (ସବ୍ୟୁ) : ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି ଅକ୍ଷୟ ଶକ୍ତିକୁ ସୁଲଭ ମୂଲ୍ୟରେ ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ପ୍ରଧାନମନ୍ତ୍ରୀସୂର୍ଯ୍ୟ ଘର ଯୋଜନା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା। ଏହି ପଦକ୍ଷେପ ଘରୋଇ ଛାତ ଉପରେ ସୌର ଶକ୍ତି ସ୍ଥାପନ ପ୍ରକ୍ରିୟାକୁ ସରଳକରିଛି। ସମଗ୍ର ରାଜ୍ୟ ଓ ଦେଶରେ ଦ୍ରୁତ ବେଗରେ ରୁଫ୍‌ଟପ୍ ସୋଲାର ସ୍ଥାପନକୁ ସୁଗମ କରିଥିବା ଏହି ଯୋଜନାର ଲକ୍ଷ୍ୟ ହେଉଛି ଅକ୍ଷୟ ଶକ୍ତି କ୍ଷେତ୍ରରେବିପ୍ଳବ ଆଣିବା।ଏହି ଯୋଜନାର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ସବସିଡି ବ୍ୟବସ୍ଥା। ଗ୍ରାହକମାନେ ୩ କିଲୋୱାଟ୍ ପର୍ଯ୍ୟନ୍ତ ସ୍ଥାପନା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ୭୮,୦୦୦ ଟଙ୍କା ପର୍ଯ୍ୟନ୍ତ ସବସିଡି ପାଇପାରିବେ। ଏଥିପାଇଁ ଓଡ଼ିଶା ସରକାର ମଧ ୬୦,୦୦୦ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ସବସିଡି ପ୍ରଦାନକରୁଛନ୍ତି। ଆର୍ଥିକ ବୋଝକୁ ଆହୁରି କମ୍ କରିବା ପାଇଁ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକଠାରୁ ୭% ସୁଧ ହାରରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଲଭ ଋଣ ଉପଲବ୍ଧହେଉଛି। ଏହି ଯୋଜନାର ପ୍ରାରମ୍ଭିକ ଗ୍ରହଣକାରୀମାନଙ୍କ ମାସିକ ବିଦ୍ୟୁତ୍ ବିଲ୍‌ରେ ଯଥେଷ୍ଟ ହ୍ରାସ ଘଟିଛି ଯାହା ଏହି ପଦକ୍ଷେପର ଅର୍ଥନୈତିକ ଏବଂପରିବେଶଗତ ଲାଭକୁ ସୁଦୃଢ଼ କରିଛି ।

# ଜିଓ ଭାରତ ଫୋନରେ ଉପଲବ୍ଧ ହେବ ୟୁପିଆଇ ପେମେଣ୍ଟ ଆଲର୍ଟ

ମୁମ୍ବାଇ : ଗଣତନ୍ତ୍ର ଦିବସରେ ଜିଓ ପକ୍ଷରୁ ଜିଓସାଉଣ୍ଡପେ ଶୁଭାରମ୍ଭ କରାଯିବ । ଏହି ସୁବିଧା ଜିଓ ଭାରତ ଫୋନରେ ଆଜୀବନ ମାଗଣାରେ ଉପଲବ୍ଧ ହେବ । ଜିଓସାଉଣ୍ଡପେରୁ ବିନା କୌଣସି ସାଉଣ୍ଡ ବକ୍ସ ରେ ୟୁପିଆଇ ପେମେଣ୍ଟ ଆଲର୍ଟ ମିଳିବଛ ଭାରତର ଯେକୌଣସି ମୋବାଇଲ୍ ଫୋନରେ ଏହା ଏହିଭଳି ପ୍ରଥମ ବୈଶିଷ୍ଟ୍ୟ ବା ଫିଚର । ଦେଶର ପାଞ୍ଚ କୋଟିରୁ ଅଧିକ କ୍ଷୁଦ୍ର ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଏଥିରୁ ପ୍ରତ୍ୟକ୍ଷ ଲାଭ ପାଇବେ ।

କମ୍ପାନୀର ସୂଚନା ଅନୁସାରେ, ଜିଓସାଉଣ୍ଡପେ ଏକ ଅଭୂତପୂର୍ବ ନବସୃଜନ ବା ଇନୋଭେସନ୍ । ଯାହା ପ୍ରତ୍ୟେକ ୟୁପିଆଇ ଦେୟର ତତକ୍ଷଣାତ୍, ବହୁଭାଷୀ ଅଡିଓ ଆଲର୍ଟ ବାର୍ତ୍ତା ଦେବ । ଏହା ଛୋଟରୁ ଛୋଟ ଗ୍ରସେରୀ ଓ ଖାଦ୍ୟସାମଗ୍ରୀ ଦୋକାନ, ପନିପରିବା ବିକ୍ରେତା ଏବଂ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଖାଦ୍ୟ ଓ ପାନୀୟ ବିକ୍ରେତାମାନଙ୍କ ପାଇଁ ବ୍ୟବସାୟ କରିବା ଅଧିକ ସହଜ କରିବ । ବର୍ତ୍ତମାନ କ୍ଷୁଦ୍ର ଏବଂ ଅତିକ୍ଷୁଦ୍ର ବ୍ୟବସାୟୀମାନେ ସାଉଣ୍ଡ ବକ୍ସ ପାଇଁ ମାସକୁ ପ୍ରାୟ ୧୨୫ ଟଙ୍କା ଦେଉଛନ୍ତି । ଏହି ସେବା ଏବେ ଜିଓସାଉଣ୍ଡପେ ରେ ମାଗଣାରେ ଉପଲବ୍ଧ ହେବା ସହିତ, ଜିଓ ଭାରତ ଫୋନ୍ ବ୍ୟବହାରକାରୀମାନେ ବାର୍ଷିକ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୭୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ପଦ୍ମଶ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୫।୧ (ସବ୍ୟୁ): ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ ଗର୍ବିତ କରି ପଦ୍ମ ସମ୍ମାନରେ ସମ୍ମାନିତ ହୋଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଆଜି ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡକ୍ଟର ଜିତେନ୍ଦ୍ର ହରପାଲ, ଚତୁର୍ଭୁଜ ମେହେର, ପ୍ରମୋଦ ଭଗତ, ସୁଦର୍ଶନ ସାହୁ ଓ ଅନ୍ୟମାନଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡ଼ିଆ ଏକ୍ସରେ ଏହି ସାକ୍ଷାତକାର ଫଟୋ ସେୟାର କରି ଉଲ୍ଲେଖ କରିଛନ୍ତି ଯେ ଏହି ବିଶିଷ୍ଟ ବ୍ୟକ୍ତିଙ୍କ ଉଲ୍ଲେଖନୀୟ ଅବଦାନ ସମ୍ମାନାର୍ଥେ ରାଜ୍ୟ ସରକାର ପଦ୍ମଶ୍ରୀଙ୍କ ଲାଗି ମାସିକ ୩୦ ହଜାର ଟଙ୍କା ପେନସନ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଏହି ପଦକ୍ଷେପ ପାଇଁ ସେମାନଙ୍କ ପ୍ରଶଂସାକୁ ନେଇ ମୁଁ ଅଭିଭୂତ ହୋଇଛି । ଆଲୋଚନା ସମୟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତି ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାର ଉପାୟ ସମ୍ପର୍କରେ ଆଲୋଚନା କରିଛୁ । ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଦିଆଯାଇଥିବା ବହୁ ମୂଲ୍ୟ ପରାମର୍ଶ ଏବଂ ଗୌରବମୟ ପରାମ୍ପରା ଏବଂ ସଂସ୍କୃତିର ଅଗ୍ରଗତି ଲାଗି ପ୍ରତିବଦ୍ଧତାକୁ ନିଶ୍ଚିତ କରୁଛି । ଆମ ସାଂସ୍କୃତିକ ଆଦର୍ଶକୁ ସମ୍ମାନ ଦେବା ଏବଂ ଏହି ସଂଯୋଗଗୁ ମଜଭୂତ କରିବା ଆମ ସରକାର ପାଇଁ ଏକ ପ୍ରାର୍ଥମିକତା ହୋଇରହିଛି । ମିଳି ମିଶି ଓଡ଼ିଶାର ଗାରିମାକୁ ବଜାୟ ରଖିବା ଓ ଏହାକୁ ପାଳନ କରିବା ଲାଗି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ସାଉଥ ଆଫ୍ରିକା ୟୁନିଭରସିଟି ପକ୍ଷରୁ ଡ. ନାରାୟଣ ମହାପାତ୍ର ସମ୍ମାନୀତ

ଭୁବନେଶ୍ୱର (ସବ୍ୟୁ): ସାଉଥ ଆଫ୍ରିକା ୟୁନିଭରସିଟି ପକ୍ଷରୁ ସାମାଜ ସେବା ନିମନ୍ତେ ଡ ନାରାୟଣ ମହାପାତ୍ରଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ରେ ସମ୍ମାନୀତ କରା ଯାଇଛି । ସାଉଥ ଆଫ୍ରିକା ର ୟୁନିଭରସିଟି ପକ୍ଷରୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ ନାରାୟଣ ମହାପାତ୍ର ଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ରେ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ସମାଜ ରେ ବରିଷ୍ଠ ନାଗରିକଙ୍କ ଓ ଛୋଟ ଅନାଥ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଏ ଓ କିଛି ସମୟ ସେମାନଙ୍କ ସଙ୍ଗେ ରହି ଜନ୍ମଦିନ, ବିବାହ ବାର୍ଷିକ ଉତ୍ସବ ପାଳନ କରାଯାଇ ଥାଏ,ଏହାର ଉଦ୍ଦେଶ୍ୟ ଯେ ପ୍ରଭୁଙ୍କ କୃପାରୁ ସେମାନେ ଭଲ ରୁହନ୍ତୁ ଓ କିଛି ସମୟ ଆମେ ସମସ୍ତେ ମିଶି ଖୁସୀ ହେଉ, ଟ୍ରଷ୍ଟ ପକ୍ଷରୁ ବର୍ଷ ର ବିଭିନ୍ନ ସମୟରେ ବୃକ୍ଷ ରୋପଣ ଓ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ କରାଯାଇ ଥାଏ, ପୂର୍ବରୁ ମଧ ବହୁ ଜାତୀୟ ଓ ଅର୍ନ୍ତଜାତୀୟ ଅନୁଷ୍ଠାନ ପକ୍ଷରୁ ମଧ ଡ ନାରାୟଣ ମହାପାତ୍ର ଙ୍କୁ ସମାଜସେବା କ୍ଷେତ୍ର ରେ ସମ୍ମାନସୂଚକ ଡକ୍ଟରେଟ ଓ ବହୁହ୍ୟୁମ୍ୟାନଟେରିଆନ ଉପାଧି ପ୍ରଦାନ କରିଛନ୍ତ ।

## ଉତ୍କଳ ସାମ୍ବାଦିକ ସଂଘର ୮୧ତମ ପ୍ରତିଷ୍ଠା ଉତ୍ସବ

# ସାମ୍ବାଦିକଙ୍କ ପେନସନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ




ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ସର୍ବବୃହତ୍ ଓ ସର୍ବପୁରାତନ ଉତ୍କଳ ସାମ୍ବାଦିକ ସଂଘର ୮୧ତମ ପ୍ରତିଷ୍ଠା ଉତ୍ସବ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ସଂଘ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ୧୯୪୫ ମସିହାରେ ପ୍ରତିଷ୍ଠା ହୋଇଥିବା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ତଥା ଦେଶର ପ୍ରଥମ ସାମ୍ବାଦିକ ସଂଘ ହୋଇଥିବାରୁ ଏହାର ସ୍ୱର୍ଣ୍ଣିମ ଐତିହ୍ୟ ସମ୍ପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା । ଏହି ଉତ୍ସବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ଓ ସାମ୍ବାଦିକଙ୍କ ପେନସନ ଯୋଜନା ଲାଗୁ ହେବାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୂଚନା ଦେଇଥିଲେ। ପେନସନ ପ୍ରଦାନ, ସୁରକ୍ଷା ଆଇନ ଲାଗୁ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତାଙ୍କୁ ସାମିଲ୍ ଓ ପ୍ରେସ୍ ଏକାଡ଼େମୀ ଗଠନ ନେଇ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଆଗାମୀ ବିଧାନସଭା କାଳରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅବଗତ କରାଇବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ହାରଧନ ବାନାର୍ଜୀ, ରାଜ୍ୟ ଉପସଭାପତି ଡଃ ରଶ୍ମୀ ରଞ୍ଜନ ମିଶ୍ର, ସତ୍ୟ ନାରାୟଣ ମିଶ୍ର, ଉପଦେଷ୍ଟା ସନତ ମିଶ୍ର, ବିମଳ ଭଞ୍ଜଦେଓ, ପବିତ୍ର ମହାରଥା, ସମ୍ପାଦକ ବିଶ୍ୱଜିତ ନାୟକ, ରମେଶ ଚନ୍ଦ୍ର ମହାନ୍ତି, ଅଶ୍ୱିନୀ କୁମାର ନାୟକ, ଭରତ ବେହେରା, ମନୋଜ ପ୍ରଧାନ, ସଞ୍ଜୟ ପତି, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ପୂର୍ବରୁ ସଂଘର ପ୍ରତିଷ୍ଠାତା ଓ ଦିବଗଂତ ସଦସ୍ୟମାନଙ୍କୁ ଶ୍ରଦ୍ଧାଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ବିଧାୟକ ଶ୍ରୀ ସିଂ ଓ କର୍ମକର୍ତ୍ତାମାନେ କେକ୍ କାଟି ସଂଘର ପ୍ରତିଷ୍ଠା ଉତ୍ସବକୁ ଉଦ୍‌ଯାପନ କରିଥିଲେ ।

## ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ଚେଞ୍ଜମେକର ୨୦୨୪

# ଗୋଟିଏ ମଞ୍ଚରେ ଏକାଠି ହେଲେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ




ଭୁବନେଶ୍ୱର, (ସବ୍ୟୁ) : ଦି ଇଣ୍ଟରଭ୍ୟୁ ଟାଇମସ୍ ପକ୍ଷରୁ ଚେଞ୍ଜମେକର ୨୦୨୪ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶାର ରାଜ୍ୟପାଳ ଡଃ ହରି ବାବୁ କମ୍ଭମପତି ଯୋଗଦେଇ ଏଲିଟ୍ ୧୦୦ ଚେଞ୍ଜମେକର୍ସ ୨୦୨୪ ଉନ୍ମୋଚନ କରିବା ସହ ଇଣ୍ଟରଭ୍ୟୁ ଟାଇମ୍ସ ଦ୍ୱାରା ପ୍ରକାଶିତ ପୁସ୍ତକରେ ଏଲିଟ୍ ୧୦୦ ଚେଞ୍ଜମେକରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ କିଟ୍ ଓ କିସ୍ ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ କହିଥିଲେ ଯେ ଇଣ୍ଟରଭ୍ୟୁ ଟାଇମ୍ସ ସଦା ସର୍ବଦା ସକରାତ୍ମକ ଖବର ପ୍ରକାଶ କରେ । କେବେ ନକରାତ୍ମକ ଲେଖେ ନାହିଁ । ଅନ୍ୟତମ ଅତିଥି ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଡାକ୍ତର ଆଦିତ୍ୟ ସାମଲ (ହୃଦ୍ ରୋଗ ବିଶେଷଜ୍ଞ,ହ୍ୟୁଷ୍ଟନ୍,ୟୁଏସ୍ଏ ଯୋଗଦେଇ ଇଣ୍ଟରଭ୍ୟୁ ଟାଇମ୍ସର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଦି ଇଣ୍ଟରଭ୍ୟୁ ଟାଇମ୍ସର ସଂମ୍ପାଦକ ଡଃ ଦିବ୍ୟଜିତ ସାହୁ କହିଥିଲେ ଯେ ୧୩ ବର୍ଷରୁ ଅଧିକ ସମୟ ଧରି, ଦି ଇଣ୍ଟରଭ୍ୟୁ ଟାଇମ୍ସ ନିଜକୁ ସକାରାତ୍ମକ କାହାଣୀ ଉପରେ ଭାରତର ଏକମାତ୍ର ଉତ୍ସର୍ଗୀକୃତ ସାକ୍ଷାତକାର-ଆଧାରିତ ପତ୍ରିକା ଭାବରେ ପ୍ରତିଷ୍ଠିତ କରିଆସିଛି । ଚେଞ୍ଜମେକରଙ୍କ ସ୍ୱରକୁ ବୃଦ୍ଧି କରିବା, ସେମାନଙ୍କର ସଫଳତାକୁ ପାଳନ କରିବା ଏବଂ ପ୍ରଭାବଶାଳୀ କାହାଣୀ ମାଧ୍ୟମରେ ଅନୁପ୍ରାଣିତ କରିବା,ଏହାର ମୂଳ ଲକ୍ଷ୍ୟ । ସାମ୍ପ୍ରତିକ ପରିସ୍ଥିତି ରେ ୧୦୦୦ ରୁ ଊର୍ଦ୍ଧ୍ୱ ପ୍ରଭାଭିଶାଳୀ କାହାଣୀ ପ୍ରକାଶିତ କରି ଏହା ଏକ ବିଶ୍ୱସ୍ତ ପ୍ଲାଟଫର୍ମ ପାଲଟିଛି । ଆଜିର କାର୍ଯ୍ୟକ୍ରମ ଏକ ଅନନ୍ୟ ପଦକ୍ଷେପ ଯାହା ରାଜ୍ୟର ସ୍ଥିରତା, ନବସୃଜନ ଏବଂ ପରିବର୍ତ୍ତନକାରୀ ଶକ୍ତିର ପ୍ରତିମୂର୍ତ୍ତି ଥିବା ୧୦୦ ଜଣ ଉଲ୍ଲେଖନୀୟ ବ୍ୟକ୍ତିଙ୍କୁ ଆଲୋକପାତ କରେ । ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଛନ୍ତି, ଯାହାଙ୍କ ପ୍ରେରଣାଦାୟକ ଯାତ୍ରା ଆଶାର ଆଲୋକପାତ ଭାବରେ କାର୍ଯ୍ୟ କରେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ ଉଲ୍ଲେଖ କରାଯାଇଛି, ଯାହାଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଶାସନ ରାଜ୍ୟର ପ୍ରଗତିକୁ ଚାଳିତ କରିଥାଏ । ୨୦୧୦ ମସିହାରୁ ତୃଣମୂଳ ସ୍ତରରୁ ସାମ୍ବାଦିକତା କରୁଥିବା ଦି ଇଣ୍ଟରଭ୍ୟୁ ଟାଇମ୍ସର ପ୍ରତିଷ୍ଠାତା ଡକ୍ଟର ଦିବ୍ୟଜିତ ସାହୁ ଯିଏକି ଏହି ପ୍ଲାଟଫର୍ମ ସୃଷ୍ଟି କରିଛନ୍ତି ଯେଉଁଥିରେ ବିଭିନ୍ନ ବର୍ଗର ପ୍ରେରଣା ଦାୟୀ ବ୍ୟକ୍ତିଙ୍କ କାହାଣୀ ପ୍ରକାଶ ପାଇଥାଏ । ତାଙ୍କ ନିର୍ଦ୍ଦେଶ ଏବଂ ପ୍ରେରଣାରେ ପତ୍ରିକାଟିର ପ୍ରଚଳନ ବୃଦ୍ଧି ପାଇବା ବେଳେ ତାଙ୍କ ନେତୃତ୍ୱରେ, ଏଲିଟ୍ ୧୦୦ ଚେଞ୍ଜମେକର୍ସ ଭଳି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧି ଏବଂ ପ୍ରଗତି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଡ଼ ସାହୁ ଆଶା ବ୍ୟକ୍ତ କରିଛନ୍ତି ।

# ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ବାର୍ଷିକ ସାରସ୍ୱତ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ (ଓଡ଼ିଶା ସରକାର ) ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ପ୍ରଥମ ବାର୍ଷିକ ସାରସ୍ୱତ ସମାରୋହ -୨୦୨୫ ବୁଦ୍ଧ ମନ୍ଦିର ଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ସାରସ୍ୱତ ସମାରୋହରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି, ଐତିହ୍ୟ ପ୍ରଚାର ପ୍ରସାର ଦିଗରେ ଦୁଇଶହ ରୁ ଉର୍ଦ୍ଧ ଅରୁଣ , ତରୁଣ, ଓ ବୟୋଜ୍ୟେଷ୍ଠ କବି ଓ କବୟିତ୍ରୀ ମାନେ ଯୋଗଦାନ କରି କବିତା ପାଠ କରିଥିଲେ । ଏହି ଭବ୍ୟ କବିତା ପାଠୋତ୍ସବରେ ଶ୍ରୀମତୀ ରୋଜାଲିନ ଜେନା ମଞ୍ଚ ପରିଚାଳନା କରିଥିଲେ । ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ଉପସଭାପତି ଶ୍ରୀମତୀ ଗୀତାଞ୍ଜଳି ମହାନ୍ତିଙ୍କ ସଭାପତିତ୍ୱରେ କବିତା ପାଠ ଅନୁଷ୍ଠିତ ହୋଇଛି । ଏହି ଭବ୍ୟ କବିତା ପାଠୋତ୍ସବରେ ଉପଦେଷ୍ଟା, ବରେଣ୍ୟ ଅତିଥି ଭାବେ ଶ୍ରୀମତୀ ସସ୍ମିତା ଷଡ଼ଙ୍ଗୀ, ସରୋଜ ରଞ୍ଜନ ପଟ୍ଟନାୟକ, ଶ୍ରୀମତୀ ଧରିତ୍ରୀ ମହାନ୍ତି, ଶ୍ରୀମତୀ ସୌଦାମିନୀ ସାମନ୍ତରାୟ ଓ କବିତା ସଂଯୋଜନା ରେ ଶ୍ରୀମତୀ କ୍ଷଣ ପ୍ରଭା ମହାନ୍ତି ଯୋଗ ଦେଇଥିଲେ । ତତ ସହିତ ବାଇଲକ୍ଷ୍ମୀ ଡ୍ୟାନ୍ସ ଏକାଡେମୀ ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ପ୍ରଥମ ଏହି ଭବ୍ୟ ସାରସ୍ୱତ ସମାରୋହରେ ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ଆଲୋଚନା ଚକ୍ର, ପୁସ୍ତକ ଉନ୍ମୋଚନ ଓ ବାର୍ଷିକ ପତ୍ରିକା ସୃଷ୍ଟି ଧାରା ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଟ୍ରଷ୍ଟର ସଭାପତି ଅଲେଖ ଚରଣ ରାଉତ ସଭାପତିତ୍ୱ କରିଥିଲେ ଓ ଅନୁଷ୍ଠାନର ପ୍ରତିଷ୍ଠାତା, ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ୧୮ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନୀତ କରାଯାଇଥିଲା ।











## ଭାରତ ହେବ ହଳଦୀ ଉତ୍ପାଦନର ଗ୍ଲୋବାଲ ହବ୍

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ହଳଦୀ ବୋର୍ଡର ଶୁଭାରମ୍ଭର ଗୋଟିଏ ଦିନ ପରେ ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ (ଆଇସିଆର ଆଇଇଆର) ଏବଂ ଆମୱେ ଇଣ୍ଡିଆ ଏନ୍‌ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ହଳଦୀ ଚାଷୀଙ୍କ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବା ସହ ବିଶ୍ୱ ହଳଦୀ ବଜାରରେ ଭାରତର ସ୍ଥିତି ବୃଦ୍ଧି ପାଇଁ ଏକ ରଣନୈତିକ ରୋଡ୍ ମ୍ୟାପ୍ ପ୍ରଦାନ କରି ମେକ୍ ଇଣ୍ଡିଆ ଫର୍ ହଳଦୀ@୩୯ ଶୀର୍ଷକ ଏକ ବିସ୍ତୃତ ମିଳିତ ରିପୋର୍ଟ ଉନ୍ମୋଚନ କରାଯାଇଛି। ମଙ୍ଗଳବାର ଦିନ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଦେଶର ଅନ୍ୟତମ ପ୍ରମୁଖ ହଳଦୀ ହବ୍ ଉତର ତେଲେଙ୍ଗାନାର ନିଜାମାବାଦରେ ବୋର୍ଡକାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି । ନୂଆ ବୋର୍ଡ ୨୦୩୦ ସୁଦ୍ଧା ହଳଦୀ ରପ୍ତାନିକୁ ୧ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଭାରତୀୟ ଆନ୍ତର୍ଜାତିକ ଅର୍ଥନୈତିକ ସମ୍ପର୍କ ଗବେଷଣା ପରିଷଦ (ଆଇସିଆର ଆଇଇଆର)ର ନିର୍ଦ୍ଦେଶକ ତଥା ସିଇ ଡ. ଦୀପକ ମିଶ୍ର କହିଛନ୍ତି । ୨୦୩୦ ସୁଦ୍ଧା ଭାରତର ହଳଦୀ ରପ୍ତାନି ୧ ବିଲିୟନ ଡଲାରରେ ପହଞ୍ଚିବ । ସରକାର ନ୍ୟାସନାଲ ହଳଦୀ ବୋର୍ଡ ମଧ୍ୟ ଗଠନ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ଭାରତ କିପରି ଏକ ବିଶ୍ୱସ୍ତରୀୟ ହଳଦୀ ଉତ୍ପାଦକ ଏବଂ ରପ୍ତାନୀକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବ ଏବଂ ଦେଶରେ ଅଧିକ ମୂଲ୍ୟ-ସଂଶୋଧନ କରିପାରିବ ସେ ବିଷୟରେ ଆମର ରିପୋର୍ଟରେ ଲକ୍ଷ୍ୟଭିତିକ ସୁପାରିସ କରାଯାଇଛି । ଏହି ବ୍ୟାପକ ସର୍ବେକ୍ଷଣ ପାଇଁ ଆମୱେ ଇଣ୍ଡିଆ ସହଯୋଗ ପ୍ରଦାନ କରିଛି।











## ବ୍ରଜମୋହନ ପୁର ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି

ନିରାକାର ପୁରୀ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବ୍ରଜମୋହନ ପୁର ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା।ମୋଟ ୧୨୮ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୧୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୧୩ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ମିଳିତ ଜନଶୁଣାଣି ଅବସରରେ, ମାନନୀୟା ଅଧକ୍ଷା, ଖୋର୍ଦ୍ଧା ବ୍ଲକ,ଶ୍ରୀମୟୀ ପ୍ରିୟଦର୍ଶିନୀ ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅନାଦି ଚନ୍ଦ୍ର ସେଠ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ସି ଡ଼ି ଏମ୍ଓ, ଆସିଷ୍ଟାଣ୍ଟ କଲେକ୍ଟର,ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ଭାରତ-ବାଂଲାଦେଶ ମଧ୍ୟରେ ବଢୁଛି ତିକ୍ତତା

## କୂଟନୈତିକ ସମ୍ପର୍କରେ ଅଚଳାବସ୍ଥା

## ଫେବୃଆରୀରେ ଦ୍ୱିପାକ୍ଷିକ କଥା ବାର୍ତ୍ତା ପାଇଁ ପ୍ରୟାସ



**ନୂଆଦିଲ୍ଲୀ:** ବାଂଲାଦେଶ ସୀମା ସୁରକ୍ଷା କରୁଥିବା ପାରାମିଲିଟାରୀ ଫୋର୍ସ ବର୍ଡର ଗାର୍ଡ ବାଂଲାଦେଶ (ବିଜିବି)ର ମହାନିର୍ଦ୍ଦେଶକ ଭାରତ ଗସ୍ତ ନେଇ ମୁହଁ ଖୋଲିଛନ୍ତି । ବାସ୍ତବରେ, କିଛି ଗଣମାଧ୍ୟମ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ବିଜିବି ମହାନିର୍ଦ୍ଦେଶକ ମେଜର ଜେନେରାଲ ମହମ୍ମଦ ଆଶରଫୁଲ ଇସଲାମ ସିଦ୍ଦିକି ଗୁପ୍ତରେ ଭାରତ ଗସ୍ତ କରିବାକୁ ଯାଉଛନ୍ତି । ଏହି ଗସ୍ତ ବିଷୟରେ କଳ୍ପନାଜଳ୍ପନା ଚାଲିଥିଲା କାରଣ ବର୍ତ୍ତମାନ ସୀମା ଏବଂ କୂଟନେତିକ ସମ୍ପର୍କ ନେଇ ଭାରତ ଏବଂ ବାଂଲାଦେଶ ମଧ୍ୟରେ ତିକ୍ତତା ରହିଛି । ତେବେ ବର୍ତ୍ତମାନ ବିଜିବି ଏକ ବିବୃତି ଜାରି କରିଛି ଯେ, ସେମାନଙ୍କର ମହାନିର୍ଦ୍ଦେଶକଙ୍କ ଭାରତ ଗସ୍ତ ନେଇ କୌଣସି ଗୋପନୀୟତା ବଜାୟ ରଖାଯିବ ନାହିଁ । ଶୁକ୍ରବାର ବିଳମ୍ବିତ ରାତିରେ ବିଜିବି ନିଜର ଫେସବୁକ୍ ପେଜ୍‌ରେ ଏକ ପୋଷ୍ଟ ସେୟାର କରିଛି । ଯେଉଁଥିରେ ଲେଖାଯାଇଛି ଯେ, କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଜିବି ମୁଖ୍ୟଙ୍କ ଭାରତ ଗସ୍ତ ସମ୍ବନ୍ଧରେ ଗୁପ୍ତ ତଥ୍ୟ ସୋସିଆଲ ମିଡିଆରେ ସମାଲୋଚନାର କାରଣ ହୋଇଛି । ବିଜିବି ସ୍ପଷ୍ଟ କରୁଛି ଯେ, ଏହି ରିପୋର୍ଟଗୁଡିକ ସୀମା ସୁରକ୍ଷା ବଳର ଛବିକୁ ମଳିନ କରୁଛି ଏବଂ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ଏହି ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ, ଡିସେମ୍ବର ୨୭ରେ ବିଜିବିର ଫେସବୁକ ପେଜରେ ଘୋଷଣା କରାଯାଇଥିଲା ଯେ, ୨୦୨୫ ଫେବ୍ରୁଆରି ମଧ୍ୟଭାଗରେ ଭାରତରେ ବିଜିବି ଏବଂ ବିଏସଏଫ ନିର୍ଦ୍ଦେଶକ ଜେନେରାଲଙ୍କ ମଧ୍ୟରେ ସୀମା ସମ୍ମିଳନୀ ଅନୁଷ୍ଠିତ ହେବ । ଏହି ଫେସବୁକ୍ ପୋଷ୍ଟକୁ ଆଧାର କରି ଦେଶର ଗଣମାଧ୍ୟମ ରିପୋର୍ଟ ମଧ୍ୟ ପ୍ରକାଶ କରିଛି । ଏତଦ୍‌ବ୍ୟତୀତ, ଗୃହ ମନ୍ତ୍ରଣାଳୟ ଏବଂ ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ଅନେକ ସାମ୍ବାଦିକ ସମ୍ମିଳନୀରେ ଏହି ଆଲୋଚନାଚକ୍ରର ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଇଥିଲା । ବିଜିବି କହିଛି ଯେ, ଏଭଳି ନକାରାତ୍ମକ ପୋଷ୍ଟ ବିଶେଷ କରି ସେହି ସମୟରେ ଯେତେବେଳେ ସୀମାରେ ବିଜିବି ଜନସାଧାରଣଙ୍କ ସହ ସକ୍ରିୟ ଭାବରେ କାର୍ଯ୍ୟ କରୁଛି, ସେତେବେଳେ ଏହା ଅନାବଶ୍ୟକ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ବିଜିବି ନିଶ୍ଚିତ କରିଛି ଯେ, ବିଏସଏଫ-ବିଜିବି ମହାନିର୍ଦ୍ଦେଶକସ୍ତରୀୟ ସୀମା ସମ୍ମିଳନୀ ୧୭ ରୁ ୨୧ ଫେବ୍ରୁଆରି ୨୦୨୫ ମଧ୍ୟରେ ଭାରତର ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ବାଂଲାଦେଶର ଅନ୍ୟାନ୍ୟ ମନ୍ତ୍ରଣାଳୟ ଏବଂ ଏଜେନ୍ସିର ପ୍ରତିନିଧିମାନେ ବିଜିବି ସହିତ ଏଥିରେ ଅଂଶଗ୍ରହଣ କରିବେ । ବିଜିବି ଦୋହରାଇଛି ଯେ, ଏହି ପ୍ରସଙ୍ଗରେ କେଣସି ରହସ୍ୟ ନାହିଁ କିମ୍ବା ଏହାକୁ ଗୁପ୍ତ ରଖିବା ପାଇଁ ବିଜିବି କେଣସି ପ୍ରୟାସ କରିନାହିଁ । ବିଜିବି ସମସ୍ତଙ୍କୁ ଅନୁରୋଧ କରୁଛି ଯେ, ଏହି ପ୍ରସଙ୍ଗରେ ବିଭ୍ରାନ୍ତିକର ପୋଷ୍ଟ ନେଇ ପ୍ରଭାବିତ ହୁଅନ୍ତୁ ନାହିଁ ।

# ଚୀନ-ଆମେରିକା ବିଦେଶ ମନ୍ତ୍ରୀ କଥା କଟାକଟି





**ୱାସିଂଟନ :** ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଶୁକ୍ରବାର ଆମେରିକାର ନୂତନ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ ଫୋନରେ କଥାବାର୍ତ୍ତା କରିଥିଲେ। କିନ୍ତୁ ଏହି ସମୟରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲେ । ଏପରିକି ଚୀନ ବିଦେଶମନ୍ତ୍ରୀ ନିଜର ଆମେରିକୀୟ ପ୍ରତିପକ୍ଷଙ୍କୁ ଧମକ ଦେଇଥିବା ନିଜ ସୀମା ମଧ୍ୟରେ ରହିବାକୁ ଚେତାବନୀ ଦେଇଥିବା କୁହାଯାଉଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଏକ ବିବୃତ୍ତି ଅନୁଯାୟୀ ୱାଙ୍ଗ୍ ୟି ରୁବିଓଙ୍କୁ କହିଥିଲେ, ମୁଁ ଆଶା କରୁଛି ଯେ ଆପଣ ସେହି ଅନୁଯାୟୀ କାର୍ଯ୍ୟ କରିବେ, ଯେଉଁଥିରେ ସେ ଏକ ଚାଇନିଜ୍ ଶବ୍ଦ ବ୍ୟବହାର କରିଥିଲେ ଯାହା ସାଧାରଣତଃ ଜଣେ ଶିକ୍ଷକ କିମ୍ବା ମାଲିକଙ୍କ ଦ୍ୱାରା ଜଣେ ଛାତ୍ର କିମ୍ବା କର୍ମଚାରୀଙ୍କ ଆଚରଣକୁ ସୁଧାରିବା ପାଇଁ ବ୍ୟବହୃତ ହୁଏ । ମାର୍କୋ ରୁବିଓଙ୍କୁ ଚୀନର ପ୍ରବଳ ବିରୋଧୀ ବୋଲି ବିବେଚନା କରାଯାଏ । ସାଂସଦ ଥିବା ବେଳେ ସେ ଅନେକ ଥର ଚୀନ ବିରୋଧରେ ବୟାନ ଦେଇଥିଲେ । ସେ ଚୀନର ମାନବାଧିକାର ରେକର୍ଡ ଉପରେ ପ୍ରଶ୍ନ ଉଠାଇଛନ୍ତି । ୨୦୨୦ରେ ଚୀନ ସରକାର ତାଙ୍କ ଉପରେ ଦୁଇଥର ପ୍ରତିବନ୍ଧକ ଲଗାଇଥିଲେ । ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ଏହି ଶବ୍ଦକୁ ଉଲ୍ଲେଖ କରିବାରୁ ଆମେରିକା ଦୂରେଇ ରହିଛି । ରୁବିଓ ନିଜ ଚୀନ ପ୍ରତିପକ୍ଷ ୱାଙ୍ଗଙ୍କୁ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ଚୀନ୍ ସହ ସମ୍ପର୍କରେ ଆମେରିକାର ସ୍ୱାର୍ଥକୁ ଆଗକୁ ବଢ଼ାଇବ । ସେ ତାଇୱାନ ଓ ଦକ୍ଷିଣ ଚୀନ୍ ସାଗରରେ ଚୀନର ଜବରଦସ୍ତ କାର୍ଯ୍ୟକଳାପକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ।

# ଅମିତ ଶାହା ଜାରି କଲେ ବିଜେପିର ସଂକଳ୍ପ ପତ୍ର



**ନୂଆଦିଲ୍ଲୀ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପିର ସଂକଳ୍ପ ପତ୍ରର ତୃତୀୟ ଭାଗ ପ୍ରକାଶ କରିଛନ୍ତି । ଏହି ସମୟରେ ସେ କହିଥିଲେ ଯେ ଆମେ ଯାହା ପ୍ରତିଜ୍ଞା କରୁ, ଆମେ ତାହା ପୂରଣ କରୁ, ଆମେ କେବଳ ଅନ୍ୟମାନଙ୍କ ପରି ପ୍ରତିଜ୍ଞା କରୁନାହୁଁ । ଏହି ସମୟରେ ଅମିତ ଶାହା କହିଛନ୍ତି, ଆଜି ମୁଁ ଦିଲ୍ଲୀ ନିର୍ବାଚନ ପାଇଁ ବିଜେପିର ସଂକଳ୍ପର ଶେଷ ଭାଗ ଉପସ୍ଥାପନ କରୁଛି । ମୁଁ ଅନ୍ୟ ଦଳର ନାମ ନେବି ନାହିଁ । ଆମ ଦଳ ଯାହା ପ୍ରତିଶ୍ରୁତି ଦେଇଥାଏ ତାହା ପୂରଣ କରେ । ଆମେ କେବଳ କାହାକୁ ପ୍ରତିଶୃତି ଦେଇନଥାଉ ବରଂ ତାହାକୁ ପୂରଣ କରିଥାଉ । ଆମେ ଅନେକ ପ୍ରତିଶ୍ରୁତି ଦେଇଛୁ । ଲୋକଙ୍କ ଠାରୁ ପରାମର୍ଶ ମାଗିବା ପରେ ଏହା ପ୍ରସ୍ତୁତ କରାଯାଇଛି । କେଜରିୱାଲ ଜୀ ଦିଲ୍ଲୀର ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି ଏବଂ ପରେ ଏକ ନିରୀହ ଚେହେରା ନେଇ ଫେରି ଆସନ୍ତି । କେଜରିୱାଲ କହୁଥିଲେ ଯେ ମନ୍ତ୍ରୀ ବଙ୍ଗଳା ନେବେ ନାହିଁ । ଆଜି ଦେଖନ୍ତୁ ସେ ଶିଶ ମହଲ ନିର୍ମାଣ କରିଛନ୍ତି ତୁମେ ମନ୍ଦିରକୁ ରକ୍ଷା କରି ନାହଁ । ଆମ ବିଦ୍ୟାଳୟଗୁଡ଼ିକୁ ଛାଡି ନାହାଁନ୍ତି ମଦ ଦୁର୍ନୀତି ହୋଇଛି । କେଜରିୱାଲ ଜୀ, ଯମୁନାରେ ବୁଡ଼ ପକାନ୍ତୁ, ନଚେତ କୁମ୍ଭକୁ ଯାଇ ଗଙ୍ଗାରେ ବୁଡ଼ ପକାନ୍ତୁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ଆପଣ ମୋହଲା କ୍ଲିନିକର ବାହାନା କରି ଦିଲ୍ଲୀବାସୀଙ୍କୁ ଆଧୁନିକ ଡାକ୍ତରଖାନା ମଧ୍ୟ ଦେଇ ନାହାଁନ୍ତି । ଆପଣ ନିଶ୍ଚୟ ଅଳିଆ ପର୍ବତ ଦେଖିଥିବେ, ଏହା ବିଷୟରେ କିଛି କରାଯାଇ ନାହିଁ । ଦିଲ୍ଲୀର ଲୋକମାନେ ଏବେ ଚିନ୍ତିତ ଅଛନ୍ତି । ଆପଣ ୮ ଲକ୍ଷ ଚାକିରି ଯୋଗାଇଦେବାକୁ ପ୍ରତିଶୃତି ଦେଇଛନ୍ତି । ଏଭଳି ବଡ ଦୁର୍ନୀତି ଦିଲ୍ଲୀରେ କେବେ ହୋଇନାହିଁ ।

# ୪ ମହିଳା ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କଲା ହମାସ୍

**ଗାଜା:** ଆଉ ୪ ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରିଛି ହମାସ୍ । ଇସ୍ରାଏଲ ଓ ହମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ପ୍ରାୟ ୨୦୦ ପାଲେଷ୍ଟାଇନ୍ କଏଦୀଙ୍କ ବଦଳରେ ହାମାସ୍ ଶନିବାର ୪ ଜଣ ମହିଳା ଇସ୍ରାଏଲ ସୈନିକଙ୍କୁ ମୁକ୍ତ କରିଛି । ଏସବୁ ବନ୍ଧକଙ୍କ ନାଁ ହେଉଛି କାରିନା ଆରିଭ୍, ଡାନିଏଲା ଗିଲବୋଆ, ନାମା ଲେଭି ( ସମସ୍ତେ ୨୦ ବର୍ଷୀୟ) ଏବଂ ଲିରି ଆଲବାଗ (୧୯) । ସେମାନଙ୍କୁ ଗାଜାର ରେଡକ୍ରସକୁ ହସ୍ତାନ୍ତର କରାଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୪ ଜଣ ମହିଳାଙ୍କୁ ମୁକ୍ତ କରିବା ପୂର୍ବରୁ ଗାଜା ସିଟିର ପାଲେଷ୍ଟାଇନ ଛକରେ ହାମାସ ବନ୍ଧୁକଧାରୀ ଏବଂ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ । ସେମାନେ ହସିହସି ଭିଡ଼କୁ ହାତ ହଲାଇଥିଲେ । ଏହାପରେ ସେମାନେ ରେଡକ୍ରସ କାରରେ ବସିଥିଲେ । ଏହି ୪ ଜଣ ମହିଳା ହେଉଛନ୍ତି ଇସ୍ରାଏଲର ସୈନିକ, ଯେଉଁମାନଙ୍କୁ ଅକ୍ଟୋବର ୭ ରେ ହମାସ ଆକ୍ରମଣ ସମୟରେ ଇସ୍ରାଏଲର ନାହଲ ଓଜ୍ ସାମରିକ ଘାଟିରୁ ଅପହରଣ କରାଯାଇଥିଲା । ଏହି ଘଟଣା ପରେ ଇସ୍ରାଏଲ ଗାଜା ଉପରେ ପ୍ରବଳ ଆକ୍ରମଣ କରିଥିଲା ।

# କେବେ ଭାରତ ଫେରିବେ ଅର୍ଥନୀତିକ ଅପରାଧୀ







**ନୂଆଦିଲ୍ଲୀ:** ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତୀୟ ବ୍ୟାଙ୍କରୁ ୯ ହଜାର କୋଟି ଟଙ୍କାର ଠକେଇ କରି ବିଦେଶ ଚାଲି ଯାଇଛନ୍ତି । ୨୦୧୬ରୁ ସେ ଭାରତ ଛାଡ଼ିଥିବା ବେଳେ ଏବେ ବ୍ରିଟେନରେ ରହିଛନ୍ତି । ୨୦୧୯ରେ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯାଇଥିଲା । ଭାରତ ସରକାର ମାଲ୍ୟାଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଆଇନଗତ ଲଢେ଼ଇ ଜାରି ରଖିଛନ୍ତି । ହେଲେ ଏହା ଏଯାଏ ସମ୍ଭବ ହୋଇନାହିଁ । ଆଉ ଏକ ୧୮୦ କୋଟି ଋଣ ଜାଲିଆତି ଘଟଣାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ମାଲ୍ୟାଙ୍କ ନାଁରେ ଗତବର୍ଷ ପୁଣି ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି । ହେଲେ ଭାରତ ସରକାର ତାଙ୍କୁ ବ୍ରିଟେନରୁ ଫେରାଇ ଆଣିବାକୁ ସକ୍ଷମ ହୋଇନାହାନ୍ତି ।

ସେହିପରି ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ଅଙ୍କଲ ମେହୁଲ ଚୋକସି ହେଉଛନ୍ତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ହୋଇଥିବା ୧୪ ହଜାର କୋଟି ଟଙ୍କାର ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ । ଉଭୟ କିଛି ବ୍ୟାଙ୍କ ଅଧିକାରୀଙ୍କ ସହ ମିଶି ପିଏନବି ସହ ଏପରି ଋଣ ଜାଲିଆତି କରିଛନ୍ତି । ଋଣ ଜାଲିଆତି ଘଟଣା ସାମ୍ନାକୁ ଆସିବା ପରେ ନୀରବ ମୋଦି ୨୦୧୮ରେ ଭାରତରୁ ଫେରାର ହୋଇଯାଇଥିଲେ । ସେହିବର୍ଷ ତାଙ୍କୁ ଲଣ୍ଡନରେ ଗିରଫ କରାଯାଇଥିଲା । ବର୍ତ୍ତମାନ ବ୍ରିଟେନ ଜେଲରେ ରହିଛନ୍ତି । ଭାରତର ପ୍ରତ୍ୟର୍ପଣ ଆବେଦନ ବିରୋଧରେ ସେ ବ୍ୟବହାର କରିଥିବା ସମସ୍ତ ଆଇନଗତ ବିକଳ୍ପ ଏବେ ଏକପ୍ରକାରର ଶେଷ ହୋଇଯାଇଛି । ତେଣୁ ତାକୁ ବ୍ରିଟେନ ସରକାର ଯେକୌଣସି ସମୟରେ ଭାରତକୁ ଫେରାଇ ଦେଇ ପାରନ୍ତି । ତାଙ୍କ ଅଙ୍କଲ ମେହୁଲ ଚୋକସି ଏବେ ଆଣ୍ଟିଗୁଆରେ ରହିଛନ୍ତି ।

ଏହି ୫ ଆତଙ୍କୀ ଓ ଅର୍ଥନୀତିକ ଅପରାଧୀଙ୍କ ବ୍ୟତୀତ ଆହୁରି ଅନେକ ପଳାତକ ଭାରତରୁ ଫେରାର ହୋଇ ବିଶ୍ୱର ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଛନ୍ତି । ସେମାନଙ୍କ ମଧ୍ୟରେ ବନ୍ଧୁକ ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀ ମଧ୍ୟ ରହିଛି । ସେ ବ୍ରିଟେନରେ ରହିଥିବା ବେଳେ ତା' ବିରୋଧରେ ଟିକସ ଫାଙ୍କିବା ଓ ମନି ଲଣ୍ଡରିଂ ଭଳି ମାମଲା ରୁଜୁ ହୋଇଛି ।

ମହାଦେବ ବେଟିଂ ଆପ୍ର ପ୍ରମୋଟର ସୌରଭ ଚନ୍ଦ୍ରଶେଖର ମଧ୍ୟ ମନି ଲଣ୍ଡରିଂ ମାମଲାର ଅଭିଯୁକ୍ତ । ୨୦୨୩ରେ ତା'କୁ ଦୁବାଇରେ ଗିରଫ କରାଯାଇଥିଲା । ତା'କୁ ଭାରତ ସରକାର ପ୍ରତ୍ୟର୍ପଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

# ପଦ୍ମ ବିଭୂଷଣ ପାଇବେ ଓସାମୁ ସୁଜୁକୀ



**ନୂଆଦଲ୍ଲୀ :** ସୁଜୁକୀ ମୋଟର କର୍ପୋରେସନର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତଃ ଓସାମୁ ସୁଜୁକୀଙ୍କୁ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯିବ । ଭାରତରେ ମାରୁତି କାରକୁ ଲୋକପ୍ରିୟ କରିବାରେ ତାଙ୍କର ପ୍ରମୁଖ ଅବଦାନ ଥିଲା । ମାରୁତି ସୁଜୁକୀ ଦ୍ୱାରା ନିର୍ମାଣ କରାଯାଇଥିବା ମାରୁତି ୮୦୦ କାରକୁ ସାଧାରଣ ଲୋକଙ୍କ କାର ବୋଲି କୁହାଯାଏ । ଭାରତରେ ଓସାମୁ ସୁଜୁକି ୧୯୮୨ ମସିହାରେ ଭାରତ ସରକାରଙ୍କ ସହ ଭାଗିଦାରୀରେ ମାରୁତି ଉଦ୍ୟୋଗ ଲିମିଟେଡ ପ୍ରତିଷ୍ଠା କରିଥିଲା, ଯାହା ଭାରତୀୟ ଅଟୋମୋବାଇଲ ଶିଳ୍ପରେ ବିପ୍ଳବ ଆଣିଥିଲା । ମାରୁତି ୮୦୦ ଭଳି ସୁଲଭ ଓ ସ୍ଥାୟୀ କାର୍ ଜରିଆରେ ସେ ଭାରତୀୟ ବଜାରରେ ସୁଜୁକିର ଆଧିପତ୍ୟକୁ ସୁଦୃଢ଼ କରିଥିଲେ । ୨୫ ଡିସେମ୍ବର ୨୦୨୪ରେ ତାଙ୍କର ଦେହାନ୍ତ ହୋଇଥିଲା ।

ପଦ୍ମ ବିଭୂଷଣ ପାଇଁ ଘୋଷଣା କରାଯାଇଥିବା ଅନ୍ୟ ବ୍ୟକ୍ତିମାନେ ହେଲେ ବିଶିଷ୍ଟ ମାଲାୟଲମ ସାହିତ୍ୟିକ ଏମଟି.ବାସୁଦେବନ ନାୟାର (ମରଣୋତ୍ତର), କଳା ପାଇଁ ସାରଦା ସିହ୍ନା ( ମରଣୋତ୍ତର), କଳା ପାଇଁ କୁମିଦିନୀ ରଜନୀକାନ୍ତ ଲାଖିଆ, ଲକ୍ଷ୍ମୀନାରାୟଣ ସୁବ୍ରମଣ୍ୟମ, ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜେଏସ କେହେର ଓ ଚିକିତ୍ସା ପାଇଁ ଡି. ନାଗେଶ୍ୱର ରେଡ୍ଡି ପଦ୍ମବିଭୂଷଣ ପାଇବେ । ଅନ୍ୟପକ୍ଷରେ ହକି ଖେଳାଳି ପିଆର ଶ୍ରୀଜେସ, ବିଶିଷ୍ଟ ଗାୟକ ପଙ୍କ ଉଧାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଶେଖର କପୁର ପଦ୍ମ ଭୂଷଣ ପାଇବେ । ସେହିପରି କ୍ରିକେଟ ଖେଳାଳି ଆର.ଅଶ୍ୱୀନ, ରାମ ମନ୍ଦିରର ସ୍ଥପତି ଚନ୍ଦ୍ରକାନ୍ତ ସୋମପୁରା ପଦ୍ମଶ୍ରୀ ପାଇବେ ।

# ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତିଙ୍କ ପୁଅ ଗିରଫ



**କଲମ୍ବୋ:** ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପକ୍ଷେଙ୍କ ପୁଅ ୟୋଶିତା ରାଜପକ୍ଷେଙ୍କୁ ପୁଲିସ ଗିରଫ କରିଛି । ଡେଜି ଫରେଷ୍ଟ ମାମଲାରେ ୟୋଶିତାଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ୟୋଶିତା ଜଣେ ପୂର୍ବତନ ନୌସେନା ଅଧିକାରୀ । ତାଙ୍କୁ ବେଲିଟାରୁ ଗିରଫ କରାଯାଇଛି । ୨୦୧୫ ପୂର୍ବରୁ ତାଙ୍କ ପିତାଙ୍କ ରାଷ୍ଟ୍ରପତିତ୍ୱ କାଳରେ ସମ୍ପତ୍ତି କ୍ରୟରେ ଅନିୟମିତତା କରିଥିବା ଅଭିଯୋଗ ହୋଇଛି । ମହିନ୍ଦା ରାଜପକ୍ଷେଙ୍କର ତିନି ପୁଅ ଅଛନ୍ତି ।

ୟୋଶିତା ତାଙ୍କର ଦ୍ୱିତୀୟ ପୁତ୍ର । ଏହି ମାମଲାରେ ଗତ ସପ୍ତାହରେ ୟୋଶିତାଙ୍କ କାକା ତଥା ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଥିଲା । ଅଭିଯୁକ୍ତ ୟୋଶିତା ଜଣେ ପୂର୍ବତନ ନୌସେନା ଅଧିକାରୀ । ତାଙ୍କୁ ବେଲିଟାରୁ ଗିରଫ କରାଯାଇଛି । ୨୦୧୫ ପୂର୍ବରୁ ତାଙ୍କ ପିତାଙ୍କ ରାଷ୍ଟ୍ରପତିତ୍ୱ କାଳରେ ସମ୍ପତ୍ତି କ୍ରୟରେ ଅନିୟମିତତା କରିଥିବା ଅଭିଯୋଗ ହୋଇଛି । ମହିନ୍ଦ୍ରା ରାଜପକ୍ଷେ ଶୁକ୍ରବାର ସୁପ୍ରିମକୋର୍ଟରେ ଏକ ମୌଳିକ ଅଧିକାର ପିଟିସନ୍ ଦାଖଲ କରିଥିବା ବେଳେ ଏହି ଗିରଫଦାରୀ ହୋଇଛି । ସେମାନଙ୍କ ସୁରକ୍ଷା ଫେରାଇ ଆଣିବା ପାଇଁ ସେ ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଗତ ମାସରେ ସରକାର ସେମାନଙ୍କ ସୁରକ୍ଷା କୁ ଯଥେଷ୍ଟ ହ୍ରାସ କରିଥିଲେ । ଲେଫ୍ଟନଣ୍ଟ କମାଣ୍ଡର ୟୋଶିତା ଜଣେ ପୂର୍ବତନ ନୌସେନା ଅଧିକାରୀ । ସେ ମଧ୍ୟ ଶ୍ରୀଲଙ୍କାର ରାଷ୍ଟ୍ରପତିଙ୍କ ସହାୟକ, ପ୍ରଧାନମନ୍ତ୍ରୀ ଅଫିସର ମୁଖ୍ୟ କର୍ମଚାରୀଭାବେ କାମ କରିଥିଲେ ।

## ୨୦୦୮ ମୁମ୍ବାଇ ଆତଙ୍କବାଦୀ ହାମଲା

# ଖଳନାୟକ ତାହାବୁର ହୁସେନ ପିଟିସନ ଖାରଜ



**ନୂଆଦିଲ୍ଲୀ:** ବହୁଚର୍ଚ୍ଚିତ ୨୦୦୮ ମୁମ୍ବାଇ ଆତଙ୍କବାଦୀ ହମଲାର ଅନ୍ୟତମ ଖଳନାୟକ ତାହାବୁର ହୁସେନ ରାଣାକୁ ଆମେରିକାରେ ବଡ଼ ଝଟକା ଲାଗିଛି । ଆତଙ୍କୀ ହମଲାରେ ଦୋଷୀ ସାବ୍ୟସ୍ତ ହୋଇ ସାରିଥିବା ରାଣା ଆମେରିକାରେ ନିଜର ଶେଷ ଆଇନଗତ ବିକଳ୍ପରେ ପରାସ୍ତ ହୋଇଛି । ଭାରତ ତା'କୁ ଆମେରିକାରୁ ଆଣିବାକୁ ଚାହୁଁଥିବା ବେଳେ ସେ ଦୀର୍ଘ ବର୍ଷ ହେଲାଣି ଆଇନ ଖେଳ ଖେଳି ଚାଲିଥିଲା ।

କିନ୍ତୁ ଶନିବାର ରାଣାର ସବୁ ଖେଳ ଖତମ ହୋଇଯାଇଛି । ଆମେରିକାର ସୁପ୍ରିମକୋର୍ଟ ଆଜି ଆତଙ୍କବାଦ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ରାଣାର ରିଭ୍ୟୁ ପିଟିସନକୁ ଖାରଜ କରି ଦେଇଛନ୍ତି । ଏହାର ଅର୍ଥ ଭାରତକୁ ତା'ର ପ୍ରତ୍ୟର୍ପଣ ହେବା ଏକ ପ୍ରକାରର ସୁନିଶ୍ଚିତ ହୋଇଛି । ସେହିପରି ଭାରତର ତା' ବିରୋଧରେ ୨୦୦୮ ମୁମ୍ବାଇ ଆତଙ୍କବାଦୀ ହମଲାର ବିଚାର ମଧ୍ୟ କରାଯିବ । ରାଣା ବ୍ୟତୀତ ଭାରତରେ ଅପରାଧ ଘଟାଇ ବିଦେଶ ଫେରାର ହୋଇଯାଇଥିବା ଆଉ କିଛି ପଳାତକଙ୍କୁ ମଧ୍ୟ ନୂଆଦିଲ୍ଲୀ ଏଠାକାର ନ୍ୟାୟିକ ପ୍ରକ୍ରିୟାରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଛି । ଏହି ପଳାତକଙ୍କ ମଧ୍ୟରେ ଉଭୟ ଆତଙ୍କବାଦୀ ଓ ଅର୍ଥନୀତିକ ଅପରାଧୀ ରହିଛନ୍ତି । ଗତ ମାସରେ ସରକାର କହିଥିଲେ ଯେ ସମସ୍ତ ପଳାତକଙ୍କ ମଧ୍ୟରୁ ଏକ ତୃତୀୟାଂଶ ଆମେରିକାରେ ରହିଛନ୍ତି । ଆମେରିକା ଏବେ ଅପରାଧୀ ଓ ଆତଙ୍କବାଦୀଙ୍କ ସୁରକ୍ଷିତ ଭୂସ୍ୱର୍ଗରେ ପରିଣତ ହୋଇଯାଇଛି । ପାକିସ୍ତାନର ମୂଳ ନାଗରିକ ରାଣା ଜଣେ କାନାଡିଆନ ବ୍ୟବସାୟୀ । ମୁମ୍ବାଇ ଆତଙ୍କୀ ହମଲାରେ ସେ ସାମିଲ ଥିଲା । ୨୦୦୮ରେ ହୋଇଥିବା ମୁମ୍ବାଇ ଟେରର ଆଟାକରେ ୧୬୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ପାକିସ୍ତାନ ଆର୍ମିରେ ରାଣା ଏକଦା ଡାକ୍ତର ଭାବେ କାର୍ଯ୍ୟ କରୁଥିଲା । ୨୦୦୮ ମୁମ୍ବାଇ ଆଟାକ ସମ୍ପର୍କରେ ସେ ଭଲ ଭାବେ ପୂର୍ବରୁ ଅବଗତ ରହିଥିଲା । ଡେନମାର୍କରେ ଆତଙ୍କୀ ହମଲା ଷଡ଼ଯନ୍ତ୍ର ଘଟଣାରେ ତା'କୁ ୨୦୦୯ରେ ଗିରଫ କରାଯାଇଥିଲା । ଏହି ମାମଲା ବ୍ୟତୀତ ସେ ଲସ୍କର-ଇ-ତାଏବାକୁ ସହଯୋଗ କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଛି । ଏବେ ଆମେରିକା ସୁପ୍ରିମକୋର୍ଟ ଭାରତକୁ ତା'ର ପ୍ରତ୍ୟର୍ପଣ ପାଇଁ ପଥ ପରିଷ୍କାର କରିଛନ୍ତି ।

# ରଣଜୀ ଟ୍ରଫି: ଓଡିଶା ସ୍ଥିତି ମଜଭୁତ

ଭୁବନେଶ୍ୱର,୨୫।୧(ସବ୍ୟୁ): ଚଳିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ-ଏ'ର ରୋମାଞ୍ଚଭରା ମ୍ୟାଚରେ ଓଡ଼ିଶାର ସ୍ଥିତି ଭଲ ରହିଛି । ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ମେଘାଳୟ ବିପକ୍ଷରେ ଓଡିଶା ୧୨୯ରନ୍ ଆଗରେ ରହିଛି । ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ ପରେ ଓଡିଶାର ବୋଲରମାନେ ଭଲ ବୋଲିଂ ମଧ୍ୟ ପ୍ରଦର୍ଶନ କରିଛନ୍ତି । ମେଘାଳୟ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୨୧ ରନ ସଂଗ୍ରହ କରିଛି । ଯଶକିରାତ ସିଂ ସଚଦେବ ୫୩ ଓ ୱାନାଲାମ୍ବୋକ ନୋନ ଗୋକାଲ ୧୯ ରନ କରି ଅପରାଜିତ ରହିଛନ୍ତି । ଓଡିଶା ପକ୍ଷରୁ ରାଜେଶ ମହାନ୍ତି ଓ ସୁନୀଲ ରାଉଲ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି । ପୂର୍ବରୁ ମେଘାଳୟର ପ୍ରଥମ ଇନିଂସ ସ୍କୋର ୧୯୮ ରନ ଜବାବରେ ଓଡିଶା ଗୋବିନ୍ଦ ପୋଦ୍ଦାର ଓ ରାଜେଶ ଧୂପରଙ୍କ ଶତକ ବଳରେ ୭ ୱିକେଟ ବିନିମୟରେ ୫୪୮ ରନ କରି ଇନିଂସ ଘୋଷଣା କରିଥିଲା । ଗୋବିନ୍ଦ ୧୨୧ ଓ ରାଜେଶ ୧୦୨(ନଟଆଉଟ) ରନ କରିଥିଲେ । ନଫୀସ ସିଦ୍ଦିକ ମେଘାଳୟ ପକ୍ଷରୁ ସର୍ବାଧିକ ୩ଟି ୱିକେଟ ନେଇଥିଲେ । ରବିବାର ମ୍ୟାଚର ଅନ୍ତିମ ଦିବସ । ମେଘାଳୟକୁ ଇନିଂସ ପରାଜୟ କରିବା ପାଇଁ ଓଡିଶା ଯଥାସମ୍ଭବ ଉଦ୍ୟମ କରିବ । ଏଲିଟ ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡିଶା ଏ ପର୍ଯ୍ୟନ୍ତ ୫ଟି ମ୍ୟାଚରେ ୧୦ ପଏଣ୍ଟ ହାସଲ କରି ଟେବୁଲରେ ୫ମ ସ୍ଥାନରେ ରହିଛି । ଜମ୍ମୁ ଏବଂ କଶ୍ମୀର ୨୯ ପଏଣ୍ଟ ସହ ଶୀର୍ଷରେ ରହିଛି ।






# ଟିମ୍ ଇଣ୍ଡିଆର ବିଜୟ ତୀଲକ

ଚେନ୍ନାଇ,୨୫।୧(ଏଜେନ୍ସି): ଚେନ୍ନାଇର ଏମ୍ ଚିଦାମ୍ବରମ୍ ଷ୍ଟାଡିୟମରେ ଶନିବାର ଟିମ୍ ଇଣ୍ଡିଆର ଯୁବ ବ୍ୟାଟର ତୀଲକ ବର୍ମାଙ୍କ ବ୍ୟାଟ୍ ଗର୍ଜିଛି । ପଡିଆର ଚତୁରଦିଗକୁ ଚୌକା ଛକାର ବର୍ଷ କରି ଭ୍ରମଣକାରୀ ଇଂଲଣ୍ଡକୁ ଧରାଶାୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ତୀଲକ । ୭୨ ରନର ମ୍ୟାଚ ବିଜୟୀ ଇନିଂସ୍ ଖେଳି ଭାରତୀୟ ଦଳର ମଉଡମଣୀ ସାଜିଛନ୍ତି । ଭାରତ ଓ ଇଂଲଣ୍ଡ ମଧ୍ୟରେ ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଚେନ୍ନାଇରେ ଖେଳାଯାଇଛି । ଏହି ମ୍ୟାଚରେ ଭାରତ ୨ ୱିକେଟରେ ଇଂଲଣ୍ଡକୁ ଧରାଶାୟୀ କରି ୫ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ହାସଲ କରିଛି । ଟସ୍ ଜିତି ଟିମ୍ ଇଣ୍ଡିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଏହା ସହିତ ଇଂଲଣ୍ଡ ଦଳ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇ ଧାର୍ଯ୍ୟ ୨୦ ଓଭରରେ ୯ ୱିକେଟ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା । ଜବାବରେ ଟିମ୍ ଇଣ୍ଡିଆ ୧୯.୨ ଓଭରରେ ୧୬୬/୮ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ମ୍ୟାଚ ବିଜୟୀ ଇନିଂସ୍ ପାଇଁ ତୀଲକ ବର୍ମାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।




ଅଧିନାୟକ ଜୋସ୍ ବଟଲର୍ ସର୍ବାଧିକ ୪୫ ରନ୍ କରିଥିବାବେଳେ ହ୍ୟାରି ବ୍ରୁକ୍ ୧୩ ରନ୍, ଲିୟାମ୍ ଲିଭିଂଷ୍ଟୋନ୍ ୧୩ ରନ୍, ଜେ ସ୍ମିଥ୍ ୨୨ ରନ୍, ବ୍ରାଇଡୋନ୍ କାର୍ସ ୩୧ ରନ୍ କରିଥିଲେ । ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଇଂଲଣ୍ଡର ଆରମ୍ଭ ଭଲ ହୋଇ ନଥିଲା । ପ୍ରଥମ ଓଭରରେ ଅର୍ଶଦୀପ ସିଂ ଫିଲ୍ ସଲ୍ଟଙ୍କୁ ଆଉଟ୍ କରିଥିଲେ । ଫିଲ୍ ୩ ବଲରେ ୪ ରନ୍ କରି ଆଉଟ୍ ହୋଇଥିଲେ । ବେନ୍ ଡକେଟ୍ ୬ ବଲରେ ୩ ରନ୍ କରିବା ପରେ ପାଭିଲିୟନ ଫେରିଥିଲେ ।

ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ସ୍ଥିତି ସମ୍ଭାଳିଥିଲେ । ସେ ଦ୍ରୁତ ଗତିରେ ରନ୍ ସଂଗ୍ରହ ଜାରି ରଖିଥିଲେ । ୩୦ ବଲରେ ୪୫ ରନ୍ ସ୍କୋର କରି ଅକ୍ଷର ପଟେଲଙ୍କ ଶିକାର ହୋଇଥିଲେ । ସେ ତାଙ୍କ ଇନିଂସରେ ୨ ଚୌକା ଓ ୩ ଛକା ମାରିଥିଲେ । ଏହା ପରେ ୱିକେଟ୍ ଖସିବାର ପ୍ରକ୍ରିୟା ପୁଣି ଆରମ୍ଭ ହୋଇଥିଲା ।

ଜାମି ସ୍ମିଥ ୧୨ ବଲରେ ୨୨ ରନର ଭଲ ଇନିଂସ ଖେଳିଥିଲେ । ସେ ତାଙ୍କ ଇନିଂସରେ ଗୋଟିଏ ଚୌକା ଏବଂ ୨ ଛକା ମାରିଥିଲେ । ଏହା ବ୍ୟତୀତ ହ୍ୟାରି ବ୍ରୁକ୍, ଲିଆମ୍ ଲିଭିଙ୍ଗଷ୍ଟୋନ୍ ଏବଂ ଜେମି ଓଭରଟନଙ୍କ ଭଳି ବ୍ୟାଟରମାନେ ନିରାଶ କରିଥିଲେ । ନିମ୍ନ କ୍ରମରେ, ବ୍ରିଡେନ କେସ୍ ୧୭ ବଲରେ ୩୧ ରନର ଭଲ ଇନିଂସ ଖେଳିଥିଲେ । ଭାରତୀୟ ବୋଲର ଅକ୍ଷର ପଟେଲ ଏବଂ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଏହା ବ୍ୟତୀତ ଅର୍ଶଦୀପ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ୍ ସୁନ୍ଦର ଏବଂ ଅଭିଷେକ ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ୧୬୬ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ଆରମ୍ଭରୁ ୱିକେଟ୍ ହରାଇଚାଲିଥିଲା।

କିନ୍ତୁ ଏକାକୀ ତୀଲକ ବର୍ମା ସାଥି ଖେଳାଳିଙ୍କ ସହ ଛୋଟ ଛୋଟ ପାର୍ଟନରସିପ୍ କରି ମ୍ୟାଚର ଶେଷ ଓଭର ପର୍ଯ୍ୟନ୍ତ ରୋମାଞ୍ଚ ଭରି ଦେଇଥିଲେ । ଓପନର ଅଭିଶେକ ଶର୍ମା ୧୨ରନ୍, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୨ରନ୍, ୱାଶିଂଟନ୍ ସୁନ୍ଦର ୨୬ରନ୍ କରିଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନଥିଲେ । ଏହାସତ୍ତ୍ୱେ ସାହସିକତା ଦେଖାଇ ତୀଲକ ବର୍ମା ୫୫ବଲରୁ ୪ ଚୌକା ଓ ୫ ଛକା ସହାୟତାରେ ୭୨ରନର ଅପରାଜିତ ଇନିଂସ୍ ଖେଳି ଇଂଲଣ୍ଡର ବିଜୟ ଆଶାରେ ପୂର୍ଣ୍ଣଛେଦ ପକାଇଥିଲେ । ବ୍ରେଡନ୍ କାର୍ସେ ସର୍ବାଧିକ ୩ ୱିକେଟ ସଫଳତା ହାସଲ କରିଥିଲେ ।

## ଅନ୍ତର୍ଜାତୀୟ ତାଇକୋଣ୍ଡୋରେ ଭାଗ ନେବେ ଶ୍ରେୟାଂଶ

ଅନୁଗୋଳ,୨୫।୧ (ସବ୍ୟୁ): ଚଳିତ ମାସ ୨୮ ତାରିଖ ଠାରୁ ଆସନ୍ତା ଫେବୃଆରୀ ୨ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ନେପାଳର ପୋଖରା ଠାରେ ଅନୁଷ୍ଠିତ ହେବାକୁଯାଉଅଛି, ଉକ୍ତ ପ୍ରତିଯୋଗିତାରେ ଅଂଶ୍ରହଣ କରିବା ପାଇଁ ଅନୁଗୋଳ ଜିଲ୍ଲାର ହାତୀଶାଳ ପଡା ସ୍ଥିତ ପିତା ବିଶ୍ୱରଞ୍ଜନ ସାହୁ ଓ ମାତା ସୂର୍ଯ୍ୟସ୍ନାତା ସାହୁଙ୍କ ସୁପୁତ୍ର ଶ୍ରେୟାଂଶ ସାହୁ ଅଂଶ ଗ୍ରହଣ କରିବେ । ଶ୍ରେୟାଂଶର ବୟସ ବର୍ତ୍ତମାନ ୮ ବର୍ଷ ଓ ଦିଲ୍ଲୀ ପବ୍ଲିକ ସ୍କୁଲ ନାଲକୋ ନଗର ଅନୁଗୋଳର ଦ୍ୱିତୀୟ ଶ୍ରେଣୀରେ ବିଦ୍ୟା ଅଧ୍ୟୟନ କରୁଛନ୍ତି, ଅନୁଗୋଳ ଜିଲ୍ଲା ତାଇକୋଣ୍ଡୋ ସଂଘର ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥଙ୍କ ନିକଟରୁ ଦୀର୍ଘ ଦୁଇ ବର୍ଷ ହେଲା ଶିକ୍ଷା ଲାଭ କରି ବିଭିନ୍ନ ଖେଳରେ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରୀୟ ଖେଳରେ ପଦକ ହାସଲ କରି ଜିଲ୍ଲାର ଗୌରବ ଆଣିଛନ୍ତି, ମାତ୍ର ୮ ବର୍ଷର ବାଳକ ଦୁଇ ବର୍ଷ ଭିତରେ ୫ ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏବେ ଅନ୍ତର୍ଜାତୀୟ ସ୍ତର ରେ ଅଂଶଗ୍ରହଣ କରି ପଦକ ହାସଲ କରିବାକୁ ମନବଳାଇଛନ୍ତି, ପିଲାଟି ଭିତରେ ଏଭଳୀ ଖେଳପ୍ରତି ଆଗ୍ରହ ଥିବାରୁ, ଜିଲ୍ଲା କ୍ରୀଡ଼ା ଅଧିକାରି ଅକ୍ଷୟ କୁମାର ସେଠ, ଅନୁଗୋଳ ତାଇକୋଣ୍ଡୋ ସଙ୍ଘ ଅନୁଗୋଳ ର ସଭାପତି ନିଳମଣୀ ରାଉତ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଅନୁଗୋଳ ଜିଲ୍ଲା ବିକାଶ ପରିଷଦ ର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ପର୍ଶୁରାମ ଦାସ, ନିର୍ମଳ ଅଗରୱାଲ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେତା ପିଲାଟିକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି ।


ଶୁଭ ବିବାହ ୨୬ ଜାନୁଆରୀ ୨୦୨୫



ଅଭିପ୍ସା
ସହିତ
ଆଶୁତୋଷ

ବିବାହ ଦିବସରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା । ଉଭୟଙ୍କ ଚଲାପଥ କୁସୁମିତ ହେଉ ସାଂସାରିକ ଜୀବନ ସୁଖମୟ ହେଉ, ଏତିକି ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ଶୁଭେଚ୍ଛାସହ : ବନ୍ଧୁ ବାନ୍ଧବ ଓ ପରିବାର










**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି